78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୨୫ ● କଟକ ● ସୋମବାର ● ୩୦ ଜୁନ୍-୨୦୨୫ ● ମିଥୁନ-୧୯ ● ସାଲ୍-୧୪୩୧
CUTTACK ● MONDAY ● 30 JUNE-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ଶରଧାବାଳିରେ ଦଳାଚକଟା

## ମାଡ଼ିଆସିଲା ଚାରମାଳ ବୋଝେଇ ଟ୍ରକ୍, ଆଖିବୁଜିଲେ ୩ ଶ୍ରଦ୍ଧାଳୁ

- ❑କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ମୁଖ୍ୟମନ୍ତ୍ରୀ
- ❑ବଦଳିଲେ ପୁରୀ ଜିଲ୍ଲାପାଳ, ଏସ୍‌ପି
- ❑ଚଞ୍ଚଲ ରଣା, ପିନାକ ମିଶ୍ରଙ୍କୁ ତତ୍କାଳ ଦାୟିତ୍ୱ
- ❑୨ ପୁଲିସ୍ ଅଧିକାରୀ ସସ୍‌ପେଣ୍ଡ
- ❑ପ୍ରଶାସନିକ ତଦନ୍ତ କରିବେ ଉନ୍ନୟନ କମିଶନର
- ❑ରଥ ପରିଚାଳନା ଦାୟିତ୍ୱରେ ଅରବିନ୍ଦ ଅଗ୍ରୱାଲ
- ❑ପୁଲିସ୍ ପରିଚାଳନା ବୁଝିବେ ଏଡିଜି ସୌମେନ୍ଦ୍ର

**ପୁରୀ,(ପିପିଏସ୍):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବିଗତ ଦୁଇଦିନ ଧରି ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବାପରେ ଆକ୍ସନମୋଡ୍‌କୁ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। ସମଗ୍ର ଘଟଣାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବା ସହ ପୁରୀ ଜିଲ୍ଲାପାଳ ଓ ପୁଲିସ ଏସ୍‌ପିଙ୍କୁ ତତ୍କାଳ ପ୍ରଭାବରୁ ବଦଳି ଏବଂ ରଥଯାତ୍ରା ସୁରକ୍ଷା ଦାୟିତ୍ୱରେ ମୁତୟନ ଡିସିପି ବିଷ୍ଣୁପ୍ରସାଦ ପତି ଓ ଓଏଏସ୍‌ଏପି କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ଏହାସହିତ ଉଚ୍ଚଶିକ୍ଷା ସଚିବ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲଙ୍କୁ ସମଗ୍ର ରଥଯାତ୍ରା ପରିଚାଳନାର ତଦାରଖ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛନ୍ତି। ଆଗାମୀ ଦିନରେ ଆଉ କିଛି ବରିଷ୍ଠ ଅଫିସରଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଙ୍କେତ ଦେବା ସହ ଆଜିର ତ୍ୱରିତ୍ କଡ଼ା କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶାସନିକ ମହଲରେ କମ୍ପନ ସୃଷ୍ଟିହୋଇଛି। ସୂଚନା ଅନୁସାରେ, ପୁରୀ ଶରଧାବାଲିରେ ରବିବାର ଭୋର ୪ଟାରେ ଦଳାଚକଟାରେ ୩ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଓ ବହୁସଂଖ୍ୟକ ଲୋକ ଆହତ ହୋଇଥିବାର ଖବର ମିଳିବା ପରେ ସକାଳୁ ସକାଳୁ ରାଜ୍ୟ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆକ୍ସନମୋଡ୍‌କୁ ଆସି ପୁଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଥିଲା। ପ୍ରାରମ୍ଭିକ ରିପୋର୍ଟ ଆସିବା ପରେ ରଥଯାତ୍ରା ଦାୟିତ୍ୱରେ ନିୟୋଜିତ ଦୁଇ ବରିଷ୍ଠ ପୁଲିସ ଅଧିକାରୀ ବିଷ୍ଣୁପ୍ରସାଦ ପତି ଓ ଅଜୟ କୁମାର ପାଢ଼ୀଙ୍କୁ ନିଲମ୍ବନ କରାଯାଇଥିଲା। ଏହାହିତ ରଥ ଦାୟିତ୍ୱରେ ଥିବା ଜିଲ୍ଲା ଏସ୍‌ପି ବିନୀତ ଅଗ୍ରୱାଲ ଓ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଯଥାକ୍ରମେ ପୁଲିସ ମୁଖ୍ୟାଳୟରେ ଓଏସ୍‌ଡି ଓ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ତତ୍କାଳ ପ୍ରଭାବରୁ ବଦଳି ହୋଇଛି। ସେମାନଙ୍କ ସ୍ଥାନରେ ଏସ୍‌ପି ଭାବେ ପିନାକ ମିଶ୍ର(ଡିଆଇଜି ଏସ୍‌ଟିଏଫ୍) ଓ ଚଞ୍ଚଳ ରାଣା(ଖୋର୍ଦ୍ଧା ଜିଲ୍ଲାପାଳ)ଙ୍କୁ ନିଯୁକ୍ତି ଦିଆ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଥିଲା। ଉଭୟ ଅଫିସର ଇତିମଧ୍ୟରେ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ(ପୁରୀର ପୂର୍ବତନ ଜିଲ୍ଲାପାଳ)ଙ୍କୁ ସମଗ୍ର ରଥଯାତ୍ରାର ତଦାରଖ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀ ଅଗ୍ରୱାଲ ତାଙ୍କ ଛୁଟି ବାତିଲ କରି ସକାଳେ ଭୁବନେଶ୍ୱର ଫେରି ପୁରୀ ଯାଇଥିବା ଜଣାପଡ଼ିଛି। ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପୁଲିସ୍ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଅବ୍ୟବସ୍ଥା ଓ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷମା ମାଗିଛନ୍ତି। ଏହି ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଗଜପତି ମହାରାଜା। ସେ କହିଛନ୍ତି, ଦଳାଚକଟା ଘଟଣାରେ ମର୍ମାହତ। ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଜୁନ୍ ପ୍ରଥମ ସପ୍ତାହରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷାବେଳେ ପୁଲିସ ଡିଜି ୱାଇବି ଖୁରାନିଆ ନିଜେ ରଥଯାତ୍ରାରେ ୧୫ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ଓ ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଭିଡ଼ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୁଲିସର ଅତ୍ୟାଧୁନିକ 'ଇଣ୍ଟିଗ୍ରେଟେଡ୍ କମାଣ୍ଡ କଂଟ୍ରୋଲ ରୁମ୍' ଓ ରଥଯାତ୍ରା ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଫେଲ୍ ମାରିଥିବାରୁ ଦଳାଚକଟା ଓ ଭିଡ଼ ନିୟନ୍ତ୍ରଣ ହୋଇପାରିନଥିବା କୁହାଯାଉଛି। ଯେଉଁଥିପାଇଁ ଏହି ଦାୟିତ୍ୱରେ ଥିବା ଅତିରିକ୍ତ ଡିଜି ଦୟାଳ ଗଙ୍ଗୱାର ଓ ପୁଲିସ ଡିଜି ଖୁରାନିଆଙ୍କୁ ମଧ୍ୟ ସରକାରଙ୍କ କୋପର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି। ଚଳିତବର୍ଷ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଓ ଅଘଟଣମୁକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜୁନ୍ ପ୍ରଥମ ସପ୍ତାହରେ ଉଚ୍ଚସ୍ତରୀୟ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତିଭୂଷଣ ଜେନା ସଦସ୍ୟ ଏବଂ ଆଇନ ସଚିବଙ୍କୁ ସଂଯୋଜକ ଭାବେ ନିଯୁକ୍ତି ମିଳିଥିଲା। ଏହି କମିଟି ଜୁନ୍ ୧୯ତାରିଖରେ ପୁରୀ ଗସ୍ତ କରି ଦିନତମାମ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ରଥଯାତ୍ରା ସହ ଜଡ଼ିତ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ମନ୍ତ୍ରିସ୍ତରୀୟ କମିଟି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସର, ବଡ଼ଦାଣ୍ଡ, ରଥଖଳା ଏବଂ ପୁରୀ ଜିଲ୍ଲା ମୁଖ୍ୟ ହସ୍ପିଟାଲ, ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା, କମାଣ୍ଡ ଓ କଂଟ୍ରୋଲ ସେଣ୍ଟର, ତୀର୍ଥଯାତ୍ରୀଙ୍କ ପାଇଁ ଅସ୍ଥାୟୀ ରହଣୀସ୍ଥଳ ଆଦିକୁ ଗସ୍ତ କରି ସେଠାରେ ତଦାରଖର ସମୀକ୍ଷା କରିଥିଲେ। ଏହାପରେ ପୁଲିସ ଡିଜି, ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ବିଭିନ୍ନ ପର୍ଯ୍ୟାୟରେ ମଧ୍ୟ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ମଧ୍ୟ ପ୍ରାୟ ୧୦୦ରୁ ଅଧିକ ଓଡ଼ିଶା ପ୍ରଶାସନିକ ସେବା ଅଫିସରଙ୍କୁ ରଥଯାତ୍ରାରେ ନିୟୋଜିତ କରିଥିଲେ। ପୁଲିସ ଡିଜି ଶ୍ରୀ ଖୁରାନିଆ ନିଜେ ୫ଦିନ ଧରି ଆଗୁଆ ପୁରୀରେ ଡେରା ପକାଇଥିଲେ। ଏସବୁ ସତ୍ତ୍ୱେ ଚଳିତ ରଥଯାତ୍ରାରେ ଅବ୍ୟବସ୍ଥା ପୂର୍ବର ସବୁବର୍ଷକଙ୍କୁ ଟପି ଯାଇଥିଲା। ଚଳିତଥର ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କୁ ଗୋଟିଏ ସ୍ଥାନରେ ବସିବାର ବ୍ୟବସ୍ଥା ହୋଇନଥିଲା। ଏପରିକି କିଛି ଆଗଧାଡ଼ିର ଅଭିଜ୍ଞ ଆଇପିଏସ୍ ମଧ୍ୟ ସମ୍ପୂର୍ଣ୍ଣ ଅନୁପସ୍ଥିତ ଥିଲେ। ରଥଯାତ୍ରା ଦିନ ହିଁ ପୁଲିସ ବିଭାଗରେ ସମନ୍ୱୟ ଅଭାବ ସ୍ପଷ୍ଟଭାବେ ବାରି ହୋଇପଡ଼ିଥିଲା। ପୁଲିସ ଡିଜିଙ୍କ ଉପସ୍ଥିତି ସତ୍ତ୍ୱେ ଏଭଳି ଅଭାବନୀୟ ଆଇନଶୃଙ୍ଖଳା ପରିସ୍ଥିତି ଓ ଭିଡ଼ ନିୟନ୍ତ୍ରଣ କାହିଁକି ହେଲାନି, କମାଣ୍ଡ କଂଟ୍ରୋଲ ସେଣ୍ଟର କାହିଁକି ଫେଲ୍ ମାରିଲା ଏବଂ ବିଶେଷକରି ଦୁଇଟି ଟ୍ରକ୍ କିଭଳି ରଥ ନିକଟକୁ ଆସିଲା। କାହିଁକି ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରାଗଲାନି ତାକୁ ନେଇ ପ୍ରଶ୍ନଉଠିଛି। ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସମଗ୍ର ରଥଯାତ୍ରାରେ ପୁଲିସ ବ୍ୟବସ୍ଥାର ତଦାରଖ ନ୍ୟସ୍ତ ହୋଇଛି। ପୂର୍ବରୁ ଏହି ଦାୟିତ୍ୱରେ ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ରହିଥିଲେ।



| | |
|---|---|
| ୨୦୨୫ ରଥଯାତ୍ରା: | ଶରଧାବାଲି ସମ୍ମୁଖରେ ୩ମୃତ |
| ୨୦୧୫ ବାହୁଡ଼ା ଯାତ୍ରା: | ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ |
| ୨୦୧୦ ରଥଯାତ୍ରା: | ଜଣେ ମହିଳା ମୃତ |
| ୨୦୦୮ ରଥଯାତ୍ରା: | ୬ଜଣଙ୍କ ମୃତ୍ୟୁ |
| ୨୦୦୬ ରଥଯାତ୍ରା: | ୪ଜଣଙ୍କ ମୃତ୍ୟୁ |
| ୧୯୯୭ ରଥଯାତ୍ରା: | ୪ଜଣଙ୍କ ମୃତ୍ୟୁ |
| ୧୯୭୮ ରଥଯାତ୍ରା: | ୩ ଜଣଙ୍କ ମୃତ୍ୟୁ |

## କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ପିପିଏସ୍):** ପୁରୀ ଦଳାଚକଟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। କ୍ଷମା ମାଗିବା ସହ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଜନିତ

### ମୃତକଙ୍କ ପରିବାରକୁ ୨୫ଲକ୍ଷ ଲେଖାଏଁ ସହାୟତା

ଠେଲାପେଲା କାରଣରୁ ଘଟିଥିବା ଅଘଟଣ ପାଇଁ ବ୍ୟକ୍ତିଗତ ଭାବେ ମୁଁ ଏବଂ ମୋ ସରକାର ସମସ୍ତ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ। ଯେଉଁ ଭକ୍ତମାନଙ୍କର ଜୀବନଦୀପ ଶରଧାବାଲିରେ ଲିଭିଯାଇଛି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି ଭଳି ଏକ ଦାରୁଣ ଦୁଃଖକୁ ସହିବା ପାଇଁ ଶକ୍ତି ଦେବାପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଏହି ଅବହେଳା ଅକ୍ଷମଣୀୟ। ସୁରକ୍ଷା ଅବହେଳାର ତୁରନ୍ତ ତଦନ୍ତ କରାଯିବ ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଘଟଣାର ସମ୍ପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆଇଏଏସ୍ ଅରବିନ୍ଦ ଅଗ୍ରୱାଲଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ନିଷ୍ପତ୍ତି ନେଇ ସିଧାସଳଖ ଶ୍ରୀମନ୍ଦିର ପ୍ରଶାସକଙ୍କ ଉପରେ ସରକାର ଅସନ୍ତୁଷ୍ଟ ଥିବାର ପ୍ରମାଣ ଦେଇଛନ୍ତି। ରଥଯାତ୍ରାରେ ଅବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀ ସରକାରଙ୍କ ପକ୍ଷରୁ କ୍ଷମା ମାଗିଥିଲେ ମଧ୍ୟ କିଛି ବରିଷ୍ଠ ଅଫିସରଙ୍କ ଉପରେ ଛାଟ ପଡ଼ିପାରେ ବୋଲି ଜଣାପଡ଼ିଛି।



## ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ,(ପିପିଏସ୍):** ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ରଥତ୍ରୟ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ରହିଛି। ରବିବାର ରଥ ଉପରେ ନୀତିକାନ୍ତି ଶେଷ ପରେ ଚାରମାଳ ବନ୍ଧାହେବା ପରେ ଗୋଟିପହଣ୍ଡିରେ ଶ୍ରୀବିଗ୍ରହମାନେ ଆଡ଼ପମଣ୍ଡପକୁ ବିଜେ କରିଛନ୍ତି। ସୋମବାରଠାରୁ ଭକ୍ତଙ୍କୁ ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ। ସେହିପରି ସୋମବାରଠାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇବେ। ଆଡ଼ପ ପହଣ୍ଡି ନିମନ୍ତେ ରବିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମୁଦିରସ୍ତଙ୍କ ଦ୍ୱାରା ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ଶ୍ରୀବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ୭ ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ, ପରେ ରାମକୃଷ୍ଣ ଓ ଶେଷରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ସେହିପରି ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୋଟିପହଣ୍ଡିରେ ଆଡ଼ପମଣ୍ଡପକୁ ବିଜେ କରାଯାଇଥିଲା।

### ଆଜିଠୁ ଭକ୍ତଙ୍କୁ ମିଳିବ ଆଡ଼ପ ଅବଢ଼ା

## ସମ୍ପାଦକୀୟ
### ଭାରତ ଓ ଆମେରିକା

### ବାଟେଘାଟେ



ବମ୍ବେରେ ନବୀନ କେମିତି ଅଛନ୍ତି
କାହାକୁ ନାହିଁ ଟି ଜଣା
ରଥଯାତ୍ରା ବେଳେ ଶୋଇବଖାଣନ୍ତି
ବିଜେପି ଶାସନ କଣା
ଚକାଆଖି ସବୁ ଦେଖୁଛି କହନ୍ତି
ବୁଲାଇ କଳ ଗାଉଣା
କ୍ରୀତଦାସ ପାଣ୍ଡୁରାମଙ୍କ ଫର୍ମୁଲା
ଭିତିରିଆ ବୁଝାମଣା
ଆନ ଶଙ୍ଖନେତା ଦର୍ଶନୁ ବଂଚିତ
ସତେକି ଅନ୍ଧାର କଣା
ବେଳ ଆସୁଅଛି ପ୍ରେମ କଟୁରିରେ
ଖାଇବେ କେତେକ ହଣା
ଚାଲିଅଛି ଦିନ ଗଣା -ରାହୀ

## 'ମନ୍ କୀ ବାତ୍'ରେ ମହାପ୍ରଭୁଙ୍କୁ ସ୍ମରଣକଲେ ମୋଦୀ

**ନୂଆଦିଲ୍ଲୀ,(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୩ ତମ ସଂସ୍କରଣରେ ଦେଶର କୋଟି କୋଟି ଜନତାଙ୍କୁ ସମ୍ବୋଧିତ କରିଛନ୍ତି। ଏହାସହ ସେ ଓଡ଼ିଶାର ରଥଯାତ୍ରା ସମ୍ପର୍କରେ ପ୍ରକାଶ କରିଛନ୍ତି। ଆନ୍ତର୍ଜାତିକ ଯୋଗ ଦିବସର ସଫଳତା, ଦେଶରେ ୧୯୭୫ ମସିହାରେ ଲାଗିଥିବା ଜରୁରୀକାଳୀନ ପରିସ୍ଥିତି ଏବଂ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରୁଥିବା କାହାଣୀ ଉପରେ ନିଜର ବକ୍ତବ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାର ରଥଯାତ୍ରା ସମ୍ପର୍କରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ସାରା ଦେଶରେ ଏବେ ଧାର୍ମିକ ଯାତ୍ରା ଅନୁଷ୍ଠିତ ହେଉଛି। ଆମେ ଏବେ ଭଗବାନ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଦେଖିଲୁ। ସେହିପରି ମାନସରୋବର ଯାତ୍ରା ଆରମ୍ଭ ହୋଇଯାଇଛି। ଯାହା ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମହତ୍ୱ ରଖିଥାଏ। ଯେଉଁମାନେ ଜରୁରୀକାଳୀନ ପରିସ୍ଥିତି ଦେଶରେ ଲାଗୁ କରିଥିଲେ, ସେମାନେ ସମ୍ବିଧାନର ହତ୍ୟା କରିବା ସହିତ ନ୍ୟାୟପାଳିକାକୁ ନିଜ ହାତର କଣ୍ଢେଇ କରିଦେଇଥିଲେ ବୋଲି କହିଛନ୍ତି ମୋଦୀ।

Mann Ki Baat

## ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ଭୁବନେଶ୍ୱର,(ପିପିଏସ୍):** ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ ରବିବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହା ପୂର୍ବରୁ ବରିଷ୍ଠ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେ କେନ୍ଦ୍ରକୁ ଯିବା ପରେ ଶାଶ୍ୱତ ମିଶ୍ରଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି। ୧୯୯୬ ବ୍ୟାଚ୍‌ର ଆଇଏଏସ ଅଫିସର ଶାଶ୍ୱତ ମିଶ୍ର ଏବେ ଅର୍ଥ ବିଭାଗର ପ୍ରମୁଖ ସଚିବ ସହିତ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଶାଶ୍ୱତ ପୂର୍ବରୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ରାଜ୍ୟ ପ୍ରଶାସନରେ ଜଣେ ଦକ୍ଷ ଅଫିସର ଭାବରେ ତାଙ୍କର ପରିଚୟ ରହିଛି। ଅନ୍ୟପକ୍ଷରେ ରବିବାର ଭୋରରେ ପୁରୀ ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁଘଟିବା ପରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ବଦଳି କରାଯାଇଛି। ଏନେଇ ମଧ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତାଙ୍କ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ପୁରୀ ଜିଲ୍ଲାପାଳ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ଚଞ୍ଚଳ ରାଣା ପୁରୀ ଯାଇ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ଆଇଏଏସ୍ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ, ଶରଧାବାଲିରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ମଧ୍ୟ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ନିଯୁକ୍ତ କରାଯାଇଛି ଓ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି ଶରଧାବାଲି ଦଳାଚକଟା ଘଟଣା ପରେ ରଥଯାତ୍ରାର ସୁପରଭିଜନ ପାଇଁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଏବେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି।




## ସ୍ଥଗିତ ରହିଲା ବିଜେପି ରାଜ୍ୟ ସଭାପତି ନିର୍ବାଚନ

**ଭୁବନେଶ୍ୱର,(ପିପିଏସ୍):** ପୁରୀରେ ଯେଉଁ ଦୁର୍ଘଟଣା ଘଟିଲା ଏଥିରେ ଆମେ ମର୍ମାହତ ଅଛୁ। ଯାହା ସମସ୍ତଙ୍କୁ ମର୍ମାହତ କରିଛି। ତେଣୁ ବିଜେପି ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ସ୍ଥଗିତ କରୁଛି। ଏହାସହ ସବୁ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ କରୁଛି ଦଳ। ଆଗାମୀ ଦିନରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା କରି ପୁଣି ଥରେ ତାରିଖ ନିର୍ଦ୍ଧାରଣ କରାଯିବ ବୋଲି କହିଛନ୍ତି ସାଂସଦ ପ୍ରତାପ ଷଡ଼ଙ୍ଗୀ। ସୂଚନାଯୋଗ୍ୟ, ଶନିବାର ଅର୍ଥାତ ଜୁନ୍ ୨୯ରୁ ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ଥିଲା। ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା ବି ଆରମ୍ଭ ହୋଇଥାନ୍ତା। ୩ ଦିନ ଧରି ଚାଲିବାର ଥିଲା ନିର୍ବାଚନ ପ୍ରକ୍ରିୟା। ଏନେଇ ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ତେବେ ପୁରୀରେ ଶରଧାବାଲିରେ ଦଳାଚକଟା କାରଣରୁ ୩ଜଣଙ୍କ ମୃତ୍ୟୁଘଟିଥିଲା। ଏହି ଘଟଣା ସମଗ୍ର ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ କ୍ଷମା ମାଗିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯାଇଛି। ଏହା ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ କହିଥିଲେ, ରାଜ୍ୟ ସଭାପତି ଚୟନ ଶେଷ ସୋପାନରେ ଅଛି। ଯେ କୌଣସି ମୁହୂର୍ତ୍ତରେ ଘୋଷଣା ହୋଇପାରେ। ଦେଶର ଅନେକ ଆଞ୍ଚଳିକ ଦଳରେ ଜଣେ ବ୍ୟକ୍ତି ସଭାପତି ରହି ଆସିଛନ୍ତି। କିନ୍ତୁ ଆମେ ଜାତୀୟ ଦଳ ହୋଇଥିବାରୁ ଆମ ପ୍ରକ୍ରିୟା ବିଳମ୍ବ ହୁଏ। ଅନ୍ୟ ଦଳର ସଭାପତି ଚୟନ ପୂର୍ବ ନିର୍ଦ୍ଧାରିତ। ତେଣୁ ଦଳର ଆଭ୍ୟନ୍ତରୀଣ ବ୍ୟାପାରକୁ ନେଇ ଆମେ କହିବାଟା ଭୁଲ୍‌ହେବ। ସୂଚନାଯୋଗ୍ୟ, ଓଡ଼ିଶାର ରାଜ୍ୟ ବିଜେପି ସଭାପତିକୁ ନେଇ ମାନସ ମନ୍ଥନ ଜାରି ରହିଛି। କିଏ ରାଜ୍ୟ ବିଜେପିର ମଙ୍ଗ ସମ୍ଭାଳିବ ତାକୁ ନେଇ ଚର୍ଚ୍ଚା ଜାରି ରହିଛି। ବର୍ତ୍ତମାନ ମନମୋହନ ସାମଲ ରାଜ୍ୟ ବିଜେପି ସଭାପତି ଅଛନ୍ତି। ତାଙ୍କ ସଭାପତିତ୍ୱରେ ପ୍ରଥମ ଥର ଓଡ଼ିଶାରେ ନିର୍ବାଚନ ଜିତି ସରକାର ଗଠନ କରିଛି ବିଜେପି। ତେବେ କିଏ ହେବ ରାଜ୍ୟ ବିଜେପିର ସଭାପତି ତାକୁ ନେଇ ସସ୍‌ପେନ୍ସ ଲାଗିରହିଛି। ତେଣୁ ଦଳର ଆଭ୍ୟନ୍ତରୀଣ ବ୍ୟାପାରକୁ ନେଇ କିଛି କହିବାଟା ଭୁଲ୍ ହେବ ବୋଲି କହିଛନ୍ତି ପ୍ରତାପ।

### କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ପରେ ହେବ ନିଷ୍ପତ୍ତି

# ଜାତୀୟ ଡାକ୍ତର ଦିବସ




**ସୁ**ସ୍ଥ ଜୀବନ ସମସ୍ତଙ୍କ ପ୍ରାଥମିକ ତାଲିକାରେ ଥାଏ। ଏହା ମଧ୍ୟ କୁହାଯାଇଛି ଯେ, 'ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ ସମ୍ପତ୍ତି'। କେବଳ ଜଣେ ସୁସ୍ଥ ବ୍ୟକ୍ତି ହିଁ ଜୀବନକୁ ସଠିକ୍ ଭାବରେ ଉପଭୋଗ କରିପାରେ ଏବଂ ଏଥିରେ ଡାକ୍ତରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ବି ଆମେ ଶାରୀରିକ ଭାବେ ଅସୁସ୍ଥ ଅନୁଭବ କରୁ, ପ୍ରଥମେ ଡାକ୍ତରଙ୍କ ପାଖକୁ ଯିବାର ଚିନ୍ତା ମନକୁ ଆସେ। ଡାକ୍ତର ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ମାନବ ଶରୀରର ସମସ୍ତ ସମସ୍ୟାର ଚିକିତ୍ସା କରନ୍ତି। ଜରୁରୀକାଳୀନ ପରିସ୍ଥିତିରେ, ଡାକ୍ତରମାନେ ହିଁ ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତ କରିବାରେ ସାହାଯ୍ୟ କରନ୍ତି। ସେ ବଡ଼ ହେଉ କି ଛୋଟ ସମସ୍ତ ପ୍ରକାରର ରୋଗ ଡାକ୍ତରଙ୍କ ସାହାଯ୍ୟରେ ଭଲ ହୋଇପାରେ। ବୋଧହୁଏ ସେଥିପାଇଁ ଡାକ୍ତରଙ୍କୁ ମର୍ତ୍ତ୍ୟର ଈଶ୍ୱର ବୋଲି କୁହାଯାଏ। ତେଣୁ ଏହି ଈଶ୍ୱରଙ୍କୁ ସମ୍ମାନ ଜଣେଇ ପ୍ରତି ବର୍ଷ ଜୁଲାଇ ୦୧ରେ 'ଜାତୀୟ ଡାକ୍ତର ଦିବସ' ପାଳନ କରାଯାଏ। ବିଶେଷକରି ଏହାକୁ ପ୍ରସିଦ୍ଧ ଡାକ୍ତର ତଥା ବଙ୍ଗଳାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରୟଙ୍କ ସମ୍ମାନାର୍ଥେ ପାଳନ କରାଯାଏ।

# କମଳାଠୁ ୪ ଗୁଣ ଅଧିକ ଲାଭପ୍ରଦ ତାହାର ଚୋପା




**କ**ମଳା ଯେତିକି ଗୁଣକାରୀ ଓ ଉପକାରୀ, ତା' ଠୁ ଅଧିକ ଉପକାରୀ ହେଉଛି ତା' ଚୋପା। ତେଣୁ କେବେ କି କମଳା ଖାଇବା ବେଳେ ତା' ଚୋପାକୁ ଫୋପାଡ଼ନ୍ତୁ ନାହିଁ। କାହିଁକି ନା କମଳା ଚୋପାର ଗୁଣ ଥରେ ଜାଣିଲେ ଆପଣଙ୍କୁ ସବୁବେଳେ ସାଇତି ରଖିବାକୁ ଇଚ୍ଛା ହେବ । କମଳାଠୁ ୪ ଗୁଣ ଅଧିକ ଲାଭପ୍ରଦ ହେଉଛି ତାହାର ଚୋପା।

- କମଳା ଚୋପାରେ ରହିଛି ଫ୍ଲେବୋନାଇଟସ୍ ପରି ପାଲିମେଥାକ୍ସି ଫ୍ଲେବୋନ୍ସ ଓ ହେସ୍ପେରିଡିନ । ଏଥିସହ ସେଥିରେ ବହୁ ଫାଇଟୋକେମିକାଲ୍ସ ଥିବା ବେଳେ ତାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ।
- ଫ୍ଲେବୋନାଇଟସ୍ ଏପରି ଏକ ଆଣ୍ଟି ଅକ୍ସିଡେଣ୍ଟ ଯାହା କ୍ୟାନସର ଓ ହୃଦରୋଗ ପରି କ୍ରୋନିକ ବେମାରକୁ ରୋକିବାରେ ସାହାଯ୍ୟ କରିଥାଏ।
- ୮.୫ କମଳା ଚୋପାରେ ୧୩୬ ଗ୍ରାମ ଭିଟାମିନ-ଉ ମିଳିଥାଏ । ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିସହ ଏହା ବହୁ ରୋଗୁ ରକ୍ଷା କରିଥାଏ।
- କମଳା ଚୋପାରେ ବହୁ ମାତ୍ରାରେ କପର, କ୍ୟାଲଶିୟମ, ମ୍ୟାଗନିସିୟମ, ଭିଟାମିନ ଏ ଓ ଫାଇବର ଥାଏ । ତାହା ଶରୀର ପାଇଁ ଖୁବ୍ ଲାଭଦାୟକ ।
- କମଳା ଚୋପାରେ ଥିବା ହେସ୍ପେରିଡିନ ଫ୍ଲେବୋନାଇଟ ରକ୍ତଚାପ ଓ କୋଲେଷ୍ଟରଲକୁ ନିୟନ୍ତ୍ରଣ କରିଥାଏ।
- ଏହା ଆପଣଙ୍କ ମେଟାବୋଲିଜିମକୁ ବୃଦ୍ଧି କରିଥାଏ। ଓଜନ ହ୍ରାସ କରିବା ନିମନ୍ତେ ବହୁ ଡାକ୍ତର ନିୟମିତ ରୂପେ ଡାଏଟରେ କମଳା ଚୋପା ସାମିଲ କରିବାକୁ ପରାମର୍ଶ ଦେଇଥାନ୍ତି।
- ଏହାକୁ ସେବନ କଲେ ଗ୍ୟାଷ୍ଟିକ ସମସ୍ୟା ନିୟନ୍ତ୍ରଣରେ ରହିଥାଏ। ଖାଦ୍ୟ ଠିକ୍ ଭାବେ ପାଚନ ହୋଇଥାଏ। ଏଥିସହ ଛାତି ଜଳାପୋଡ଼ା,ଏସିଡିଟି ଆଦି ସମସ୍ୟା ଦୂର ହୋଇଥାଏ।
- ଏହା ତ୍ୱଚାର ବିଭିନ୍ ସମସ୍ୟା ପାଇଁ ବି ରାମବାଣ। କମଳା ଚୋପାରେ ପ୍ରସ୍ତୁତ ମିଶ୍ରଣ ଲଗାଇଲେ ମୁହଁରେ ହୋଇଥିବା ବ୍ଲାକହେଡ୍ସ, ମୃତ କୋଷିକା, ଡାର୍କ ସର୍କଲ, ଡ୍ରାଏ ସ୍କିନ୍ ସମସ୍ୟା ଦୂର ହୋଇଥାଏ।
- କମଳା ଚୋପାକୁ ଖରାରେ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ବହୁ ଦିନ ପର୍ଯ୍ୟନ୍ତ ବି ବ୍ୟବହାର କରି ପାରିବେ।

କିପରି ଖାଇବେ କମଳା ଚୋପା:ଏହାକୁ ସିଧାସଳଖ କାଟି ଛୋଟ ଛୋଟ ଖଣ୍ଡ କରି ଆପଣ ନିଜ ଖାଇବାରେ ସାମିଲ କରି ପାରିବେ। ଏହାର କଡ଼ା ସ୍ୱାଦ ଭଲ ନ ଲାଗିଲେ ତାହା ଉପରେ ଲୁଣ, ଚାଟ୍ ମସାଲା ଆଦି ପକାଇ ଗ୍ରହଣ କରି ପାରିବେ। ନଚେତ ଏହାକୁ ସିଝାଇ ଏହାର ରସକୁ ଆପଣ ନିଜ ଖାଦ୍ୟରେ ଗ୍ରହଣ କରି ପାରିବେ।

# ଶୋଇବାବେଳେ ମୁହଁ ଘୋଡ଼ାଉଥିଲେ...



**ସୁ**ସ୍ଥ ରହିବା ପାଇଁ ପ୍ରତିଦିନ ଆବଶ୍ୟକ ମାତ୍ରାରେ ନିଦ୍ରା ଯିବା ଜରୁରୀ। ହେଲେ ଶୋଇବା ବେଳେ ଅନେକଙ୍କର ମୁହଁ ଘୋଡ଼ାଇ ଶୋଇବାର ଅଭ୍ୟାସ ରହିଛି। ହେଲେ ଏପରି ଶୋଇବା ଅଭ୍ୟାସ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ...

ଘୋଡ଼ାଇ ଶୋଇବା ଅଭ୍ୟାସ ଥିଲେ କେବଳ ମୁଣ୍ଡ ଏବଂ କାନ ଢାଙ୍କନ୍ତୁ ଏବଂ ନିଃଶ୍ୱାସପ୍ରଶ୍ୱାସ ନେବା ପାଇଁ ମୁହଁ ଖୋଲା ରଖନ୍ତୁ। କାରଣ ସମ୍ପୂର୍ଣ୍ଣ ମୁହଁ ଢାଙ୍କି ଶୋଇବା ଦ୍ୱାରା ସ୍ଲିପ୍ ଆପ୍ନିଆ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦେଖାଯାଏ। ଶୋଇବାରେ ଅସୁବିଧା ଖାସ୍ କରି ଅନିଦ୍ରା ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇଥାଏ।

ଶୋଇବାବେଳେ ଚାଦର କିମ୍ବା କମ୍ବଳ ନାକ ଉପରେ ରହିବା କାରଣରୁ ଅମ୍ଳଜାନ ଠିକ୍ ଭାବେ ମିଳିପାରି ନ ଥାଏ। ଫଳରେ ମାଂସପେଶୀ ଏବଂ ରକ୍ତ ସଞ୍ଚାଳନରେ ପ୍ରଭାବ ପଡ଼ିଥାଏ। ଏମିତିରେ ଅଣନିଃଶ୍ୱାସୀ ଲାଗିବା ଯୋଗୁ ବ୍ରେନ୍ ଡ୍ୟାମେଜ୍, ଆଲ୍‌ଝିମର୍, ଡେମେନ୍ସିଆ ଏବଂ ହୃଦ୍ଘାତ ହେବାର ଆଶଙ୍କା ଅଛି। ଏକ ଗବେଷଣାରୁ ଜଣାପଡ଼ିଛି, ୨୩% ଲୋକ ଶୋଇବାବେଳେ ମୁହଁ ଢାଙ୍କି ଶୋଇଥା'ନ୍ତି। ତେଣୁ ଅନେକେ ଡେମେନ୍ସିଆର ଶିକାର ହୋଇଥା'ନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୪୨ ନିୟୁତ ଆମେରିକୀୟ ସ୍ଲିପ୍ ଡିଜ୍‌ଅର୍ଡରରେ ପୀଡ଼ିତ। ୫ ଜଣଙ୍କ ମଧ୍ୟରୁ ଜଣଙ୍କୁ ସ୍ଲିପ୍ ଆପ୍ନିଆ ହୋଇଛି। ଏହି ଗମ୍ଭୀର ସମସ୍ୟା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଲେ ଦେଖାଯାଏ, ଯାହା ମୁହଁ ଢାଙ୍କି ଶୋଇବା ଦ୍ୱାରା ହୋଇଥାଏ। ସ୍ଲିପ୍ ଆପ୍ନିଆ, ଆସ୍ଥମା ଏବଂ ହୃଦ୍ରୋଗରେ ପୀଡ଼ିତ ବ୍ୟକ୍ତି ମୁହଁ ଢାଙ୍କି ଶୋଇବାରୁ ନିବୃତ୍ତ ରୁହନ୍ତୁ। ମସ୍ତିଷ୍କରେ ଅମ୍ଳଜାନ କମ୍ ମିଳିବା ଦ୍ୱାରା ମାନସିକ ସମସ୍ୟା ଯଥା ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟା ମଧ୍ୟ ଦେଖାଯାଏ।

# ଆଜିର ରାଶିଫଳ



ମେଷ: କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘ ସମୟ ଧରି ଅପପେକ୍ଷା ବନ୍ଧୁଙ୍କୁ ଭେଟିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମ ଗୁଡ଼ିକ ଅଧାରେ ଅଟକିଯିବ। ପାରିବାରିକ ଚାପ ଦୃଷ୍ଟିରୁ ମାନସିକ ସ୍ତରରେ କଷ୍ଟ ସ୍ୱୀକାର କରିବେ।



ବୃଷ: ଆଜି ଆପଣଙ୍କର ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନପାରେ। ଅଭାବ ନଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।



ମିଥୁନ: ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବନ୍ଧୁଙ୍କ ପ୍ରତିଶ୍ରୁତି ଦେଇ ଶେଷ ରେ ନାସ୍ତିବାଣୀ ଶୁଣାଇବେ। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।



କର୍କଟ: ଭାବପ୍ରବଣତାବଶତଃ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରିଚିକା ପଛରେ ଦୌଡି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।



ସିଂହ: ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ପଡୋଶୀଙ୍କ ସାହାଯ୍ୟ ଆବଶ୍ୟ ମନେ କରିବେ। କର୍ମକ୍ଷେତ୍ରରେ ଅଯଥା ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା କାରଣରୁ ବ୍ୟସ୍ତ ରହିପାରନ୍ତି।



କନ୍ୟା: ପାରିବାରିକ ସ୍ତରରେ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ଅପରାହ୍ନରେ ପୁରାତନ ରୋଗର ପୀଡା ଅନୁଭବ କରି ପାରନ୍ତି। ସାହିତ୍ୟ,କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ।



ତୁଳା: ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ମନୋଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।



ବିଛା: ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ଗତକାଲି ଠାରୁ ଭାବୁଥିବା କାମଟିକୁ ଆଜିହିଁ ଶେଷ କରିପାରିବେ।



ଧନୁ: ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବା ସହ ପ୍ରିୟଜନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତିତ ହେବାକୁ ପଡିବ। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ବିବାଦୀୟ ପରିସ୍ଥିତିରେ ଘଟଣାର ଗୁରୁତ୍ୱ ନବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।



ମକର: ବନ୍ଧୁଙ୍କ ଆନ୍ତରିକତାର ପରାମର୍ଶକୁ ନିର୍ବିବାଦରେ ଗହଣ କରିନେଲେ ବିଭିନ୍ନ ଦିଗରୁ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତି ନେଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ସମସ୍ୟା ସମାଧାନ କରିପାରିବେ।



କୁମ୍ଭ: ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇଲେ ଉପକୃତ ହୋଇପାରିବେ। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ। ଜମିଜମା ବ୍ୟବସାୟରେ ଉନ୍ନତି କରିବା ସହ ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।



ମୀନ: ଆଜିର ନିଜଲକ୍ଷ୍ୟ ପୂରଣ ହେବାରେ ଜଣେ ଅଜଣାବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ଦେଖାଦେଇପାରେ।

# ହେରା ପଞ୍ଚମୀରେ କାହିଁକି ଭଙ୍ଗାଯାଏ ନନ୍ଦିଘୋଷ ରଥ




**ମ**ହାପ୍ରଭୁଙ୍କ ଲୀଳା ଅନନ୍ୟ। କାଳିଆ ଠାକୁରଙ୍କ ଏହି ମାନବୀୟ ଲୀଳା ଭିତରେ ହେରା ପଞ୍ଚମୀ ଅନ୍ୟତମ। ରଥଯାତ୍ରା ପାଳନ ଅବସରରେ ହେରା ପଞ୍ଚମୀ ଉତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସାଧାରଣତଃ ରଥଯାତ୍ରାଠାରୁ ପଞ୍ଚମ ଦିନରେ ଅର୍ଥାତ ଆଷାଢ଼ ଶୁକ୍ଳ ଷଷ୍ଠୀ ଦିନ ହେରା ପଞ୍ଚମୀ ଉତ୍ସବ ପାଳିତ ହୋଇଥାଏ।ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱତ୍ତ୍ୱଲିପିରେ ଅନୁସାରେ ହେରା ପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ବିଜେ ହୋଇଥିବା ଲକ୍ଷ୍ମୀ ଠାକୁରାଣୀଙ୍କୁ ପାଳିଆ ମହାଜନ ସେବକମାନେ ମାଜଣା କରାନ୍ତି। ଏହା ପରେ ବନକ ଲାଗି, ପାଟ ଶାଢ଼ୀ, ଅଳଙ୍କାର ଇତ୍ୟାଦି ଲାଗି ହୋଇ ବେଶ ବଢ଼ିବା ପରେ ପୂଜାପଣ୍ଡା ସେବକଙ୍କ ଦ୍ୱାରା ପନ୍ତି ଭୋଗ ହୋଇଥାଏ। ତା'ପରେ ବଟବୃକ୍ଷ ତଳେ ଥିବା ବିମାନକୁ ଲକ୍ଷ୍ମୀ ବିଜେ କରିଥାନ୍ତି।

ବିମାନବଡୁ ସେବକମାନେ ବିମାନକୁ ଧାରଣ କରି ଘଣ୍ଟ, କାହାଳୀ, ଛତା ସହ ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ନେଇ ଗୁଣ୍ଡିଚା ଘର ସମ୍ମୁଖସ୍ଥ ଜଗନ୍ନାଥ ମହାପ୍ରଭୁଙ୍କ ରଥ ପାଖରେ ରଖିଥାନ୍ତି। ଏଠାରେ ପତିମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ, ଘସା ବିଡିଆ ଓ ଦହି ପଟି ମଣୋହି କରନ୍ତି। ଏହି ସମୟରେ ଗୁଣ୍ଡିଚା ଘରେ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ସରି ଶାଢ଼ୀ ଲାଗି ହୋଇ ଆଳତି ବଢ଼ିଥାଏ। ଆଳତି ପରେ ଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରେ ପଞ୍ଚାମୃତ ମହାସ୍ନାନ ଓ ତିନି ବାଡ଼ରେ ସର୍ବାଙ୍ଗ ହୋଇ ବେଶ ବଢେ। ତା'ପରେ ସନ୍ଧ୍ୟା ଧୂପ ଉଠି ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀ ରଥ ପାଖରେ ନୀତି ବଢ଼ାଇ ଜଗମୋହନର ଜୟବିଜୟ ଦ୍ୱାର ପାଖକୁ ଆସିଥାନ୍ତି। ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆସି ଲକ୍ଷ୍ମୀଙ୍କୁ ଦିଆଯିବା ପରେ ପୂଜା ବଢ଼ି ଧୂପଦୀପ ଦିଆଯାଇ ଟେରା ପଡେ। ଏହା ପରେ ଲକ୍ଷ୍ମୀଙ୍କ ବିମାନ ଜଗମୋହନରୁ ନାକଚଣା ଦୁଆର ପାଖରେ ରହିଥାଏ। ସେଠାରେ ଭିତରଛ ମହାପାତ୍ର ଗରାବଡୁ ସେବକଙ୍କଠାରୁ ହାତୁଆଣି ନେଇ ବନ୍ଦାପନା ଓ ଦହିପଟି ମଣୋହି କରନ୍ତି। ଉପରୋକ୍ତ ନୀତି ଶେଷ ହେବାପରେ ଲକ୍ଷ୍ମୀଙ୍କ ବିମାନ ଜଗନ୍ନାଥଙ୍କ ରଥ ପାଖକୁ ଆସେ ଓ ରଥ କାଠ ଖଣ୍ଡିଏ ଭାଙ୍ଗି ଦିଆଯିବା ପରେ ହେରା ଗୋହିରୀ ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ ଦେଉଳକୁ ବାହୁଡା ବିଜେରେ ଅଣାଯାଏ। ବାହୁଡା ବିଜେ ସମୟରେ ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ମଠ, ସେବକ, ଜାଗା, ଆଖଡା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ବଡ଼ଦାଣ୍ଡ, ହେରାଗୋହିରୀ ସାହି ଓ ମଠ ବିଜେ ସ୍ଥଳୀଠାରେ ପନ୍ତି ଭୋଗ କରାଯାଇଥାଏ।

# ବଲିଉଡ୍ ଅଭିନେତ୍ରୀ କାଜୋଲ୍

**ବ**ଲିଉଡ୍ ଅଭିନେତ୍ରୀ କାଜୋଲ୍‌ଙ୍କ ନୂଆ ସିନେମା 'ମା' ସଂପ୍ରତି ରିଲିଜ୍ ହୋଇଛି। ତେବେ ଏହି ଫିଲ୍ମର ସୁଟିଂ ସମୟର ଏକ ଅନୁଭୂତି ବଖାଣି ବିବାଦରେ ଫସି ଯାଇଛନ୍ତି କାଜୋଲ୍। ଘଟଣାଟି ଏମିତି- ବିଶାଲ୍ ଫୁରିଆଙ୍କ ନିର୍ଦ୍ଦେଶିତ 'ମା'ର ସୁଟିଂ ପାଇଁ ସେ ବେଶ୍ କିଛି ଦିନ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଅବସ୍ଥାନ କରିଥିଲେ। ସୁଟିଂ ସମୟର ଅନୁଭୂତି କିପରି ଥିଲା ବୋଲି ତାଙ୍କୁ ଯେତେବେଳେ ପଚରାଗଲା, ସେ କହୁ କହୁ କହିଦେଲେ କି, ସେଠି ତାଙ୍କୁ ବହୁତ ଡର ଲାଗୁଥିଲା ଓ ରାତିରେ ନିଦ ହେଉ ନଥିଲା। କେବଳ ସେତିକି ନୁହେଁ, ଏକଥା ବି କହିଦେଲେ ଯେ ରାମୋଜୀ ଫିଲ୍ମ ସିଟି ହେଉଛି ପୃଥିବୀରେ ଭୂତ ଭୟ ଥିବା ସ୍ଥାନ ମଧ୍ୟରୁ ଗୋଟିଏ। ଏହାପରେ ତାଙ୍କ ମନ୍ତବ୍ୟକୁ ନେଇ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ସଦସ୍ୟ ଓ ହାଇଦ୍ରାବାଦବାସିନ୍ଦା ତୀବ୍ର ପ୍ରତିକ୍ରିୟା ପ୍ରକାଶକଲେ। କାରଣ ରାମୋଜୀ ଫିଲ୍ମ ସିଟି ଦେଶର ଏକ ପ୍ରସିଦ୍ଧ ଫିଲ୍ମ ନିର୍ମାଣ-ସ୍ଥଳୀ ଏବଂ ଏକ ଲୋକପ୍ରିୟ ପର୍ଯ୍ୟଟନ କେନ୍ଦ୍ର ମଧ୍ୟ। କାଜୋଲ୍ ନିଜ ଭୁଲ୍ ବୁଝିପାରିଲେ। ସେ ଏଭଳି ମନ୍ତବ୍ୟ ଦେବା ଉଚିତ ହୋଇନାହିଁ ବୋଲି ହୃଦୟଙ୍ଗମ କରି ସୋସିଆଲ୍ ମିଡିଆ 'ଏକ୍ସ'ରେ ନିଜର ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିବା ସହ ରାମୋଜୀ ଫିଲ୍ମ ସିଟି ଏକ ଆକର୍ଷଣୀୟ ଓ ସୁରକ୍ଷିତ ସ୍ଥାନ ବୋଲି ବକ୍ତବ୍ୟ ରଖିଛନ୍ତି। ଏଥିସହ ସପରିବାର ବୁଲିଯିବା ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବୋଲି ଅଭିହିତ କରିଛନ୍ତି।

କାଜୋଲ୍‌ଙ୍କ ଅଭିନୀତ 'ମା' ଏକ ଭେ?ତିକ କାହାଣୀ ଉପରେ ଆଧାରିତ। ନିଜ ଝିଅ ଉପରେ ଏକ ଦୁଷ୍ଟଶକ୍ତିର କୋପର ମୁକାବିଲା ଲାଗି ଜଣେ ମା' କିପରି ମାଆ କାଳୀଙ୍କ ରୂପ ଧାରଣ କରିଛି, ତାହା ଏଥିରେ ପ୍ରଦର୍ଶିତ ହୋଇଛି। ଏଥିରେ କାଜୋଲ୍‌ଙ୍କ ସହ ରୋନିତ୍ ରଏ ଓ ଇନ୍ଦ୍ରନୀଲ୍ ସେନ୍ଗୁପ୍ତା ମୁଖ୍ୟ ଭୂମିକାରେ ଅଛନ୍ତି।



# ବିଳମ୍ବରେ ଉଠୁଥିଲେ




**ପ୍ର**ତିଦିନ ଭୋରରୁ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁ ବିଳମ୍ବରେ ଉଠିଥାନ୍ତି। 'ବିଳମ୍ବରେ ଉଠିବା ଅଭ୍ୟାସ ଏବଂ ଏହାର ଶରୀର ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିକଟରେ ଏ ନେଇ ଏକ ଗବେଷଣା କରିଥିଲେ। ଏଥିରୁ ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଏଭଳି ଅଭ୍ୟାସର ନକାରାତ୍ମକ ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡିଥାଏ। ଏହି ଗବେଷଣା ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ବିଳମ୍ବରେ ଉଠିବା ଏକ ଧାରାରେ ପରିଣତ ହୋଇଗଲେ ଏହାଦ୍ୱାରା ମସ୍ତିଷ୍କରେ 'ଆମ୍ଲଏଡ୍' ନାମକ ଏକ ପ୍ରୋଟିନ୍ର ମାତ୍ରା ବୃଦ୍ଧିପାଇଥାଏ। ଭବିଷ୍ୟତରେ ଏହା ଆଲଜିମର୍ସ ପରି ସମସ୍ୟାର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାଦ୍ୱାରା ସ୍ମରଣଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ଅଭ୍ୟାସକୁ ଯେତେ ସମ୍ଭବ ପରିବର୍ତ୍ତନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ସେଓ ରାବିଡ଼ି

**ଆବଶ୍ୟକ ସାମଗ୍ରୀ:** ସେଓ, କ୍ଷୀର, ଚିନି, ଗୁଜୁରାତି, ଆଲମଣ୍ଡ ଓ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବଡ ପାତ୍ରରେ କ୍ଷୀର ଫୁଟାନ୍ତୁ। ଯେ, ପର୍ଯ୍ୟନ୍ତ କ୍ଷୀର ଗାଢ଼ ନହୋଇ ଯାଏ ସେପର୍ଯ୍ୟନ୍ତ କ୍ଷୀରକୁ ମଝିରେ ମଝିରେ ଗୋଳାନ୍ତୁ। କ୍ଷୀର ଫୁଟି ଗାଢ଼ ହୋଇଗଲେ ଏଥିରେ ଚିନି ପକାନ୍ତୁ ଏବଂ କମ୍ ଆଞ୍ଚରେ କ୍ଷୀରକୁ ଗରମ କରନ୍ତୁ। ବର୍ତ୍ତମାନ ସେଓକୁ ଭଲଭାବ ଧୋଇ ଚୋପା ବାହାର କରି ଏହାକୁ ଟିକେ ଗାଢ଼ କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। କ୍ଷୀର ଫୁଟି ମରିଗଲ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। କ୍ଷୀରର ରଙ୍ଗ ପରିବର୍ତ୍ତନ ହୋଇ ହାଲକା ଲାଲ୍ ହୋଇଆସିଲେ ଏଥିରେ ଗୁଜୁରାତି ଗୁଣ୍ଡ, ଆଲମଣ୍ଡ ଏବଂ ପିସ୍ତା ପକାନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ସେଓ ରାବିଡ଼ି।



## ଭାଙ୍ଗିଲା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାର ତ୍ରିଶୂଳ ଦଣ୍ଡ: ଖସିପଡ଼ିଲା ବାନା

### ପୁଣି ବାଙ୍କିଗଲା ବାମପାର୍ଶ୍ୱ ଅର



ଭଦ୍ରକ, (ପିପିଏସ୍): ଗତ ୩ଦିନ ହେଲା ସକ୍ରିୟ ମୌସୁମୀ ଓ ଲଘୁଚାପ ପ୍ରଭାବରେ ଆରଡି ତଥା ଆଖପାଖ ଅଞ୍ଚଳରେ ଲାଗି ରହିଛି ଲଗାଣ ବର୍ଷା। ଲଗାଣ ଝଡବର୍ଷାରେ ଗତକାଲି ରାତିରେ ଭାଙ୍ଗି ଯାଇଛି ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡାର ତ୍ରିଶୂଳ ଦଣ୍ଡ । ଫଳରେ ତ୍ରିଶୂଳ ଦଣ୍ଡରେ ଲାଗି ହୋଇଥିବା ବାନା ଖସି ପଡିଛି। ଆଜି ଭୋର ବାବାଙ୍କ ପହିଲି ନୀତି ସମୟରେ ଦ୍ୱାରଫିଟା ବେଳକୁ ଏପରି ଘଟଣା ଦେଖିବାକୁ ପାଇଥିଲେ ସେବାୟତମାନେ। ତୁରନ୍ତ ଏପରି ଖବର ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତାହାସହ ପୁଣି ଦଧିନଉତିର ଥିବା ଅଷ୍ଟଧାତୁ ନିର୍ମିତ ତ୍ରିଶୂଳର ବାମପାର୍ଶ୍ୱ ଅର ବାଙ୍କିଯିବା ସହ ଢଳି ରହିଛି। ପୂର୍ବରୁ ଦୀର୍ଘ ଦେଢବର୍ଷ ତଳେ ପବନବର୍ଷାରେ ତ୍ରିଶୂଳର ମଧ୍ୟଭାଗ ଅର ଭାଙ୍ଗି ଖସି ପଡିଥିଲା। ଏପରି ଖବର ପାଇବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ହେଲେ ଠିକ ଭାବେ ମରାମତି ହୋଇନଥିବାରୁ ଆଜି ପୁଣି ଏପରି ଅଘଟଣ ଦେଖାଦେଇଥିବା କହିଛନ୍ତି ସେବାୟତ। ପରେ ମନ୍ଦିରରେ ଏକ ନୂଆ ବାନା ଲାଗି ହେବା ପରେ ବାବାଙ୍କ ସକାଳ ଧୂପ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

# ଗୋପାଳପୁର ବଳାତ୍କାର ଘଟଣା ପରେ ବି ଚେତୁନି ପୁଲିସ

### ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ, ଚିନ୍ତାରେ ପର୍ଯ୍ୟଟକ
### ଆଲୋକ ବ୍ୟବସ୍ଥା ନାହିଁ, ପାଟ୍ରୋଲିଂ ଢ଼ିଲା



ଅସ୍ତରଙ୍ଗ (ପିପିଏସ୍): ଗୋପାଳପୁର ବେଳାଭୂମିର ବଳାତ୍କାର ଘଟଣା ଏବେ ବି ମନରୁ ଲିଭି ନ ଥିବାବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆ ବେଳାଭୂମିକୁ ନେଇ ଚିନ୍ତାରେ ପର୍ଯ୍ୟଟକ। କାରଣ ଏବେ ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ ହୋଇପଡିଛି। ସକାଳୁ ବିଳମ୍ବିତ ରାତି ପାଲଟିଛି। ପୀର ଜାହାନିଆ ବେଳାଭୂମି ନିକଟରେ ଥିବା ଝାଉଁବଣରେ ବହୁ ଆପତ୍ତିଜନକ ସାମଗ୍ରୀ ଦେଖିବାକୁ ମିଳୁଛି। ଅନେକ ସମୟରେ ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ରକୂଳ ହେଉ ଅବା ଝାଉଁ ଜଙ୍ଗଲ ମଧ୍ୟରେ ପ୍ରେମୀ ଯୁଗଳ ବୁଲୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବିଶେଷ ସେମାନଙ୍କୁ ହଇରାଣ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅନେକ ସମୟରେ ପୁରୁଷ ଓ ମହିଳା ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱର, କଟକ ସମେତ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସହ ପ୍ରେମୀ ଯୁଗଳଙ୍କ ପାଇଁ ପୀରଜାହାନିଆ ବେଳା ଭୂମି ଅମରାବତି କରିବା ଶହ ଜୋରଜବରଦସ୍ତ ଟଙ୍କା ମଧ ଆଦାୟ କରିବାର ନଜିର ରହିଛି। ପୀରଜାହାନିଆ ବେଳାଭୂମି ଟି ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିବାରୁ ଅସ୍ତରଙ୍ଗ ଥାନାରେ କର୍ମଚାରୀ ଅଭାବରୁ ପାଟ୍ରୋଲିଂ ଧିମେଇ ଯାଉଛି। ସପ୍ତାହକ ମଧ୍ୟରେ ପୀରଜାହାନିଆ ରେ କେବଳ ନିର୍ଦ୍ଦିଷ୍ଟ ବାରରେ କାଁ ଭାଁ ପୋଲିସ ପାଟ୍ରୋଲିଂ ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ପୋଲିସ ନଥାଏ, ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ବିଶେଷ ଲୋକଙ୍କୁ ହଇରାଣ କରିଥାନ୍ତି। ଏଠାରେ ଅଧିକାଂଶ ସମୟରେ ଅସାମାଜିକ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକ ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅତୀତରେ ସେଠାରେ ଯୁବତୀ ହଇରାଣ କରିବା ସହ ପ୍ରେମୀ ଯୁଗଳଙ୍କ ଭିଡିଓ ଉତ୍ତୋଳନ ଭଳି ଜଘନ୍ୟ ଘଟଣା ମାନ ଘଟି ଯାଇଛି। ପୀରଜାହାନିଆ ରେ ଅପରାହ୍ନ ସମୟରୁ ସନ୍ଧ୍ୟା ଶୂନଶାନ ସୁଯୋଗ ନେଇ ଯାବତୀୟ ଘଟଣା ମାନ ଘଟିଯାଉଛି।ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଓ କିଛି ବୁଦ୍ଧିଜୀବୀ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରଶାସନ କୁ ଅନୁରୋଧ କରିଛନ୍ତି। ଏହା ସହ ପୀରଜାହାନିଆ ବେଳାଭୂମି ରେ ଉଜ୍ଜଳ ଆଲୋକ ଲଗେଇବା ସଙ୍ଗେ ସଙ୍ଗେ ବାଲିରେ ଚାଲିବା ନିମନ୍ତେ ଏକ ସ୍ୱତନ୍ତ୍ର ଗାଡି ଯୋଗାଇ ଦେବା ସହ ପୋଲିସ ତରଫରୁ କଡାକଡି ପାଟ୍ରୋଲିଂ କରିବାକୁ ଦାବୀ କରିଛନ୍ତି।

## ତୃତୀୟ ଦିନରେ ବି ଚକଡ଼ାରେ ଲାଗିଲାନି ବ୍ରହ୍ମ ତାଳଧ୍ୱଜ

### ପୁଣି ନେଲା ବାମମୋଡ଼, ଭକ୍ତ ଶ୍ରଦ୍ଧାଳୁ ନିରାଶ

କେନ୍ଦ୍ରାପଡ଼ା, (ହି.ସ.) –ତୁଳସୀକ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ସର୍ବବୃହତ୍ ବ୍ରହ୍ମତାଳଧ୍ୱଜ ରଥ ଶ୍ରୀ ଗୁଣ୍ଡିଚାର ତୃତୀୟ ଦିନରେ ମଧ ବାମ ମୋଡ ନେଇ ନୂଆ ଚନ୍ଦନ ପୋଖରୀ ନିକଟରେ ଅଟକି ରହିଲା। ପରମ୍ପରା ଅନୁଯାୟୀ ଶ୍ରୀଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ଟଣା ହୋଇ ମାଉସୀ ମା ମନ୍ଦିର ନିକଟରେ ଚକଡାରେ ଲାଗିବା ନିଷ୍ପତି ନିଆଯାଇଥିଲା। ତୁହାକୁ ତୁହା ପରିଚାଳନା ସମିତି ଓ ସେବକ ମାନଙ୍କ ସମନ୍ୱୟ ବୈଠକ ସତ୍ତ୍ୱେ ରଥ ଚାଲିବା ସମ୍ଭବ ହୋଇପାରିଲା ନାହିଁ। ଆଜି ଦିନ ୧୨ଟା ସମୟରେ ରଥଟଣା ଆରମ୍ଭ ହୋଇ କିଛିବାଟ ଯିବାପରେ ବାମମୋଡ ନେବାରୁ ରଥ ପୁରୁଣା ଚନ୍ଦନ ପୋଖରୀ ନିକଟରେ ଅଟକି ରହିଲା । ଆଜି ଦିନକ ମଧ୍ୟରେ ରଥ ପ୍ରାୟ ତିନିଥର ମୋଡ ନେବାରୁ ବାରମ୍ବାର ଅଟକିବା ସହ ରଥଟଣାରେ ବିଭ୍ରାଟ ଦେଖାଦେଲା । ପୂର୍ବରୁ ରଖାଯାଇଥିବା ରେଲୱେ ଟ୍ରାକ୍ ସାହାର୍ଯ୍ୟରେ ରଥକୁ ସଳଖ କରାଯାଇଥିଲା। ଅପରାହ୍ନରେ ବର୍ଷା ଛାଡିଯାଇ ପାଗ ଅନୁକୂଳ ଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀ ବଳଦେବଜୀଉଙ୍କ ରଥ ଟାଣିବା ପାଇଁ ରଥଦାଣ୍ଡରେ ରୁଣ୍ଡ ହୋଇଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇ ଥିଲେ ମଧ ପୂର୍ବ ନିଷ୍ପତି କ୍ରମେ ଆଜି ଦିନ ୧୨ଟାରେ ରଥ ଟାଣିବା ପାଇଁ ନିଷ୍ପତି ହୋଇଥିବ ।ବେଳେ ବାରମ୍ବାର ରଥ ବାମ ମୋଡ ନେବାରୁ ପୁନର୍ବାର ଦିନ ୪ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ତେବେ ରଥ ରଥଦାଣ୍ଡର ମଝିକୁ ନ ଆସି ବାମ ମୋଡ ନେଇ ପୁଣି ଅଟକି ରହିଥିଲା । ତେବେ ଶ୍ରୀ ଗୁଣ୍ଡିଚାର ପଂଚମ ଦିନରେ ହେରା ପଂଚମୀ ପ୍ରଥା ପାଳନ କରାଯିବାକୁ ଥିବାବେଳେ ଦିଅଁମାନେ ରଥ ଉପରେ ରହିଛନ୍ତି । ପ୍ରଥା ଅନୁଯାଇ ଦିଅଁମାନେ ରଥରୁ ଅବତରଣ କରି ଆଡପ ମଣ୍ଡପରେ ବିଜେ ହେବାପରେ ପଂଚମ ଦିନରେ ମହାଲକ୍ଷ୍ମୀ ରଥଭଙ୍ଗା ନିତି ପାଳନ କରାଯାଇ ଥାଏ । ତେବେ ଆସନ୍ତା କାଲି ରଥ ଟଣା ହେବାକୁ ଥିବାବେଳେ ଯଦି ପୁଣି ବାମ ମୋଡ ନେଇ ଅଟକି ରହିଲା ତେବେ ଏହି ନୀତି କିପରି ପାଳନ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋଟିଏ ଦିନରେ ରଥ ଲାଗିବା ଅସମ୍ଭବ ହେଉଥିଲେ ମଧ ପୁଣି ପହଣ୍ଡି ବିଜେ ନୀତି ପାଳନ କରାଯିବା ଅସମ୍ଭବ ଜଣାପଡୁଛି । ଜିଲ୍ଲା ପ୍ରଶସନ ମନ୍ଦିର ପ୍ରଶାସନ ଓ ପରିଚାଳନା ସମିତି ତଥା ସେବକ ସମାଜ ମାନେ ଚଳିତ ବର୍ଷର ରଥଯାତ୍ରା ସୁରୁଖୁରୁ ରେ ପାଳନ କରିପାରି ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ନିଜର ଦୋଷ ଲୁଚାଇବା ପାଇଁ ସବୁକିଛି ବଳଦେବଜୀଉଙ୍କ ଇଛାବୋଲି କହି କେତେକ ଅଧିକାରୀ ଓ ସେବାୟତ ନିଜ ଉପରୁ ଦୋଷ ଛଡାଇ ଠାକୁରଙ୍କୁ ଏକ ପ୍ରକାର ଅସହାୟ କରି ଦେଇଥିବାରୁ ସଧାରଣ ରେ ତୀବ୍ର ଅସନ୍ତୋଷ ଓ ବିରକ୍ତି ଭାବ ଦେଖାଦେଇଛି ।

## ବିପଦସଙ୍କୁଳ ଅବସ୍ଥାରେ କୋଠି ଯୋର ପୋଲ

ବଲାଙ୍ଗୀର, (ହି.ସ.) – ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା ) ବ୍ଲକ ସାଲେଭଟା - କୁଟାସିଂହା ରାସ୍ତାର ହରଭଙ୍ଗା - ଡୁଙ୍ଗୁରିପାଲି ମଧ୍ୟରେ ପ୍ରବାହିତ କୋଠିଯୋର ଉପରେ ନବନିର୍ମିତ ସେତୁ ଦବି ଯାଇ ବଡ଼ ଗର୍ତସୃଷ୍ଟି ହୋଇଛି। ଫଳରେ ଯାତାଜାତ ଠପ ହୋଇଯାଇଥିଲା। ୪ କୋଟି ଟଙ୍କା ବ୍ୟୟ ରେନିର୍ମିତ ୬୫. ୨୫ ମିଟର ର ଏ ସେତୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକାଦାର ଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସେତୁ କାମ ନିହାତି ନିମ୍ନମାନର ହୋଇଥିବା ସ୍ଥାନୀୟ ଡୁଙ୍ଗୁରିପାଲି ଗ୍ରାମବାସୀ କହିଛନ୍ତି । ଏହି ସେତୁ ଦେଇ ଜିଲ୍ଲା ମୁଖ୍ୟାଳୟ ବ୍ଲକ୍, ଡାକ୍ତରଖାନା, ସ୍କୁଲ କଲେଜ ତଥା ଦୈନନ୍ଦିନ କାର୍ଯ୍ୟରେ ଅଂଚଳବାସୀ ନିର୍ଭର କରିଥାନ୍ତି। ଆଜି ବସ ଏଠାରେ ଅଟକି ଯିବାରୁ ଯାତ୍ରୀ ମାନେ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ସେତୁ ଉପରେ ଯାନବାହାନ ଚଳାଚଳରେ ବିପଦ ଥିବାରୁ ସ୍ଥାନୀୟ ଲୋକେ ପୁଲିସ କୁ ରାସ୍ତା ସିଲ କରିବାକୁ ସୂଚନା ଦେଇଥିଲେ। ପରେ ଲୋଇସିଂହା ଆଇଆଇସି ଯାଜ୍ଞସେନୀ ନାୟକ ଓ ସାଲେଭଟା ଫାଣ୍ଡି ଅଧିକାରୀ ଚିତ୍ରସେନ ସାହୁ ଘଟଣାସ୍ଥଳକୁ ଆସି ଯାଂଚ କରିଥିଲେ। ସେତୁର ଉଭୟ ପାର୍ଶ୍ୱ ଦାବିଯାଇ ବଡ଼ ବଡ଼ ଫାଟ ସୃଷ୍ଟି ହେବା ପରେ କାଯ୍ୟନୁଷ୍ଠାନ ଏଡାଇବା ତଥା ଗଣମାଧ୍ୟମ ଆଖିରୁ ଖସିବା ପାଇଁ ଠିକା ସଂସ୍ଥା ମେଟାଲ ପକାଇ ପ୍ୟାଂଚି କାମ କରୁଥିବା ସ୍ଥାନୀୟ ଉତ୍କଳ ବିଶ୍ୱାଳ, ରାଧେଶ୍ୟାମ ବଢ଼େଇ, ପିତାମ୍ବର କଂଟା, ଫିଂଟୁ ମହାରଣା, ପିତାମ୍ବର ମେଲ୍ଲି କହିଛନ୍ତି। ଏଠାରେ ଲାଗିଥିବା ସୂଚନା ଫଳକ ଅନୁସାରେ ସରକାରଙ୍କ ଗ୍ରାମ ନିର୍ମାଣ ବିଭାଜନ ପକ୍ଷରୁ ବଲାଙ୍ଗୀରର ମହେଶ ଚୌଧୁରୀଙ୍କ ନିର୍ମାଣକାରି ସଂସ୍ଥା ଫେବୃଆରୀ ୨୦୨୨ ରେ ଆରମ୍ଭ କରିଥିଲା। ମାସେ ହେଲା ନିର୍ମାଣ କାମ ସମ୍ପୂର୍ଣ ହୋଇଛି। ତେବେ ନିର୍ମାଣ ର ମାସେ ନ ପୂରୁଣୁ ନିମ୍ନମାନର କାମ ଯୋଗୁଁ ସେତୁର ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କ ରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେହେଁ ପ୍ରତିକ୍ରିୟା ମିଳିପାରିନାହିଁ। ବିଭାଗୀୟ ଉଚ୍ଚ କତୃପକ୍ଷ ସେତୁ ନିର୍ମାଣର ଉଚିତ ତଦନ୍ତ ସହ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

## କୋଇଲେଖା ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି



### ଅଙ୍ଗବାଡ଼ିକେନ୍ଦ୍ରରେ ଭାଙ୍ଗିଲେ ତାଲା

**ଭଦ୍ରକ, (ପିପିଏସ୍):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ନାନ୍ଦପୁର ପଞ୍ଚାୟତରେ ଥିବା କୋଇଲେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ଏକ ଘରର ତାଲା ଭାଙ୍ଗି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଗଚ୍ଛିତ ଥିବା ୭ ବସ୍ତା ଚାଉଳ ସହ ଗୋଟେ ଫ୍ୟାନ ଚୋରିକରି ନେଇଥିବା ଆରଡି ଫାଣ୍ଡିରେ ଅଭିଯୋଗ ହୋଇଛି। ତାହାସହ ସ୍କୁଲ ପରିସର ଭିତରେ ଥିବା ଅଙ୍ଗନବାଡି କେନ୍ଦ୍ରର ମୁଖ୍ୟ ଫାଟକ ତାଲା ଭାଙ୍ଗିବା ସହ ଗଡ଼ରେଜ ଭାଙ୍ଗି ଥିବା ମଧ ଅଙ୍ଗନବାଡି କର୍ମୀ ଅଭିଯୋଗ କରିଛନ୍ତି। ଗତକାଲି ଅର୍ଥାତ ଶନିବାର ସ୍କୁଲ ଛୁଟି ପରେ ପ୍ରଧାନଶିକ୍ଷକ ତାଲା ପକାଇ ଘରକୁ ପଳାଇଥିଲେ। ରବିବାର ଛୁଟି ଥିଲେ ମଧ୍ୟ ବିଦ୍ୟାଳୟ କାର୍ଯ୍ୟାଳୟ ଖୋଲା ଥିବା ଦେଖି ଗାଁ ଲୋକ ଦେଖି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରଧାନଶିକ୍ଷକ ଆସି ଦେଖିଲା ବେଳକୁ ଅଫିସ ଭିତରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ସାତ ବସ୍ତା ନଥିବା ବେଳେ ଏକ ପଙ୍ଖା ମଧ ନାହିଁ। ତୁରନ୍ତ ପ୍ରଧାନଶିକ୍ଷକ ଆରଡ଼ି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୩ତମ 'ମନ କୀ ବାତ'

ପାରାଦୀପ (ପିପିଏସ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡ଼ିଓ କାର୍ଯ୍ୟକ୍ରମ 'ମନ କି ବାତ' ର ୧୨୩ ତମ ସଂସ୍କରଣ ଜୁନ ମାସ ୨୯ ତାରିଖ ରବିବାର ଦିନ ସାରା ଦେଶରେ ପ୍ରସାରିତ ହୋଇଥିଲା। ଏହି ମାସିକ କାର୍ଯ୍ୟକ୍ରମ ଦେଶର ୨୨ ଟି ଭାଷା ଏବଂ ଅନ୍ୟ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯାଇଥିଲା। ଏହି ଲୋକପ୍ରିୟ 'ମନ କି ବାତ' କାର୍ଯ୍ୟକ୍ରମ କୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ରଙ୍ଗିଆଗଡ଼ସ୍ଥିତ ନିଜ ବାସଭବନରେ ସାଧାରଣ ଜନତାଙ୍କ ସହ ମିଶି ଶୁଣିଥିଲେ।

### କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ ଶିଳ୍ପମନ୍ତ୍ରୀ ଓ ଜନତା






ଏହି ଅବସରରେ ପ୍ରଧାନମନ୍ତ୍ରୀ 'ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ' ଉପରେ ଆଲୋକପାତ କରିବା ସହ ଯୋଗ ଦ୍ୱାରା ଶାନ୍ତି, ସ୍ଥିରତା ଓ ସନ୍ତୁଳନ କିଭଳି ଆସିପାରୁଛି ଏବଂ ଏହା ଦିବ୍ୟାଙ୍ଗ ବନ୍ଧୁମାନଙ୍କ ପାଇଁ କିପରି ସଶକ୍ତିକରଣର ମାଧ୍ୟମ ସାଜିଛି, ତାହା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ତୀର୍ଥ ଯାତ୍ରା ଉପରେ ଉଲ୍ଲେଖ କରିବା ସହ ଯାତ୍ରା ଶରୀରର ଅନୁଶାସନ, ମନର ଶୁଦ୍ଧିକରଣ, ପରସ୍ପର ଭିତରେ ଭାଇଚାରା ଏବଂ ଭଗବାନଙ୍କ ସହ ଯୋଡି ହେବାର ମାଧ୍ୟମ ବୋଲି କହିଥିଲେ। ତୀର୍ଥଯାତ୍ରା ସମୟରେ ସେବା ଯୋଗାଉଥିବା ବ୍ୟକ୍ତିମାନଙ୍କୁ ମଧ ସେ ପ୍ରଶଂସା କରିଛନ୍ତି। ଏହାସହ ମହାପ୍ରଭୁଙ୍କ 'ରଥଯାତ୍ରା'କୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ଅବିହିତ କରିଥିଲେ। ତତସହିତ, 'ଟ୍ରାକୋମା' ରୋଗ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତକୁ ଟ୍ରାକୋମା ମୁକ୍ତ ଘୋଷଣା କରିଥିବା କଥା ଏବଂ 'ଜଳ ଜୀବନ ମିଶନ'ର ଉପକାରିତା ସମ୍ପର୍କରେ ମଧ 'ମନ୍ କୀ ବାତ୍'ରେ ପ୍ରକାଶ କରିଛନ୍ତି। ୧୯୭୫ ମସିହାରେ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଭାଇ ଦେଶାଇ ପ୍ରକାଶ କରିଥିବା କଥା ଶୁଣାଇବା ସହ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷ ମାନେ କେବଳ ସମ୍ବିଧାନର ହତ୍ୟା କରିନଥିଲେ ବରଂ ନ୍ୟାୟପାଳିକାକୁ ନିଜର ଗୁଲାମ ସଜାଇବା ସେମାନଙ୍କର ଉଦ୍ଦେଶ୍ୟ ଥିଲା ବୋଲି ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ କହିଥିଲେ। ଏତଦବ୍ୟତୀତ ଫିଟନେସ୍ ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ କହିବା ସହ ଯୁବ ସମାଜକୁ ନିଜ ଖାଦ୍ୟ ପ୍ରଣାଳୀରେ ୧୦ ପ୍ରତିଶତ ତେଲ କମ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବୁଦ୍ଧଙ୍କ ବିଚାରରେ ଏପରି ଶକ୍ତି ରହିଛି, ଯାହା ଦେଶଗୁଡିକୁ, ଭିନ୍ନ ଭିନ୍ନ ସଂସ୍କୃତିକୁ ଏବଂ ଲୋକମାନଙ୍କୁ ଏକସୂତ୍ରରେ ବାନ୍ଧି ରଖିପାରିଛି। ତତ୍‌ସହିତ, ସେ 'ବିଶ୍ୱ ପରିବେଶ ଦିବସ'ର ମହତ୍ୱ ସମ୍ପର୍କରେ ଉପସ୍ଥାପନା କରିବା ସହ 'ଏକ ପେଡ ମା କେ ନାମ' ଅଭିଯାନ ମାଧମରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଛନ୍ତି ଏବଂ ଜଳ ସଂରକ୍ଷଣ ଓ ପ୍ରକୃତିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସେହିପରି, ମନ କି ବାତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ପୌରାଞ୍ଚଳର ପ୍ରାୟ ସମସ୍ତ ୱାର୍ଡମାନଙ୍କରେ ବ୍ୟବସ୍ଥା ହୋଇଥିଲା। ନୂଆବଜାର ସ୍ଥିତ ଦଳୀୟ କାର୍ଯ୍ୟାଳୟ ଓ ବିଭିନ୍ନ ୱାର୍ଡରେ ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସୋଲେମନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ ବେହେରା, ରଞ୍ଜନ ବେହେରା, ରତ୍ନାକର ଜେନା, ପୃଥ୍ୱୀରାଜ ପରିଜା, ପ୍ରୀତିରେଖା ମାନା, ସଂଯୁକ୍ତା ବରାଳ, ଟୁନି ପ୍ରଭା ରାଉତ, ଜିତେନ୍ଦ୍ର ସାହୁ, ହୃଷିକେଶ ଦାସ, ଗୋବିନ୍ଦ ନାୟକ, ସର୍ବେଶ୍ୱର ଜେନା ପ୍ରମୁଖ ବହୁ ସଂଖ୍ୟାରେ ଦଳୀୟ ନେତୃତ୍ୱ, କର୍ମୀ ଓ ସାଧାରଣ ଜନତା ଏହି 'ମନ କି ବାତ' କାର୍ଯ୍ୟକ୍ରମ ଦେଖି ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶୀ ଅଭିଭାଷଣ ଶୁଣିଥିଲେ।

### ଦୀର୍ଘଦିନ ଧରି ହେଉନି ଆମ ପୁଲିସ ସମିତି ବୈଠକ

# ପୁଲିସ୍ ଜନତା ବଢୁଛି ଦୂରତା, ନୂତନ ଏସ୍‌ପି ଦୃଷ୍ଟି ଦେବେ କି ?




କୋଣାର୍କ(ପିପିଏସ): ଦୀର୍ଘ ସମୟ ଧରି ପୋଲିସ- ଜନତାଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରୁଥିବା ଆମ ପୋଲିସ ସମିତି ବୈଠକ କୋଣାର୍କ ଥାନା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ଆୟୋଜିତ ହେଉ ନଥିବାରୁ ଥାନା ମାନଙ୍କରେ ସାଧାରଣ ଜନତାଙ୍କୁ ପୋଲିସ ନ୍ୟାୟ ପ୍ରଦାନ କରିବା କାର୍ଯ୍ୟ ବିଳମ୍ବିତ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ବେଳେ ଥାନାରେ ମଧ୍ୟସ୍ଥି ମାନଙ୍କ ଯୋଗୁଁ ପୋଲିସ- ଜନତାଙ୍କ ମଧ୍ୟରେ ଦୂରତା କମି ଯାଉଥିବା ଯୋଗୁଁ ସେମାନଙ୍କୁ ନ୍ୟାୟ ମିଳିବା ବାଧାପ୍ରାପ୍ତ ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି।

ଖବରରୁ ପ୍ରକାଶ ଯେ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ଥାନା, ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ଥିବା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନାରେ ପୋଲିସ-ଜନତାମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ବାତାବରଣ ସୃଷ୍ଟି ଓ ପୋଲିସ ପ୍ରଶାସନ ପ୍ରତି ଜନସାଧାରଣଙ୍କ ଥିବା ଭୟକୁ ଦୂରକରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରତ୍ୟେକ ଥାନାର ମୁଖ୍ୟ ଦପ୍ତର ଓ ପର୍ଯ୍ୟାୟ କ୍ରମେ ଥାନାର ବିଭିନ୍ନ ଗ୍ରାମପଞ୍ଚାୟତର ମୁଖ୍ୟ ଦପ୍ତରରେ ମାସକରେ ଥରେ ଆମ ପୋଲିସ ସମିତି ବୈଠକ ଆୟୋଜନ କରିବା ନେଇ ନିର୍ଦ୍ଦେଶ ରହିଛି। ମାତ୍ର ଗତ କିଛି ମାସ ଧରି କୋଣାର୍କ ଥାନା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଆୟୋଜନ ହେଉ ନଥିବାରୁ ପୋଲିସ ପ୍ରଶାସନର ଜନତା ମାନଙ୍କ ପ୍ରତି କିଭଳି ମନୋଭାବ ରହିଛି ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆମ ପୋଲିସ ସମିତି ବୈଠକ ହେଉ ନଥିବାରୁ ପୋଲିସ- ଜନତାଙ୍କ ମଧ୍ୟରେ ଦୂରତା ଓ ପୋଲିସ ପ୍ରତି ସାଧାରଣରେ ଏକ ଭୟର ବାତାବରଣ ଖେଳିଯାଇଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆମ ପୋଲିସ ସମିତି ବୈଠକ ଜରିଆରେ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଓ ପୋଲିସ ପ୍ରଶାସନ ସମ୍ପର୍କିତ ବିଭିନ୍ନ ସମାସ୍ୟା ଉପରେ ସେମାନଙ୍କର ମତ ଉପସ୍ଥାପନ କରିଥାନ୍ତି। ମାତ୍ର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହେଉ ନଥିବା କାରଣରୁ ସେମାନଙ୍କ ନ୍ୟାୟ ବିଳମ୍ବିତ ହେଉଛି। ଏଭଳି ପରିସ୍ଥିତିରେ ଥାନାରେ ମଧ୍ୟସ୍ଥି ବା ଦଣ୍ଡିଆ ଗିରୀ କରୁଥିବା ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହିତ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଅଛନ୍ତି। ପୂର୍ବପରି ନିୟମିତ ଭାବେ ଆମ ପୋଲିସ ସମିତି ବୈଠକ ଆୟୋଜନ କରିବା ପାଇଁ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ସଚେତନ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

## ସମସ୍ୟାରେ ଗତି କରୁଛନ୍ତି ବାଉଁଶ କାରିଗର

**■ ବାଉଁଶ ସାମଗ୍ରୀ ପ୍ରସ୍ତୁତିକୁ କୁଟୀର ଶିଳ୍ପ ମାନ୍ୟତା ଦାବି ■ ମିଳୁନି ତାଲିମ୍ କି ସରକାରୀ ଋଣ ■ କୌଳିକ ବୃତ୍ତି ହରାଇ ମଜୁରି ଖଟୁଛନ୍ତି କାରିଗର**



ଅସ୍ତରଙ୍ଗ (ପିପିଏସ୍): ଘର ତିଆରିଠୁ ଆରମ୍ଭ କରି ଘରକରଣା ଜିନିଷ ପର୍ଯ୍ୟନ୍ତ ସବୁଠି ବାଉଁଶର ଆବଶ୍ୟକତା ରହିଛି। ବାଉଁଶରୁ ତିଆରି ଟୋକେଇ, କୁଲା, ଡାଲା ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ଚାହିଦା ଏବେ ବି ରହିଛି। ବ୍ରତଘର, ବିବାହ, ତୋରଣ ମନ୍ଦିର ପ୍ରତିଷ୍ଠା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ବାଉଁଶକୁ ଲୋକେ ଖୋଜିଥାନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଓ ସହାୟତା ଅଭାବରୁ ବାଉଁଶ କାରିଗର ମାନେ ଆର୍ଥିକ ଅନଟନରେ ଜୀବନ ଜିଉଁଛନ୍ତି।

ପ୍ଲାଷ୍ଟିକି ସାମଗ୍ରୀର ବିପୁଳ ବ୍ୟବହାର ବାଉଁଶ ଶିଳ୍ପୀଙ୍କ ବେଉସା ଉପରେ ପ୍ରଭାବ ପକାଇଛି। ଏଣୁ ଆଗକୁ ପ୍ରଦୂଷଣ ମୁକ୍ତ ବାଉଁଶ ତିଆରି ସାମଗ୍ରୀ ଦେଖିବାକୁ ମିଳିବନି। ଏହା ସତ୍ତ୍ୱେ ନିଜର କୌଳିକ ବୃତ୍ତିକୁ ଛାଡି ନାହାନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କରଞ୍ଜପୁର (ଗୋପାଳପୁର) ଓ କେନ୍ଦ୍ରାପଟି ଗ୍ରାମର ଶତାଧିକ କାରିଗର। ଯଦିଓ ଏହି ୨ ଗ୍ରାମରେ ପାଖାପାଖି ୨ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମାତ୍ର କୌଳିକ ବୃତ୍ତିରେ ପେଟରେ ଭୋକ ନ ମେଣ୍ଟିବାରୁ ପ୍ରାୟ ଅଧିକାଂଶ ପରିବାର ମୂଳ ମଜୁରୀ ଲାଗୁଛନ୍ତି। କିନ୍ତୁ ବେଉସାକୁ ଆଦରି ପରିବାର ଚଳାଇବା କଷ୍ଟକର ହେଲେ ବି କାରିଗର ଶିବ ମଲ୍ଲିକଙ୍କ ପରିବାର ବାଉଁଶ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ତାଙ୍କ କହିବା କଥା ବାଉଁଶ ବଜାର ଦର ଅନୁସାରେ ସେଥିରୁ ତିଆରି ସାମଗ୍ରୀ ବିକ୍ରି କରି ଭଲ ଦି' ପଇସା ରୋଜଗାର ସମ୍ଭବ ନୁହେଁ। ଏମିତିକି ଅନେକ ପରିବାର ଏହି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି। ବେତ ଶିଳ୍ପ ଭଳି ବାଉଁଶରୁ ପ୍ରସ୍ତୁତ ସୋଫା, ଝୁଲା, ଟୁଲ ତିଆରି ହୋଇପାରିବ। ମାତ୍ର ଏଭଳି ସାମଗ୍ରୀ ପ୍ରସ୍ତୁତ ପାଇଁ ସରକାରୀ ତାଲିମ୍ ଓ ସରକାରୀ ଋଣ ବ୍ୟବସ୍ଥା କରାଯାଇ ପାରିଲେ ଭଲ ବ୍ୟବସାୟ ହେବ ବୋଲି ଶିବ ମଲ୍ଲିକ କହିଛନ୍ତି। ପାରମ୍ପରିକ ଡାଲା, ଟୋକେଇ, ବାଉଁଶିଆ ଅର୍ଡର ମୁତାବକ ପର୍ବପର୍ବାଣି ପାଇଁ ଛୋଟ ଛୋଟ ତୋରଣ ତିଆରି କରିଥାନ୍ତି। ଏବେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁଁ କମ୍ ଦାମରେ ବାଉଁଶ ସାମଗ୍ରୀ ଲୋକେ ଚାହୁଁଛନ୍ତି। ଅର୍ଡର ସାମଗ୍ରୀକୁ ବାଦ୍ ଦେଲେ ଅନ୍ୟ ସାମଗ୍ରୀ ନିକଟସ୍ଥ ଅସ୍ତରଙ୍ଗ ହାଟ ଓ ଗ୍ରାମାଞ୍ଚଳରେ ବୁଲି ବୁଲି ବିକିବାକୁ ପଡିଥାଏ। ବେତ ଶିଳ୍ପ ଭଳି ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ବାଉଁଶ ସାମଗ୍ରୀ ପ୍ରସ୍ତୁତ ପାଇଁ କୁଟୀର ଶିଳ୍ପ ଭଳି ପ୍ରୋତ୍ସାହନ ଯୋଗାଇ ଦିଆଯାନ୍ତା ତେବେ ଶହ ଶହ ପରିବାର ଓ ବାଉଁଶ କାରିଗର ଏଥିରେ ଉପକୃତ ହୁଅନ୍ତେ ବୋଲି ଶିବ ମଲ୍ଲିକ କହିଛନ୍ତି।

### ରଥ ଅଘଟଣ, ମୃତ ବାଳକର ମା'ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

## ରେଡ୍‌କ୍ରସରୁ ୨୫ ହଜାର ଓ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା



ଧାମନଗର (ପିପିଏସ୍): ଧାମନଗର ବ୍ଲକ ଅନ୍ତର୍ଗତ ଅନନ୍ତପୁର ଗ୍ରାମରେ ଗତ ଶୁକ୍ରବାର ରାତିରେ ରଥଯାତ୍ରା ସମୟରେ ରିଙ୍କେ ଉଲଟି ପଡ଼ିବାରୁ ତା' ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିବା ୧୩ ବର୍ଷର ବାଳକ ସୌମ୍ୟ ରଞ୍ଜନ ରାଉତଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଏସ୍‌ପି ମନୋଜ କୁମାର ରାଉତଙ୍କ ଭଗବାନପୁର ପଞ୍ଚାୟତ ସମିତି ସଭ୍ୟ ସୁଦୀପ୍ତ କୁମାର ଖଟୁଆଙ୍କ ଅନୁରୋଧ ଫଳରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ରେଡକ୍ରସ ତରଫରୁ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ମୃତ ବାଳକର ମା'ଙ୍କୁ ନଗଦ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ଏଥି ସହିତ ଚତୁର୍ଥ ଶ୍ରେଣୀରେ ପଢୁଥିବା ମୃତ ବାଳକର ସାନ ଭଉଣୀ ଶୁଭିଙ୍କୁ ଶିକ୍ଷା ଓ ଆନୁସଙ୍ଗିକ ଖର୍ଚ୍ଚ ପାଇଁ 'ବାତ୍ସଲ୍ୟ ଯୋଜନା'ରେ ୧୮ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସ ୪ ହଜାର ଟଙ୍କା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇ ଘୋଷଣା କରିଥିଲେ। ସ୍ୱର୍ଗତ ସୌମ୍ୟଙ୍କ ବାସଭବନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସହାୟତା ପ୍ରଦାନ ସମୟରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ଆଇଆଇସି ଗୋପାଳକୃଷ୍ଣ ଜେନା, ଏଏସଆଇ ସୁଜିତ କୁମାର ରାଉତ, ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ଚନ୍ଦ୍ରଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ସୌମ୍ୟଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଯୁବ ସେବା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅନୁରୋଧ କ୍ରମେ ପୁତ୍ରହରା ମା' ମଞ୍ଜୁଲତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

## ମହାବୀର ବରିଷ୍ଠ ନାଗରିକ ପରିଷଦର ରଥଯାତ୍ରା ମହୋତ୍ସବ

କଟକ : କଟକ ସଦର ଅଞ୍ଚଳରେ ପବିତ୍ର ରଥଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମହୋତ୍ସବ ବରିଷ୍ଠ ନାଗରିକ ପରିଷଦ ମଧ୍ୟରେ ଏକ କୁନି ରଥ ନିର୍ମାଣ କରାଯାଇ କୁନି କୁନି ପିଲାମାନଙ୍କୁ ନେଇ ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ସଭାପତି ଶ୍ରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିଷଦର କୋଷାଧ୍ୟକ୍ଷ ଅର୍ଜ୍ଜୁନ ଚରଣ ସାହୁ, ଛେରା ପହଁରା କରିଥିଲେ। ଏହି ମହୋତ୍ସବ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ମହୋତ୍ସବରେ ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ବିଶେଷଜ୍ଞ ସନ୍ତ ତତ୍ତ୍ୱାନନ୍ଦ ପରମହଂସ ସୁନାମଧନ୍ୟ ପ୍ରବଚକ ଓ ସଂଗୀତଜ୍ଞ ଅଦ୍ୱୈତ ଦାସ ପରିବେଷଣ କରିବେ। ଆଜିର ଉତ୍ସବରେ ଧରେନ୍ଦ୍ର କୁମାର ସାହୁ, ସମ୍ପାଦକ ରାଜକିଶୋର ନାୟକ, ନିରାକାର ମହାପାତ୍ର, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେବା ସହ ବହୁ ସଂଖ୍ୟାରେ ଭକ୍ତ ଏକତ୍ରିତ ହୋଇ ଜଗନ୍ନାଥଙ୍କ ଭାବରସ ଭଜନ ଶ୍ରବଣ କରିଥିଲେ।

## ସାଂସଦଙ୍କୁ ଜନ୍ମଦିନର ଶୁଭେଚ୍ଛା



ଧାମନଗର (ପିପିଏସ୍): ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ ତଥା ଭଦ୍ରକ ସଂସଦୀୟ କ୍ଷେତ୍ରର ୮ ଥରର ସାଂସଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ। ବର୍ତ୍ତମାନ ୧୮ଶ ଲୋକ ସଭାରେ ଭଦ୍ରକ ସଂସଦ କ୍ଷେତ୍ରରୁ ସାଂସଦ ଥିବା ଅଭିମନ୍ୟୁଙ୍କ ଶୁଭ ଜନ୍ମ ଦିନରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ରାଜନେତା ତଥା ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା। ଏହି ଅବସରରେ ଦିଲ୍ଲୀରେ ରହିଥିବା ଧାମନଗର ଗୋବିନ୍ଦପୁର ଅଞ୍ଚଳର ଯୁବ ସମାଜସେବୀ ତଥା ସୋସିଆଲ ମିଡ଼ିଆ ଚର୍ଚ୍ଚିତ ଚେହେରା ଉଜ୍ଜଳ ନାୟକ ପ୍ରଶଂସକ ଅଭୟ କୁମାର ସାହୁ ଓ ଆନନ୍ଦପୁର ଅଞ୍ଚଳର ଯୁବ କ୍ରୀଡ଼ାବିତ ତଥା ଏନଆଇଏସ କୋଚ ରମେଶ ଚନ୍ଦ୍ର ପୃଷ୍ଟି ଏବଂ ବିଜେପିର ଯୁବ ନେତା ଦିଲ୍ଲୀପ କୁମାର ସାମଲ ପ୍ରମୁଖ ଶ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ଶୈକ୍ଷିକ ଜୀବନରେ ମିଳୁନି ଖେଳକୁଦ ସୁବିଧା

## ଅନେକ ବିଦ୍ୟାଳୟରେ ନାହିଁ ଖେଳ ପଡ଼ିଆ




ଅସ୍ତରଙ୍ଗ (ପିପିଏସ୍: କ୍ରୀଡା ଶୈକ୍ଷିକ ଜୀବନର ଅବିଚ୍ଛେଦ୍ୟ ଅଂଶ। ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ କ୍ରୀଡା କେବଳ ଆବଶ୍ୟକ ନୁହେଁ, ବରଂ ଅପରିହାର୍ଯ୍ୟ। ଖେଳକୁଦ ମନକୁ ପ୍ରଫୁଲ୍ଲ ରଖେ। ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରି ସେମାନଙ୍କ ଚରିତ୍ର ଗଠନରେ ସହାୟକ ହୁଏ ବୋଲି କୁହାଯାଏ। ଏଥିପାଇଁ ପ୍ରତି ବିଦ୍ୟାଳୟରେ ଖେଳ ପାଇଁ ସମୟ (ପିରିୟଡ଼) ଥାଏ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଖେଳ ପଡିଆ ନଥିବାରୁ ଶୈକ୍ଷିକ ଜୀବନରେ ଶହ ଶହ ଛାତ୍ରଛାତ୍ରୀ ଖେଳକୁଦ କରି ପାରୁନାହାନ୍ତି। ଶିଶୁ, କିଶୋର, ବିଦ୍ୟାର୍ଥୀଙ୍କ ଠାରୁ ବିଦ୍ୟାଳୟ ହତା ଭିତରେ ଶାରୀରିକ ଶିକ୍ଷା, କ୍ରୀଡା, ବ୍ୟାୟାମ ଦୂରେଇ ଯାଉଛି। ସାପ୍ତାହିକ ରୁଟିନରେ ଥିବା ଖେଳ ପିରିୟଡ଼ ଗୁଡିକୁ ବିଦ୍ୟାର୍ଥୀମାନେ ଶ୍ରେଣୀ ଗୃହ ମଧ୍ୟରେ ଖେଳି କଟାଉଛନ୍ତି। ଛାତ୍ରଛାତ୍ରୀ ସଂଖ୍ୟା ଦୃଷ୍ଟିରୁ ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟରେ ଖେଳ ପଡିଆ ନାହିଁ। ଅନେକ ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀ ଗୃହ ଆଦି ସବୁ ଅଛି। କେବଳ ବିଦ୍ୟାଳୟର ଖେଳ ପଡିଆ ନାହିଁ। ଏପରିକି ଶିକ୍ଷାଦାନ ଆରମ୍ଭରୁ ସାମୂହିକ ପ୍ରାଥନା କରିବା ପାଇଁ ସ୍ଥାନ ଅଭାବ ଦେଖାଦେଉଛି। ସଂକୁଚିତ ସ୍ଥାନରେ ଏତେ ଅଧିକ ପିଲା ଗୋଟିଏ ସ୍ଥାନରେ ଠିଆ ହେବାକୁ ଜାଗା ମଧ୍ୟ ହେଉନି। ସରକାରଙ୍କ ତରଫରୁ ବିଦ୍ୟାଳୟ ପାଇଁ ଖେଳପଡିଆ ନଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଗୁଡିକ ପାଇଁ ଖେଳ ପଡିଆ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗାଦି ଗୋସାଇଁ ଯୁବ ପରିଷଦ'ର ନୂତନ ଗୃହ ଶୁଭାରମ୍ଭ



ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ଜିଓଳ ଗ୍ରାମରେ ସ୍ଥାନୀୟ ଅଞ୍ଚଳର ଯୁବକ ମାନଙ୍କୁ ନେଇ ଗଢି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗାଦି ଗୋସାଇଁ ଯୁବ ପରିଷଦ' ଦୀର୍ଘ ବର୍ଷ ହେଲା ସ୍ଥାନିୟ ଅଂଚଳରେ ଅନେକ ସେବା ମନୋବୃତ୍ତି ନେଇ କାମ କରୁଛନ୍ତି। ରବିବାର ଦିନ 'ଗାଦି ଗୋସାଇଁ ଯୁବ ପରିଷଦ' ତରଫରୁ ଜିଓଳ ନିକଟରେ ନିର୍ମାଣ କରାଯାଇଥିବା ନୂତନ କ୍ଲବ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବକୁ ଅତିଥିଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ପ୍ରଦେଶ ବରାଳ, ସ୍ଥାନୀୟ ସରପଞ୍ଚ, ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ, କ୍ଲବ ସଭାପତି ଶାନ୍ତି ଶେଖର ବାରିକି, ସମ୍ପାଦକ ବିଶ୍ୱଜିତି ସେଠୀ, ଅସ୍ତରଙ୍ଗ ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିୟା ପ୍ରମୁଖ ଉପସ୍ଥିତରେ ଅତିଥିମାନେ ଅନୁଷ୍ଠାନିକ ଭାବେ ଫିତାକାଟି ନୂତନ କ୍ଲବ ଗୃହକୁ ଶୁଭ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଟି ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କାମ ଜାରି ରଖିବ ବୋଲି ଅତିଥି ମତ ଦେବାସହ ଗ୍ରାମ ଉନ୍ନୟନ ମୂଳକ କାମରେ ସହାୟତା କରିବେ।

## ମହାନଗର ଶୌଣ୍ଡିକ ସମାଜ ବିଜିପୁର ମଣ୍ଡଳ ବୈଠକ



ବ୍ରହ୍ମପୁର (ପିପିଏସ୍): ବ୍ରହ୍ମପୁର ମହାନଗର ଶୌଣ୍ଡିକ ସମାଜର ସଭାପତି କୁନା ସାହୁଙ୍କ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦକ ଜିତେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ବିଜିପୁରସ୍ଥିତ କାଲୁଆ ମନ୍ଦିରରେ ବିଜିପୁର ମଣ୍ଡଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋସାଇଁନୂଆଗାଁ, ଅନ୍ଧପସରା ରୋଡର ନୂତନରେ ଆସିଥିବା ବହୁ ସଦସ୍ୟ ସଦସ୍ୟା ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀ ସାହୁ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଆସନ୍ତା ଜୁଲାଇ ମାସରେ ବୃକ୍ଷ ରୋପଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୃଦ୍ଧାଶ୍ରମରେ ଥିବା ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ ଓ ଅନ୍ଧ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଖାତା ପେନ୍ ଦେବାକୁ ନିଷ୍ପତି ନିଆଯାଇଥିଲା। ସମାଜର ସଦସ୍ୟ ସଦସ୍ୟା ମାନଙ୍କୁ ମାସିକ କିଛି ଅନୁଦାନ ଦେବାକୁ ଅନୁରୋଧ କରାଯାଇଥିଲା ସଭାନେତ୍ରୀ ସୁନନ୍ଦା ଚୌଧୁରୀ ମୁଖ୍ୟବକ୍ତା ଥିଲେ। କୃଷ୍ଣ ସାହୁ ମୁଖ୍ୟ ଅତିଥି ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାଗିରଥି ସାହୁ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ଦେବରାଜ ସାହୁ, ସତ୍ୟରଞ୍ଜନ ସାହୁ, ଅଶୋକ କୁମାର ସାହୁ, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ଧନଲକ୍ଷ୍ମୀ ସାହୁ, ହରପ୍ରିୟା ସାହୁ, ତ୍ରିନାଥ ସାହୁଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ରାମେଶ୍ୱର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀ ନିର୍ଯାତନା ବିରୁଦ୍ଧରେ ଜୁଲାଇ ୧୮ରେ ଲଜ୍ଜା ଦିବସ ପାଳନ କରିବ ସିପିଏମ୍

ବ୍ରହ୍ମପୁର(ପିପିଏସ୍): ଜିଲ୍ଲାରେ ମହିଳା ନିର୍ଯାତନା ବ୍ୟାପକ ଭାବେ ବୃଦ୍ଧି ପାଇଛି। ସାରା ବିଶ୍ୱରେ ଜିଲ୍ଲାବାସୀ ନିନ୍ଦିତ। ତେଣୁ ସିପିଏମ୍ ଜିଲ୍ଲା କମିଟି ଏଥିରେ ଉଦ୍‌ବେଗ ପ୍ରକାଶ କରିବା ସହିତ ମହିଳା ସୁରକ୍ଷା ପାଇଁ ଆଗାମୀ ଜୁଲାଇ ୧୮ ତାରିଖରେ ଲଜ୍ଜା ଦିବସ ପାଳନ କରିବା ପାଇଁ ପାର୍ଟିର ୨ଦିନିଆ ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜୁଲାଇ ୨୮ ଓ ୨୯ ଦୁଇ ଦିନ ଧରି ଅନୁଷ୍ଠିତ ଜିଲ୍ଲା କମିଟି ବୈଠକରେ ଜିଲ୍ଲାର ସାମ୍ପ୍ରତିକ ଅବସ୍ଥାର ପର୍ଯ୍ୟାଲୋଚନା କରି ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ଓ ମହିଳାଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅଭିଯୋଗ କରାଯାଇଛି। ରାଜ୍ୟ ସରକାରର ଏକ ବର୍ଷ ଶାସନ ସମୟରେ ଜିଲ୍ଲାରେ ହତ୍ୟା, ଦୁଷ୍କର୍ମ ଓ ଡକାୟତି ଭଳି ଅପରାଧର ରେକର୍ଡ ସୃଷ୍ଟି ହୋଇଛି। ଆଇନ୍‌ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ଗୋଟିଏ ସପ୍ତାହ ମଧ୍ୟରେ ଗୋପାଳପୁର ଛାତ୍ରୀ ଦୁଷ୍କର୍ମ, ଧରାକୋଟ ଦଳିତ ନିର୍ଯ୍ୟାତନା ଓ ବ୍ରହ୍ମପୁରରେ ନାବାଳିକାକୁ ଦୁଷ୍କର୍ମ ଏହାର ନଗ୍ନ ଉଦାହରଣ। ଜିଲ୍ଲାର ସାଧାରଣ ଲୋକ ପ୍ରତିଟି ମୁହୂର୍ତ୍ତ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ମହିଳା ସୁରକ୍ଷା, ଜିଲାର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଦୃଢ଼ କରିବା ଏବଂ ଜିଲ୍ଲାବାସୀଙ୍କ ସମ୍ମାନକୁ ସୁରକ୍ଷା କରିବା ପାଇଁ ଜିଲ୍ଲା ବ୍ୟାପି ପ୍ରଚାର ଅଭିଯାନ ସହ ଆସନ୍ତା ଜୁଲାଇ ୧୮ ତାରିଖ ଦିନ ଆରଡ଼ିସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଲଜ୍ଜା ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଧରାକୋଟ ଦଳିତ ନିର୍ଯ୍ୟାତନା ବିରୋଧରେ ୪ଦଳ ପକ୍ଷରୁ ପ୍ରସ୍ତାବିତ ଜୁଲାଇ ୧ତାରିଖ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଫିସ ସମ୍ମୁଖରେ ଧାରଣାକୁ ସଫଳ କରିବା ପାଇଁ ଆଲୋଚନା ହୋଇଛି। ସେହିଭଳି କେନ୍ଦ୍ରୀୟ ଶ୍ରମିକ ଓ କୃଷକ ସଙ୍ଗଠନ ପକ୍ଷରୁ ଆହୁତ ଜୁଲାଇ ୦୯ ଧର୍ମଘଟକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ସହିତ ଏହାକୁ ସଫଳ କରିବା ପାଇଁ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଏହି ବୈଠକରେ ପାର୍ଟିର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା



ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନା ସମିତିର ସଭାପତି ଡଃ, ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ମାତୃକାର ସେବାରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ସମ୍ଭାଗ ସମ୍ପାଦକ, ଦକ୍ଷିଣପୂର୍ବ ସମ୍ଭାଗ ଦୀପକ କୁମାର ମହାରଣା, ସ୍ଥାନୀୟ ସମାଜସେବୀ ରାଜେନ୍ଦ୍ର ସୁରେଖା ଯୋଗ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ବିଦ୍ୟାଭାରତୀର ଲକ୍ଷ୍ୟକୁ ପାଥେୟ କରି ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ସର୍ବଦା ବଜାୟ ରଖିବା ସହିତ ଉନ୍ନତିର ଉଚ୍ଚତର ସୋପାନରେ ପହଞ୍ଚିବାକୁ ମାର୍ଗଦର୍ଶନ କରିଥିଲେ। ଚଳିତ ଶିକ୍ଷାବର୍ଷ ଯୁକ୍ତଦୁଇ ବିଜ୍ଞାନ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଷଷ୍ଠ ସ୍ଥାନ ରଖିଥିବା ଛାତ୍ରୀ ଯାଲିସା ଦେବୀ, ସପ୍ତମ ସ୍ଥାନ ରଖିଥିବା ଛାତ୍ର ମିଲନ୍ ଦାଶ, ରାଜ୍ୟରେ ଅଷ୍ଟମ ସ୍ଥାନ ରଖିଥିବା ଛାତ୍ରୀ ଆଲିଶା ଶତପଥୀ, ରାଜ୍ୟରେ ଦଶମ ସ୍ଥାନ ରଖିଥିବା ଛାତ୍ରୀ ପ୍ରତିଭା ନାହାକ ଓ ହରପ୍ରିୟା ରାଉତ ଏବଂ ବାଣିଜ୍ୟ ବିଭାଗରେ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ରଖିଥିବା ଛାତ୍ରୀ ଶ୍ରେୟାସୀ ଗୀତିରଂଜନୀ, ଷଷ୍ଠରେ ଥିବା ରେଣୁକା କୁମାରୀ ସାହାଣୀ, ଦଶମରେ ଥିବା ରୋଶନୀ ଅଗ୍ରୱାଲ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଉକ୍ତ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଶତକଡ଼ା ୯୦ରୁ ଉର୍ଦ୍ଧ୍ୱ ସଂଖ୍ୟା ହାସଲ କରିଥିବା ଉଭୟ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମାନପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ, ଆଚାର୍ଯ୍ୟା ପ୍ରିୟଦର୍ଶିନୀ ସାହୁ ଏବଂ ମନ୍ଦାକିନୀ ମିଶ୍ର। ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ବିଦ୍ୟା ମନ୍ଦିରର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସୁଦର୍ଶନ ପାଢ଼ୀ, ହରେକୃଷ୍ଣ ପାଢ଼ୀ, ମମତା ପାଣିଗ୍ରାହୀ, ଡା.ପ୍ରସନ୍ନ କର, ସଦସ୍ୟା ପ୍ରଣତି ସାମଲ, କେ.ଭେଙ୍କେଟ୍‌ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିମିଟେଡର ୩୦ତମ ସାଧାରଣ ସଭା



କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କର ୩୦ ତମ ବାର୍ଷିକ ଉତ୍ସବ ଏବଂ ସାଧାରଣ ସଭା ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ଜୁନ ୨୯ ତାରିଖରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀୟୁ, ସମବାୟର ଆନ୍ଦୋଳନର ମୁଖ୍ୟ ପୁରୋଧା ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଫଟୋରେ ପୁଷ୍ପମାଳ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା। ପ୍ରଥମେ ବ୍ୟାଙ୍କର ପ୍ରତିଷ୍ଠାତା ନିର୍ଦ୍ଦେଶକ ଓ ପୂର୍ବତନ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତା ପରେ ବ୍ୟାଙ୍କର ପ୍ରତିଷ୍ଠା ସମୟରେ ପ୍ରଥମ ୧୦ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀମତୀ ଭାଗ୍ୟ ଲକ୍ଷ୍ମୀ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା। ସଭାପତି ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ବ୍ୟାଙ୍କର ଆର୍ଥୀକ ସ୍ଥିତି ଯଥା ଜମା ଗ୍ରହଣ ଋଣ ଲଗାଣ ଓ ଅନାଦେୟ ଋଣ ଆଦାୟରେ ଯଥେଷ୍ଟ ଉନ୍ନତି ଘଟିଛି। ଯମା ପରିମାଣ ଟଙ୍କା ୧୮୬ କୋଟିରୁ ୧୯୯କୋଟିରେ ପହଞ୍ଚିଥିବା ବେଳେ ଋଣ ଲଗାଣରେ ମଧ୍ୟ ଟଙ୍କା ୧୧୬ କୋଟିରୁ ୧୨୯କୋଟିରେ ପହଞ୍ଚିପାରିଛି। ବ୍ୟାଙ୍କର ନେଟ୍‌ଲାଭ ଟଙ୍କା ୨୭ଲକ୍ଷ୍ୟରୁ ବୃଦ୍ଧି ପାଇ ଟଙ୍କା ୭୬ଲକ୍ଷ୍ୟରେ ପହଞ୍ଚିପାରିଛି।

ସେହିଭଳି ଅନାଦାୟ ଋଣ ପରିମାଣ ୧୮.୪୨ କୋଟିରୁ ହ୍ରାସ ପାଇ ୧୬.୩୪ କୋଟିରେ ପହଞ୍ଚିପାରିଛି ଏବଂ ନିଟ ଏନପିଏ ମଧ୍ୟ ଶୁନ ଲାଭାଶଂରେ ପହଞ୍ଚି ପାରିଛି। ବ୍ୟାଙ୍କର ଆର୍ଥୀକ ସ୍ଥିତିରେ ଉନ୍ନତି ଘଟିଥିବାରୁ ନିକଟ ଅତୀତରେ ଆରବିଆଇ ବ୍ୟାଙ୍କ ଉପରେ ଦୀର୍ଘ ୧୦ବର୍ଷ ଧରି ଲଗାଯାଇଥିବା ସମସ୍ତ କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି। ଯଦ୍ୱାରା କି ବ୍ୟାଙ୍କ ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ଶତକଡା ୬ଭାଗ ଲାଭାଶଂ ବଣ୍ଟନ କରିବାକୁ ସମର୍ଥ ହୋଇଛି। ଏଥିସହିତ ବ୍ୟାଙ୍କ ଆରବିଆଇର ଆଉ ଏକ ମାନଦଣ୍ଡକୁ ଛୁଇଁ ପାରିଛି। ତାହାହେଲା ବ୍ୟାଙ୍କ ବର୍ତ୍ତମାନ ଫାଇନାନସିଆଲ ସାଉଣ୍ଡ ୱେଲ ମ୍ୟାନେଜମେଣ୍ଟ ବ୍ୟାଙ୍କ ହିସାବରେ ଆରବିଆଇଠାରୁ ସିକୃତି ପାଇବାକୁ ଯାଇଛି। ଯାହାକି ସମଗ୍ର ଓଡିଶାରେ ଏକ ଗୌରବ କେବଳ ଆମ ବ୍ୟାଙ୍କକୁ ମିଳିବାକୁ ଯାଉଛି। ଏହାକୁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା କରତାଳି ଦେଇ ସ୍ୱାଗତ କରିଥିଲେ। ଏହାପରେ ଏ ବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ମ୍ୟାଟ୍ରିକ ଟପ୍ପର ହୋଇଥିବା ଛାତ୍ର ଶୁଭମ ଜ୍ୟୋତି ରାଉତଙ୍କୁ ବ୍ୟାଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିୟମିତ ଋଣ ନେଇ ସଠିକ ସମୟରେ ପରଶୋଦ କରିଥିବା ସେକ ଅବୁଲ କାଲିମଙ୍କୁ ବ୍ୟାଙ୍କ ସମ୍ବର୍ଦ୍ଧିତ କରିଥିଲା। ବ୍ୟାଙ୍କର ସଭ୍ୟସଭ୍ୟାମାନେ ବ୍ୟାଙ୍କ ଉନ୍ନତି ପାଇଁ ସୁ ଚିନ୍ତିତ ମତାମତ ଦେଇଥିଲେ। ସେ ମଧ୍ୟରେ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ବ୍ୟାଙ୍କ ଉନ୍ନତି ପାଇଁ ପରିଚାଳନା ପରିଷଦକୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ନୂତନ ଶାଖା ସଂପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ। ଅନାନ୍ୟ ସଭ୍ୟସଭ୍ୟାମାନେ ଯଥା ଡା ବିଶ୍ୱପ୍ରକାଶ କାନୁନଗୋ, ଡ. ସିପ୍ରା ମଲ୍ଲିକ, ହଳଧର ସେଠୀ, ଆକବର ଅଲ୍ଲୀ, ପ୍ରଫୁଲ୍ଲକୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ଭାଗୀରଥି ଜେନା, ଫକିର ଚରଣ ଖଟୁଆ, ସୁସିଲ ସାମଲ, ଶକ୍ତିକାନ୍ତ ପାତ୍ର, ବାବୁଲି ବେହେରା, ମୁକ୍ତାର ଖାନ, ବିଧାନ ଚନ୍ଦ୍ର ସାମଲ, ପରେଶ ଚନ୍ଦ୍ର ଦାସ, ନାରାୟଣ ପତି ଅବଧୁତ ରାଉତ, ସବେଶ୍ୱର ସେଠୀ ଓ ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ବିଭିନ୍ନ ସୁ ଚିନ୍ତିତ ମତାମତ ଦେଇଥିଲେ। ଏକ୍ତ ସଭାରେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ମଧ୍ୟରୁ ଉପସଭାପତି କବୟିତ୍ରୀ ଅପର୍ଣ୍ଣା ମହାନ୍ତି,ଲକ୍ଷ୍ମୀନାରାୟଣ ଦାସ,ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ନାୟକ, ଅମୂଲ୍ୟ ପ୍ରଧାନ, ଶ୍ରୀଦ୍ଧାର୍ଥ ଶଙ୍କର ଜେନା, ଆଇନଜୀବୀ ବିଦ୍ଦୁଭୂଷଣ ମହାପାତ୍ର, ସୁଧାଂଶୁ ଶେଖର ପ୍ରତାପ, ଶୁକାନ୍ତ କୁମାର ଦିବେଦୀ, ରଶ୍ମିରଞ୍ଜନ ଚୌଧୁରୀ, ଏବଂ କଳ୍ପତରୁ ମହାପାତ୍ର ଉପସ୍ଥିତ ଥିଲେ। ଏକ୍ତ ସଭାକୁ ବ୍ୟାଙ୍କର କର୍ମଚାରୀ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ରବିନ୍ଦ୍ର ପାତ୍ର, ଅଜିତ ପତି, ଲଲାଟେନ୍ଦୁ ଦାସ, ହିମାଂଶୁ ଲେଙ୍କା, ଭଞ୍ଜ କିଶୋର ଜେନା, ଆଦିତ୍ୟ ଶତପଥି ଏବଂ ମିନାକ୍ଷୀ ପାଣୀ ଇତ୍ୟାଦି ପରିଚାଳନା କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

କେନ୍ଦ୍ରାପଡ଼ା, (ପିପିଏସ): ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗର ଉପନିର୍ଦ୍ଦେଶିକା ଆରତୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀ, ପରିସଂଖ୍ୟାନ ବିଭାଗର ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ,କ୍ଷେତ୍ର ପରିଦର୍ଶକ, ଅନୁସନ୍ଧାନକାରୀ ତଥା ଡିପିଏମ୍ ୟୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ଜାତୀୟ ନମୂନା ସର୍ବେକ୍ଷଣ ତଥା ପରିସଂଖ୍ୟାନର ଜନକ ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିଶଙ୍କ ଉପରେ ଆଲୋକପାତ କରିଥିଲେ।

ସହକାରୀ ପରିସଂଖ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ଦାଶ, ଜଗନ୍ନାଥ ରାଉତ ଏବଂ ଅଜୟ କୁମାର ଖୁଣ୍ଟିଆ ବୈଠକରେ ସହଯୋଗ କରିଥିବା ବେଳେ ପରିସଂଖ୍ୟାନ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯେ,ସାମାଜିକ, ଅର୍ଥନୈତିକ ଢାଞ୍ଚା ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ତ୍ୱ ସମ୍ପର୍କରେ ସଚେତନତା କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଜୁନ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ଭାବେ ପାଳନ କରାଯାଏ। ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଭାରତୀୟ ପରିସଂଖ୍ୟାନର ଜନକ ତଥା ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିଶଙ୍କ ଅବଦାନକୁ ସ୍ମରଣ କରିବାପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଏ।

# ପେଟ ପାଇଁ ପ୍ରାଣଗଲା
# ଗାଁରେ ପହଞ୍ଚିଲା ଦାଦନଶ୍ରମିକଙ୍କ ଶବ

● କାନ୍ଧ ବୋବାଳିରେ ଫାଟି ପଡ଼ିଲା ଗାଁଦାଣ୍ଡ
● ସହାୟତା ପାଇଁ ପ୍ରଶାସନର ପ୍ରତିଶ୍ରୁତି

କେନ୍ଦୁଝର : ନିଯୁକ୍ତି ଅନ୍ୱେଷଣରେ ବେଙ୍ଗାଲୁରୁ ଯାଇଥିବା ଜଣେ ୨୬ବର୍ଷୀୟ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଉଦୟପୁର ପଞ୍ଚାୟତ ମହୁଦୀପା ଗ୍ରାମର ନରେନ୍ଦ୍ର ନାଏକଙ୍କ ସାନ ପୁଅ ଦୀପକ ନାଏକ (୨୬)। ଘରେ ଶନିବାର ଅପରାହ୍ନରେ ରୋଜଗାରକ୍ଷମ ପୁଅର ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁଦାଣ୍ଡ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା। ସୂଚନାଯେ, ଦୀପକ କିଛି ମାସ ତଳେ ଗାଁ ଯୁବକଙ୍କ ସହିତ ମିଶି ବେଙ୍ଗାଲୁରୁ କୁ କାମ କରିବାକୁ ଯାଇଥିଲେ ।ସେଠାରେ ସେ ଅର୍ଗାନିକ ପ୍ଲାଷ୍ଟିକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ୨୬ଦିନ ତଳେ ବସାଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଫାଟି ଯିବାରୁ ଦୀପକଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ି ଯାଇଥିଲା। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଭିପି ମେଗ୍ନସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ୨୫ଦିନ ଚିକିତ୍ସା ହେବା ପରେ ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ। ନରେନ୍ଦ୍ର ଅତ୍ୟନ୍ତ ଦରିଦ୍ର ଥିବାରୁ ପୁଅର ମରଶରୀର ଆଣିବାକୁ ସମର୍ଥ ଥିବାରୁ ସେ ସାହାରପଡ଼ା ଅତିରିକ୍ତ ଶ୍ରମ ଅଧିକାରୀ ଦେବେନ୍ଦ୍ର ରାଜ ପାତ୍ରଙ୍କୁ ଯୋଗାଯୋଗ କରିବା ପରେ ଶନିବାର ମର ଶରୀର ବାର୍ଗ ଫ୍ଲାଇଟ୍‌ରେ ଭୁବନେଶ୍ୱର ଓ ସେଠାରୁ ଆମ୍ବୁଲାନ୍ସରେ ଆଣିବା ପରେ ଗାଁଶ୍ମଶାନରେ ଶନିବାର ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏନେଇ ସାହାରାପଡ଼ା ସହକାରୀ ଶ୍ରମ ଅଧିକାରୀ ଦେବେନ୍ଦ୍ର ରାଜ ପାତ୍ରଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ତରଫରୁ ପରିବାରକୁ ସହାୟତା ଯୋଗାଇ ଦେବା ସହ ଆମ ବିଭାଗ ତରଫରୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



## ‘ହେଲ୍‌ମେଟ୍ ନାହିଁ ତ ପେଟ୍ରୋଲ୍ ନାହିଁ’ ନିୟମ ହେବ କଡ଼ାକଡ଼ି

ନୂଆପଡ଼ା : ନୂଆପଡ଼ା ଜିଲାପାଳଙ୍କ ସଭାଗୃହରେ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କ ଅଧକ୍ଷତାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ସିଡିଏମ୍‌ଓ ଡା. ମନୋଜ କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ମାନ ସିଂ ପ୍ରମୁଖ ଯୋଗଦେଇଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ବୈଠକରେ ଆଲୋଚନା ପରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସପ୍ତାହର ପ୍ରତି ରବିବାର ଓ ବୁଧବାର ହେଲ୍‌ମେଟ ନାହିଁ ତ ପେଟ୍ରୋଲ ନାହିଁ କଡ଼ାକଡ଼ି କରାଯିବ। ଏହାକୁ ସମସ୍ତ ବିଡ଼ିଓ, ତହସିଲଦାର ଓ ଆର୍‌ଟିଓ ତଦାରଖ କରିବେ। ନାବାଳକ ଓ ମଦ୍ୟପ ଗାଡି ଚାଳକଙ୍କ ଉପରେ ବିଶେଷ ନଜର ରଖାଯିବ। ଆର୍‌ଟିଓ, ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବରେ ଗାଡ଼ି ଚେକିଂ କରିବେ। ଅତିରିକ୍ତ ଜିଲାପାଳ କହିଥିଲେ, ଜିଲାରେ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହ ସମସ୍ତଙ୍କୁ ଏ ବିଷୟରେ ସଚେତନ କରିବାକୁ ପଡିବ। ଏଥିରେ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର ସାମିଲ ହେବେ। ଏହାପରେ ଜିଲାର ପରିବହନ କ୍ଷେତ୍ର ଓ ବସ୍‌ଷ୍ଟାଣ୍ଡର ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଆମ ବସ୍‌ର ନୂତନ ରୁଟ ଚାର୍ଟ, ନୂଆପଡ଼ା ବସ୍‌ଷ୍ଟାଣ୍ଡରେ ଦିନ ଓ ରାତିରେ ଚାଲୁଥିବା ସମସ୍ତ ବସ୍‌ର ବାଧ୍ୟତାମୂଳକ ପ୍ରବେଶ, ମହିଳା ଯାତ୍ରୀଙ୍କ ସୁରକ୍ଷା ପାଇଁ ମହିଳା ଗାର୍ଡ ମୁତୟନ, ବେସରକାରୀ ବସ୍‌ଠାରୁ ପ୍ରବେଶ ଶୁଳ୍କ ଆଦାୟ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିନାପାଲି ବ୍ଲକ ବିଡ଼ିଓ କର୍ମି ଓରାମ, କୋମନା ବିଡିଓ ବିନୟ କୁମାର ଭୋଇ, ଡିଏସ୍‌ପି ରମାକାନ୍ତ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମ୍‌ଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ଏନ୍‌ଏଚ୍ ଯନ୍ତ୍ରୀ ଆଶିଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜରୁରୀକାଳୀନ ପରବର୍ତ୍ତୀ ସ୍ଥିତି ସମ୍ପର୍କିତ କର୍ମଶାଳା




ରାଉରକେଲା(ପିପିଏସ୍) : ୫୦ ବର୍ଷ ତଳର ଜରୁରୀକାଳୀନ ପରିସ୍ଥିତିର ପରବର୍ତ୍ତୀ କାଳୀନ ସଂସଦର ଆଲୋଚନାଚକ୍ରର ପ୍ରତିରପ ଯୁବ ସଂସଦ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଅଙ୍କୁଶ ବର୍ମାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିରୂପ କର୍ମଶାଳାରେ ଇପ୍ସିତା ବିଶ୍ୱାଳ ବାଚସ୍ପତି ଭୂମିକା ନିର୍ବାହ କରିଥିବାବେଳେ ସର୍ବଶ୍ରୀ ରଞ୍ଜିତ ମହାରଣା, ଆଶିଷ କୁମାର ବେହେରା,ଶୁଭମ ପଢିଆରୀ, ସଦାନନ୍ଦ ସା,ଦେବାଶିଷ ଲେଙ୍କା, ଆଦିତ୍ୟ ତିୱାରୀ, ଶେଷାଦ୍ରୀ ପାଣ୍ଡେ,କାବ୍ୟାଶ୍ରୀ ଚଇନି, ରାମଚନ୍ଦ୍ର ସାହୁ,ଅଭିଷେକ କୁମାର ସିଂ, ସୋନମ୍ ଗିରି ପ୍ରମୁଖ ଶାସକ ବିଜେପି ସାଂସଦ ଓ ସର୍ବଶ୍ରୀ ପ୍ରଶାନ୍ତ ଦାସ,ଯତିନ ବଡା, ମୁକେଶ ଶର୍ମା, ରୋହିତ ରାୟ ପ୍ରମୁଖ ବିରୋଧୀ କଂଗ୍ରେସ୍ ଦଳର ସାଂସଦ ରୂପେ ନିଜ ନିଜର ପକ୍ଷ ରଖିଥିଲେ। ଛେଣ୍ଡସ୍ଥିତ ମେଫେୟାରକୁ ଲୋକସଭା ଭଳି ସଜାଇ ଏକ ନୂତନ ଢଙ୍ଗରେ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାରମ୍ଭରେ ଆଦିତ୍ୟ ତ୍ରିବେଦୀ ଏ ସମ୍ପର୍କରେ ପ୍ରସ୍ତାବ ରଖିଥିଲା ବେଳେ ଆଲୋଚନା ପାଇଁ ସର୍ବସମ୍ମତି କ୍ରମେ ଗୃହମତ ରଖାଯାଇଥିଲା। ଶାସକ ଦଳର ସଦସ୍ୟମାନେ ୫୦ ବର୍ଷ ତଳର ତତ୍କାଳୀନ କଂଗ୍ରେସ ସରକାରଙ୍କ ଜରୁରୀକାଳୀନ ପରିସ୍ଥିତିକୁ ଏକ ଐତିହାସିକ କଳଙ୍କ, ସାଧାରଣ ଜନତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ, ଗଣତନ୍ତ୍ରର ହତ୍ୟାକାରୀ, ମାନବ ଅଧିକାର ଉଲଂଘନ, ଗଣମାଧ୍ୟମର କଣ୍ଠରୋଧ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ସଞ୍ଜୟ ଗାନ୍ଧୀଙ୍କ ଭୂମିକାକୁ ଦୋଷାରୋପ କରିଥିଲାବେଳେ ବିରୋଧୀ ଦଳରେ ଥିବା ସଦସ୍ୟ ମାନେ ଜରୁରୀକାଳୀନ ଅବସ୍ଥାକୁ ତତ୍କାଳୀନ ସମୟର ଆବଶ୍ୟକତା, ବହୁ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ଶାସକ ଦଳର କାର୍ଯ୍ୟକଳାପ କୁ ନିନ୍ଦା କରିଥିଲେ। ସାଧାରଣତଃ ଲୋକସଭାରେ ଶାସକ ଓ ବିରୋଧି ଦଳର ସଦସ୍ୟମାନଙ୍କ ଆଚରଣ ଓ ଉଚ୍ଚାରଣକୁ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟସଭା ସାଂସଦ ସୁଜିତ କୁମାର ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଉରକେଲା ବିଜେପି ସଭାପତି ପୂର୍ଣ୍ଣିମା କେରକେଟ୍ଟା, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ଭଞ୍ଜ, ସୁଜିତ୍ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ସର୍ବଶ୍ରୀ ମିଟୁ ବେହୁରିଆ, ବୁଲୁ ପୁହାଣ, ସତ୍ୟ ଶର୍ମା,ସୁବ୍ରତ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ସଦସ୍ୟ ମାନଙ୍କ ବକ୍ତବ୍ୟର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଅନୁଷ୍ଠାନର ସୋସିଆଲ ମିଡ଼ିଆ ପ୍ରଭାରୀ ପ୍ରିତିଶ ଦେବାଶିଷ, ନୀରଜ ଚତୁର୍ବେଦୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଆବାହକ ଶ୍ରୀ ବର୍ମା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ।

# ଟ୍ରେନ୍‌ରେ ନିଆଁ

କେସିଙ୍ଗା : କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ଅହମଦାବାଦଠାରୁ ପୁରୀ ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଟ୍ରେନ୍‌ଟି ଟିଟିଲାଗଡ଼ରୁ କେସିଙ୍ଗା ଦେଇ ଟ୍ରେନ୍ ନଂ – ୧୨୮୪୪ ଅହମ୍ମଦାବାଦରୁ ପୁରୀକୁ ଯାଉଥିବା ସୁପର ଫାଷ୍ଟ ଏକ୍ସପ୍ରେସ ନିର୍ଦ୍ଧାରିତ ସମୟରେ କେସିଙ୍ଗା ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। କିନ୍ତୁ ଟ୍ରେନ୍ ପହଞ୍ଚିବା ପରେ ହଠାତ୍ ଟ୍ରେନର ମଧ୍ୟ ଭାଗରେ ଥିବା ଏସ୍-୧ କୋଚ୍‌ରେ ହଠାତ୍ ନିଆଁ ଲାଗିଯାଇ ଧୂଆଁ ବାହାରିଥିଲା। ନିଆଁ ଲାଗିବା ଜାଣିପାରି ଟ୍ରେନ୍‌ର ବଗିରେ ବସିଥିବା ଯାତ୍ରୀମାନେ ଭୟରେ ହୋ-ହଲ୍ଲା କରି ବଗିରୁ ଓହ୍ଲାଇ ପଡ଼ିଥିଲେ। ଷ୍ଟେଶନ ପରିସରରେ ଯାତ୍ରୀମାନେ ଭୟରେ ଟ୍ରେନ୍‌ରୁ ପଳାୟନ କରିଥିଲେ। ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିବାର ଜାଣି ଷ୍ଟେଶନ ମ୍ୟାନେଜର ପ୍ରଶାନ୍ତ ଭୋଇ ଆର୍‌ପିଏଫ୍‌ଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ରେନ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। କେସିଙ୍ଗା ରେଳ ଷ୍ଟେଶନରେ ଟ୍ରେନ୍‌ଟି ୪୦ ମିନିଟ୍ ବିଳମ୍ବ ହୋଇଥିଲା। ପରେ ଟ୍ରେନ୍‌କୁ ପରୀକ୍ଷା ନିରୀକ୍ଷା କଲା ପରେ ଟ୍ରେନଟି ସ୍ୱାଭାବିକ ହେଲା ପରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ଟିରେ ହଠାତ୍ କେମିତି ନିଆଁ ଲାଗିଲା ବର୍ତ୍ତମାନ ସୁଦ୍ଧା କିଛି ଜଣାପଡ଼ି ନ ଥିବା ବେଳେ ତାହାର ତଦନ୍ତ ଜାରି ରହିଥିବା ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ୍ ନିକଟରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ କରିଥିବା ୬ଜଣ ମାଓବାଦୀଙ୍କ ମଧ୍ୟରୁ ୪ ମାଓବାଦୀ ଓ ଦୁଇ ପୁରୁଷ ମାଓବାଦୀ ଥିବାବେଳେ ବିଏସ୍‌ଏଫ୍ ୧୫ ବାହିନୀ କମାଣ୍ଡାଣ୍ଟ ନବଲ ସିଂ, ୫୩ ବାହିନୀ କମାଣ୍ଡାଣ୍ଟ ସଞ୍ଜୟ କୁମାରଙ୍କ ନିକଟରେ ଏହି ୬ ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୫ ଲକ୍ଷ ପୁରସ୍କାର ଘୋଷିତ ଧନାୟ ହଲାମି, ୧ ଲକ୍ଷ ପୁରସ୍କାର ଘୋଷିତ ଦଶମତୀ କେବାଚି, ୧ ଲକ୍ଷ ପୁରସ୍କାର ଘୋଷିତ ସୁକାୟ ଓରଫ ରୋଶନୀ ପୋୟାମ, ୧ ଲକ୍ଷ ଇନାମୀ ଚେତରାମ ଉସେଣ୍ଡି ଓରଫ ରୁଷି, ୧ ଲକ୍ଷ ପୁରସ୍କାର ଘୋଷିତ ଗାଙ୍ଗୁ ପୋୟାମ, ୧ ଲକ୍ଷ ପୁରସ୍କାର ଘୋଷିତ ଶାରୀ ଓରଫ ଗାଗରି କେବାଚୀ । ଏ ସମ୍ପର୍କରେ ଏହି ସମସ୍ତ ମାଓବାଦୀ ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନ ଛତିଶଗଡ଼ ସରକାର ଓ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କୋମ୍ବିଂ ଅପରେଶନ କରି ମାଓବାଦୀଙ୍କ ଉପରେ ଆକ୍ରମଣ, ଏତିସହ ଇତିମଧ୍ୟରୁ ମାଓ ସଂଗଠନର ଟପ୍ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହେବା ଫଳରେ ମାଓବାଦୀ ସଂଗଠନ ପ୍ରାୟତଃ ଭୁଶୁଡ଼ି ପଡ଼ିବା ସହ ଏହି ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଓ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏହି ୬ ଜଣ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି । ନାରାୟଣପୁର ପୋଲିସ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି।

# ଜଙ୍ଗଲରୁ ମଣିଷ କଙ୍କାଳ ଠାବ

ଦେବଗଡ(ପିପିଏସ୍) : ଦେବଗଡ ଥାନା ଅନ୍ତର୍ଗତ କୋରଡକୋଟ ଜଙ୍ଗଲ ମଧ୍ୟରେ ଏକ ମଣିଷ କଙ୍କାଳ ଠାବ ହୋଇଥିବା ଜଣାପଡିଛି । କେତେକ ଲୋକ ଛତୁ ସଂଗ୍ରହ ପାଇଁ ଯାଇଥିବା ବେଳେ କୋରଡକୋଟ (କାଇଝରଣ)ଘଞ୍ଚ ଜଙ୍ଗଲ ମଧ୍ୟରେ କୋଣସି ଏକ ଅଜଣା ବ୍ୟକ୍ତିଙ୍କର କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେମାନେ ଦେବଗଡ଼ ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ଏକ ମାମଲା ରଜୁକରିବା ସହ ସବଇନ୍ସପେକ୍ଟର ବିନୟ କେର୍କେଟା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଙ୍କାଳ ଠାବ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ପାରିପାର୍ଶ୍ୱିକ ପରିସ୍ଥିତି ଏବଂ କଙ୍କାଳର ସ୍ଥିତିକୁ ଅନୁଧ୍ୟାନ କଲେ ପ୍ରାୟ ଏକ ମାସରୁ ଅଧିକ ସମୟ ଏହା ସେଠାରେ ପଡି ରହିଥିବା ଅନୁମାନ କରାଯାଉଛି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପ୍ରକ୍ରୀୟା ସମ୍ପାଦକ କରିବା ପରେ ଉକ୍ତକଙ୍କାଳ ଉଦ୍ଧାର କରାଯାଇ ପରୀକ୍ଷା ନିମନ୍ତେ ପଠାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଶିଶୁ ମନ୍ଦିରରେ ପ୍ରତିଭା ସମ୍ମାନ ସମାରୋହ

ବଲାଙ୍ଗିର: କଦମପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ “ପ୍ରତିଭା ସମ୍ମାନ ସମାରୋହ” ଓ ମାତୃ ସମ୍ମିଳନୀ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା ଅତିଥି ପରିଚୟ କରିଥିବା ବେଳେ ଛାତ୍ରୀ ସୁପ୍ରିତୀ ସାହୁ ଓ ଅମିଷା ସାହୁ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନଭେମ୍ବର ମାସରେ ଅନୁଷ୍ଠିତ ବାର୍ଷିକ କ୍ରୀଡାର ୨୬୭ ଜଣ ବିଜେତା ତଥା ବିଦ୍ୟାଳୟ ସ୍ତରୀୟ ବାର୍ଷିକ ପ୍ରତିଯୋଗିତା-୨୦୨୪ରେ ୯୨ ଜଣ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କାଉଟ ଓ ଗାଇଡ୍ ବିଭାଗରେ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯାଇଥିଲା । ସଂପାଦକ ତରଣୀସେନ ପଟେଲ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ ତ୍ରିଲୋଚନ ଦାଶ ଗୁରୁଜୀ କରିଥିଲେ । ଏହାପରେ ଅପରାହ୍ଣରେ ଅନୁଷ୍ଠିତ “ମାତୃସମ୍ମିଳନୀ”ରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ତହସିଲ୍ କର୍ମକର୍ତ୍ତା ବଂଶୀଧର ଦାନୀ ଯୋଗ ଦେଇଥିଲେ । ଅଭିଭାବିକାମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ପରିବେଷଣ କରା ଯାଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମାତୃଶକ୍ତିର ଆବଶ୍ୟକତାକୁ ସୂଚେଇ ଥିଲେ । ପରେ ଅଭିଭାବିକାମାନେ ନିଜ ନିଜ ମତାମତ ପ୍ରଦାନ କରିଥିଲେ ।

# ଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ



ରିଷିଡ଼ା: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ରିଷିଡ଼ା ମାଉସୀ ମା’ ମନ୍ଦିରରେ ଶନିବାର ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ ହୋଇଥିଲା। ଏହି ବେଶରେ ମହାପ୍ରଭୁଙ୍କୁ ଦର୍ଶନକରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ବିଭିନ୍ନ ନୀତିକାନ୍ତିରେ ମନ୍ଦିର କମିଟିର ସଭାପତି କରୁଣାକର ରଣା, ସମ୍ପାଦକ ପାର୍ଥ ସାହୁ, ବାବୁଲା ସାହୁ, ସଞ୍ଜୟ ରଣା, ସୁଶାନ୍ତ ମଲ୍ଲିକ, କ୍ଷୀରସାଗର ରଣା, ପୂଜକ ମଧୁ ଦାସ, ମନୁଦାସ ପ୍ରମୁଖ ସହଯୋଗ କରୁଛନ୍ତି । ସନ୍ଧ୍ୟାରେ ଭଜନ ସମାରୋହ ସହ ପାଲା ଅନୁଷ୍ଠିତ ହୋଇଥିଲା।

# ପଣ୍ଡିତ କବିରାଜ ଦଶରଥ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର: ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସଂଗଠନ ତରଫରୁ କବିରାଜ ଦଶରଥ ମିଶ୍ରଙ୍କ ବିୟୋଗରେ ଶିକ୍ଷାବିତ୍ କପିଳ ପତିଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡଃ. ପ୍ରେମଚନ୍ଦ ମହାନ୍ତି, ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର, ଆଦ୍ୟାଶକ୍ତି ନାରୀ ସଂଗଠନର ସଂପାଦିକା କସ୍ତୁରୀ ରଥ, ଅଙ୍କୁର ସାହିତ୍ୟ ସଂସଦର ସଂପାଦକ ଡା. ଅଶୋକ କୁମାର ସେଠୀ, ଡ. ଭବାନୀ ଶଙ୍କର ପଟେଲ, ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥ, ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ନିଜ ନିଜ ବକ୍ତବ୍ୟ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦଶରଥ ମିଶ୍ର ଜଣେ ବିଶିଷ୍ଟ ସଂସ୍କୃତ ଅଧ୍ୟାପକ, କବିରାଜ ଏବଂ ଆୟୁର୍ବେଦ କଲେଜ ନିର୍ମାଣରେ ପ୍ରମୁଖ ଭୂମିକା ତଥା ବଲାଙ୍ଗିର ର ଅନେକ ସାମାଜିକ ସାଂସ୍କୃତିକ ଅନୁଷ୍ଠାନରେ ବିଭିନ୍ନ ଦାୟିତ୍ୱ ନିର୍ବାହ ତଥା ଉପଦେଷ୍ଟା ଭାବରେ ଅବସ୍ଥାପିତ ଥିଲେ ବୋଲି ପ୍ରକାଶ କରିଥିଲେ । ଏହି ସଭାରେ ଚୁଡେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ଷଡଙ୍ଗୀ, ରିନାରାଣୀ ଶତପଥି, ମିନାକ୍ଷୀ ଗୁରୁ, ସଂଯୁକ୍ତା ମିଶ୍ର, ଦୀପ୍ତିମୟୀ ମିଶ୍ର, ମାଧୁରୀ କୁଅଁର, ବଳିଷ୍ଠ ପଧାନ, ହୃଷିକେଶ ପୁରୋହିତ ଓ ଦୁର୍ଗା ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଜା ବିକ୍ରମଦେବ ବର୍ମାଙ୍କ ୧୫୭ତମ ଜୟନ୍ତୀ

ଜୟପୁର, (ହି.ସ.)- ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମଦେବ ବର୍ମାଙ୍କର ୧୫୭ ତମ ଜୟନ୍ତୀ ପାଳିତ ହୋଇଛି । ଓଡିଶା ସାହିତ୍ୟ ଏକାଡେମି ଓ ଜୟପୁର ସାହିତ୍ୟ ପରିଷଦ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି । ରଜାନହର ସ୍ଥିତ ଏସଆର ମଲର କନଫ୍ରେନସ ହଲରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଛି । ଏହି ସଭାକୁ ପରିଷଦର ସଭାପତି ହରି ହରି କରସୁଧା ପଟ୍ଟନାୟକ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ସୁରେନ୍ଦ୍ର ନାଥ ଦାସ, ମୁଖ୍ୟବକ୍ତା ଭାବେ ଗବେଷକ ଶ୍ରୀରଙ୍ଗ ନାୟକ, ସମାଜ ଶାସ୍ତ୍ରବିତ୍ ପୂର୍ବତନ ନିର୍ଦ୍ଦେଶକ କୋଟସ୍ ପ୍ରଫେସର ସତ୍ୟ ନାରାୟଣ ରଥ ପରିଷଦର ସାଧାରଣ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ବିକ୍ରମ ଦେବ ସମ୍ମାନ ୨୦୨୫ ବଙ୍ଗାଳୀ ନନ୍ଦଙ୍କୁ ପ୍ରଦାନ କରାଯାଇଥିବା ବେଳେ ଜୟପୁର ସାହିତ୍ୟ ପରିଷଦ ସମ୍ମାନ ସତ୍ୟ ନାରାୟଣ ରଥଙ୍କୁ ପ୍ରଦାନ କରାଯାଇଥିଲା । ଗାୟତ୍ରୀ ବାହିନିପତିଙ୍କ ଲିଖିତ ସ୍ମୃତି ପାଖୁଡା ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀନାଥ ମିଶ୍ର, ନଳିନି ମିଶ୍ର, ପ୍ରଦିପ ମିଶ୍ର, ମଦନ ମୋହୋନ ନାୟକ, ସୁରେସ ଦାସ, ପ୍ରେମାନନ୍ଦ ଦାସ, ମନୋରଞ୍ଜନ ପ୍ରଧାନ, କେଦାର ବେହେରା, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ଜାନକି ପାଣିଗ୍ରାହୀ, ମାଧୁରି ପଣ୍ଡା, ସୌଭାଗିନି ନନ୍ଦ, ପ୍ରମୋଦିନି ହୋତା କିବତା ସାହୁ , ପ୍ରମୋଦ ରାଉଳ, ରଘୁ ନାଥ ବିଶ୍ୱାଳ, ଅଶୋକ ମହାରଣା, ପରେଶ ରଥ, ଲିନା ନନ୍ଦ , ସାଇମନ ବିଡିକା, ସବ୍ୟସାଚି ବିଷୋୟୀ, ବାସୁଦେବ ମହାପାତ୍ର, ଗୋପାଳ ସାମନ୍ତରାୟ, ଧିରେନ ମୋହନ ପଟ୍ଟନାୟକ, ବିଦ୍ୟୁତ ପ୍ରଭା ଦେବି ପ୍ରମୁଖ ଉପସ୍ଥିତ ରହିଥିଲେ । ଉପସ୍ଥିତ ଅତିଥି ମାନେ ବିକ୍ରମ ଦେବ ବର୍ମାଙ୍କ ଅବଦାନ ଅତୁଳନିୟ ବୋଲି କହିଥିଲେ । ବିକ୍ରମ ଦେବ ଚାହିଁ ନଥିଲେ ଅବିଭକ୍ତ କୋରାପୁଟ ଜିଲା ଆଜି ଓଡିଶାରେ ନଥାନ୍ତା । ଏହା ଆନ୍ଧ୍ରାରେ ରହିଥାନ୍ତା । ବିକ୍ରମ ଦେବ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ, ସଂସ୍କୃତବିଦ୍ ଓ ସାହିତ୍ୟନୁରାଗୀ । ତାଙ୍କ ଅବଦାନ ହେଉଛି କଟକ ମେଡିକାଲ କଲେଜ, ବିକ୍ରମ ଦେବ କଲେଜ ତାଙ୍କ ଅବଦାନ ଓଡିଶା ପ୍ରତି ଯଥେଷ୍ଟ ରହିଥିବା ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିବା ବେଳେ ମଧୁସୁଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ଥିକ ସାକ୍ଷରତା ସଚେତନତା ଶିବିର

କନ୍ଧମାଳ: ରାଜ୍ୟ ସରକାରଙ୍କ ଆର୍ଥିକ ସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଫୁଲବାଣୀ ଜିଲ୍ଲା ଫିଅନପଡ଼ାର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରରେ ଆର୍ଥିକ ସେବା ସାକ୍ଷରତା ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ସୁପରିଟେଣ୍ଡେଂଟ ପୋଷ୍ଟ, ଡ଼ିଓପିଏଲଆଇ, ଫିଲ୍ଡ ଅଫିସର ଓ ଦୁଇ ଏଜେଂଟ ପ୍ରମୁଖ ଯୋଗଦେଇ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରୁ ସୁରକ୍ଷା ଓ ସୁରକ୍ଷିତ ସଂଚୟକୁ ନେଇ ଜନସାଧାରଣଙ୍କୁ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। କନ୍ଧମାଳ ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶକ, ସଂଚୟ ଓ ଆର୍ଥିକ ସେବା ଅଧିକାରୀ ବିଜୟ ଚନ୍ଦ୍ର ପାଲୋ। ଶିବିର ପରିଚାଳନା କରିଥିବାବେଳେ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ, ଯଥା। ସରକାରଙ୍କର ଦ୍ୱାରା ପରିଚାଳିତ ସ୍ୱଳ୍ପ ସଂଚୟ ଯୋଜନା, ଆର୍ଥିକ ଠକାମିରୁ ବଂଚିବାର ଉପାୟ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା, ଡିଜିଟାଲ ବ୍ୟାଙ୍କରେ ଥିବା ଉଭୟ ଭଲ ଓ ଖରାପ ପରିଣାମ ଏବଂ ଆର୍ଥିକ ଅର୍ନ୍ତଭୁକ୍ତି କରଣ ବିଷୟରେ ସୁସ୍ପଷ୍ଟ ଭାଷଣ ପ୍ରଦାନ କରିଥିଲେ। ଏଠାରେ ଅଙ୍ଗନବାଡ଼ି କର୍ମଚାରୀ, ଏସ୍‌ଏଚ୍‌ଓ ଗ୍ରୁପ ମେମ୍ବରସ ଓ ସ୍ଥାନୀୟ ମହିଳାମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।

# ହଜାର ହଜାର ଭକ୍ତଙ୍କ ସମାଗମରେ ଜୟପୁରରେ ରଥଯାତ୍ରା

ଜୟପୁର, (ହି.ସ.) - କୋରାପୁଟ ଜିଲା ଜୟପୁର ରଥଯାତ୍ରାରେ କଡା ସରୁକ୍ଷା ବଳୟରେ ପାରମ୍ପରିକ ରିତିନିତି ଅନୁଯାୟୀ ରଥଟଣା ଆରମ୍ଭ କରାଯାଇଛି । ସାରା ରାଜ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୟପୁରରେ ତା ପରଦିନ ରଥ ଯାତ୍ରା ଅନୁଷ୍ଠିତ ହୋଇଛି । ଠାକୁରଙ୍କ ପହଣ୍ଡି କରାଯାଇ ରଥା ରୁଢ କରାଯାଇଥିବା ବେଳେ ଅପରାହ୍ନ ସାଢେ ୩ ଘଂଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ରଜାନହର ଠାରୁ ରଥଟଣା ଆରମ୍ଭ କରାଯାଇ ଥିଲା । ବାଙ୍କମଠ ଠାରେ ପ୍ରଭୁ ତିନି ଠାକୁର ଦଶ ଅବତାର ରେ ଦଶ ଦିନ ଭକ୍ତ କୁ ଦର୍ଶନ ଦେବେ । ବଡ ରଥ କୁ ପରୁଷ ମାନେ ଟାଣି ଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥ କୁ ମହିଳା ମାନେ ଟାଣି ଥିଲେ । ପୋଲିସ ତରଫରୁ କଡା ସୁରକ୍ଷା କରାଯାଇ ଥିବା ବେଳେ ୧୦ ପ୍ଲାଟୁନ ପୋଲିସ ସହ ୪୦ ଜଣ ଅଫିସର ମୁତୟନ ହୋଇଥିଲେ । ଭକ୍ତ ମାନେ ଯେପରି ସୁରୁଖୁରୁରେ ରଥ ଟାଣି ପାରିବେ ସେ ନେଇ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା । ହଜାର ହଜାର ଅବିଭକ୍ତ କୋରାପୁଟ ଜିଲାର ଆଦିବାସି ମାନେ ସେମାନଙ୍କ ପରମ୍ପରିକ ପୋଷାକ ପିନ୍ଧି ରଥ ଟଣାରେ ଭାଗ ନେଇଥିଲେ । ସଂକୀର୍ତନ ମଣ୍ଡଳି ସହ ଘଂଟୁଆ ମାନଙ୍କ ଘଂଟ ବାଜାରେ ଜୟପୁର ବଡଦାଣ୍ଡ ଉତ୍ସବ ମୁଖର ହୋଇ ପଡିଥିଲା । ଜୟପୁର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱରେ ଥିବା କୋଠା ମାନଙ୍କରେ ରଥ ଟଣା ଦେଖିବା ପାଇଁ ଭକ୍ତ ଙ୍କ ଭିଡ ଜମିଥିଲା । ରଥ ଟଣା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜୟପୁର ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଜୟପୁର ଏସଡିପିଓ ପାର୍ଥ କଶ୍ୟପ , ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ବାସ୍ତବିକ ବୟସ କ'ଣ ଜଣକୁ ସୁନ୍ଦର ବା ରୁଗ୍‌ଣ କରେ ? ବୟସ ହେଉଛି ଶରୀର ସଂପର୍କୀୟ, ସାହିତ୍ୟ ଓ କଳା ହେଉଛି ମନ ଜଗତର କାର୍ଯ୍ୟ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୦୮)

ପ୍ରଜାତନ୍ତ୍ର

ତା ୩୦ ।୬। ୨୦୨୫ ■ ସୋମବାର

# ଭାରତ ଓ ଆମେରିକା

ଆମେରିକା ଓ ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ସଂକେତ ମିଳୁଛି ଯେ ଭାରତ ସହ ଶୀଘ୍ର ବାଣିଜ୍ୟ ବୁଝାମଣା ହୋଇପାରେ । ଏହା ଭଲ କଥା, କିନ୍ତୁ ମୋଦୀ ସରକାରକୁ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ ଯେ ଏ ବୁଝାମଣା ଟ୍ରମ୍ପଙ୍କ ସର୍ତ୍ତ ଅଥବା ତାଙ୍କ ଚାପ ଓ ପ୍ରଭାବରେ ଆଦୌ କରାଯିବା ଠିକ୍ ହେବ ନାହିଁ । ଭାରତକୁ ଏ ମାମଲାରେ ସତର୍କ ରହିବା ଦରକାର, କାରଣ ଟ୍ରମ୍ପ କେବଳ ଆମେରିକା ଓ ଏପରିକି ନିଜର ହିତକୁ ପ୍ରାଥମିକତା ଦେଇଆସୁଛନ୍ତି । ସେ ଆମେରିକାକୁ ମହାନ କରିବା ଲାଗି ଅତି ଶୀଘ୍ରତା ପ୍ରଦର୍ଶନ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଭାବେ ତାଙ୍କୁ ଆମେରିକାର ହିତ ପାଇଁ ଚିନ୍ତା କରିବା ଦରକାର, କିନ୍ତୁ ତା'ର ମାନେ ନୁହେଁ ଯେ ସେ ନିଜ ନୀତି ବିପରୀତ ଆଚରଣ କରିବେ ଓ ଭାରତ ଭଳି ମିତ୍ର ଦେଶମାନଙ୍କ ପ୍ରତି ନିର୍ଦ୍ଦୟ ଭାବ ପ୍ରଦର୍ଶନ କରିଚାଲିବେ । ଇତିମଧ୍ୟରେ ସେ ଯେପରି ଭାବେ ଭାରତର ହିତ ସଂକ୍ରାନ୍ତରେ ଚିନ୍ତା ନ କରି ସେଇ ପାକିସ୍ତାନ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଛନ୍ତି, ଯାହାକୁ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ଧୋକାବାଜ, ଆତଙ୍କବାଦୀଙ୍କ ସମର୍ଥକ ଏବଂ ଆମେରିକା ପ୍ରତି ଛଳନା କରି ଅର୍ଥ ସଂଗ୍ରହ କରୁଥିବା ଦେଶ ବୋଲି କହି ସାରିଛନ୍ତି । ଏବେ ସିଏ ତାହାର ବଡ଼ ହିତୈଷୀ ଦେଖାଇହେବାକୁ ଚେଷ୍ଟା କରୁଛନ୍ତି ।

ଏକଥା ମଧ୍ୟ ଧ୍ୟାନ ଦେବା ଯୋଗ୍ୟ ଯେ ତାଙ୍କର ମନୋମୁଖୀ ବାଣିଜ୍ୟ କର ନୀତି ଚାଲିପାରୁ ନାହିଁ ଓ ସିଏ ନିଜର କଠୋର ବ୍ୟବହାରକୁ ନରମ କରିବାକୁ ବାଧ୍ୟ ହୋଇଛନ୍ତି । ଏହା ଫଳରେ ତାଙ୍କୁ ନିଜ ଦେଶରେ ଓ ବିଦେଶରେ ଲଜ୍ଜିତ ହେବାକୁ ପଡ଼ିଛି । ଟ୍ରମ୍ପ ଶାନ୍ତିଦୂତ ଭାବେ ନିଜକୁ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି, କିନ୍ତୁ ଆମେରିକା ରାଷ୍ଟ୍ରପତିଠାରୁ ତାଙ୍କର ଆଚରଣ ଅଧିକମାତ୍ରାରେ ବ୍ୟବସାୟିକ ବା ବେପାରୀ ହେବାର ଆଗ୍ରହ ଥିବା ପରିଲକ୍ଷିତ ହେଉଛି । ସିଏ ନିଜେ କିପ୍ରକାର ଆଚରଣ କରିବେ, ତାହା ତାଙ୍କର ନିଜସ୍ୱ ବ୍ୟାପାର, କିନ୍ତୁ ଭାରତକୁ ସିଏ ମନୋମୁଖୀ ଢଙ୍ଗରେ ବ୍ୟବହାର କରିବାକୁ ଦେବା କଥା ନୁହେଁ । ତେଣୁ ଭାରତ ଯେତେବେଳେ କହିଦେଲା ଆମେରିକା ସହ ବାଣିଜ୍ୟ ବୁଝାମଣା କରିବାର ଏତେ ଶୀଘ୍ର କରାଯିବାର ଆବଶ୍ୟକତା ନାହିଁ, ତାହା ଆମେରିକାକୁ ବିଶେଷକରି ଟ୍ରମ୍ପଙ୍କୁ ପାନେ ହୋଇଛି ବୋଲି କୁହାଯାଇପାରେ । ଅପରେସନ ସିନ୍ଦୂର ଓ ଇସ୍ରାଏଲ୍-ଇରାନ ଯୁଦ୍ଧରେ ଟ୍ରମ୍ପଙ୍କର ଦୋଗଲା ବ୍ୟବହାରକୁ ସମଗ୍ର ବିଶ୍ୱ ମଧ୍ୟ ଦେଖିଛି । ତାଙ୍କ ହସ୍ତକ୍ଷେପ ଯୋଗୁଁ ପାକିସ୍ତାନ-ଭାରତ ମଧ୍ୟରେ ସଂଘର୍ଷ ବିରତି ହୋଇଛି ବୋଲି ତାଙ୍କର ଘୋଷଣା ଯେ ସତ୍ୟ ଉପରେ ଆଧାରିତ ନଥିଲା, ତାହା ପ୍ରମାଣିତ ହୋଇଗଲାଣି ।

ଯଦି ଭାରତକୁ ଆମେରିକାର ଆବଶ୍ୟକତା ଅଛି ତେବେ ତାହା ଭାରତକୁ ସମର୍ଥନ କରିବା ଦରକାର । ଦୁଇଦେଶ ମଧ୍ୟରେ ମିତ୍ରତା ତେବେ ଯାଇ କା,ମ ରହିପାରିବ, ଯେବେ ପରସ୍ପର ହିତ ପ୍ରତି ଉଭୟ ତରଫରୁ ଆଦର ଥିବ । ଟ୍ରମ୍ପ ଏପରି ଆଦୌ କରୁନାହାନ୍ତି । ତାଳି ଗୋଟିଏ ହାତରେ ବାଜେ ନାହିଁ । ଅବଶ୍ୟ ଏକଥା ସତ୍ୟ ଯେ ଆର୍ଥିକ ଓ ସାମରିକ ଦୃଷ୍ଟିରୁ ଆମେରିକା ଏବେ ବେଶ ଶକ୍ତିଶାଳୀ ରାଷ୍ଟ୍ର ହୋଇଯାଇଛି କିନ୍ତୁ ଏବେ ତାହାର ପ୍ରଭାବ ପୂର୍ବଭଳି ଏତେ ନାହିଁ ଓ ଏହା ମଧ୍ୟ ଏକ ତଥ୍ୟ ଯେ ବିଗତ କିଛିବର୍ଷ ଭିତରେ ଭାରତର ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠା ବେଶ୍ ବୃଦ୍ଧି ପାଇଛି । ଏହାକୁ କୌଣସି ଦେଶ ଅଣଦେଖା କରିପାରୁ ନାହିଁ- ଚୀନ ହେଉ କି ଆମେରିକା । ଭାରତକୁ ଚୀନ ଏବଂ ଆମେରିକା, ଉଭୟଙ୍କ ପ୍ରତି ସାବଧାନ ରହିବା ସହିତ ନିଜର ଆର୍ଥିକ ଶକ୍ତିକୁ ମଧ୍ୟ ବୃଦ୍ଧି କରିବାକୁ ହେବ । ଏହାର ଆବଶ୍ୟକତା ବିରୋଧୀ ପକ୍ଷ ବିଶେଷକରି କଂଗ୍ରେସ ଦଳକୁ ବୁଝିବା ଦରକାର । ଜଣାନାହିଁ କାହିଁକି କଂଗ୍ରେସ ପ୍ରତ୍ୟେକ କଥାରେ ଛିଦ୍ର ଖୋଜିବାରେ ବ୍ୟସ୍ତ । ଲାଗୁଛି, ତାହା ସମ୍ଭବତଃ ସ୍ମରଣ ରଖିପାରୁନାହିଁ ଯେ ତାହା ହେଉଛି ପ୍ରମୁଖ ବିରୋଧୀ ଦଳ ଓ ଦୀର୍ଘ ସମୟ ଯାଏ ତା' ହାତକୁ କ୍ଷମତା ଆସିବାର ନାହିଁ । ❑❑

## ସତ୍‌କର୍ମର ପ୍ରଭାବ

ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବ ଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ । ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ । କଥାରେ ଅଛି ପ୍ରତ୍ୟେକ ବ୍ୟକ୍ତି ଖାଲି ହାତରେ ଆସିଥାଏ ଏବଂ ମୃତ୍ୟୁ ସମୟରେ ଖାଲି ହାତରେ ଯାଇଥାଏ । ଏହି ସମୟରେ କେହି ତା ସାଥୀରେ ଆସିନଥାନ୍ତି । ଏମିତିକି ମୃତ୍ୟୁ ସମୟରେ ମାତା-ପିତା, ଭାଇ-ଭଉଣୀ, ପତ୍ନୀ, ପୁତ୍ର, ପୁତ୍ରୀ ଓ ସଂପର୍କୀୟମାନେ ମୃତ ଶରୀରକୁ ଛାଡ଼ି ଦେଇଥାନ୍ତି । କେହି ତା ସାଥୀରେ ଯାଇନଥାନ୍ତି । କିନ୍ତୁ ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଥିବା କଥାକୁ ଗଭୀର ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ, କୌଣସି ବ୍ୟକ୍ତି ଏକୁଟିଆ ଯାଇନଥାଏ । ସେ ସମୟରେ ତା ସାଥୀରେ କେହି ଯାଇନଥାଏ । ମଣିଷ ବଞ୍ଚି ରହିଥିବା ସମୟରେ ଏବଂ ମୃତ୍ୟୁ ପରେ କିଏ ତା ସହିତ ରହିଥାଏ ଆସନ୍ତୁ ସେ ସଂପର୍କରେ ଜାଣିବା । ଶାସ୍ତ୍ର ଅନୁସାରେ ଧର୍ମ ହିଁ ମୃତ୍ୟୁପରେ ବ୍ୟକ୍ତିର ସାଥୀରେ ଥାଏ । ଧର୍ମଶାସ୍ତ୍ରରେ ଉଲ୍ଲେଖିଥିବା ବ୍ୟବହାରକୁ ମଣିଷ ଆପଣାଇଥାଏ ତେବେ ସେ ନିଜେ ଖୁସରେ ରହିବା ସହ ଆଖପାଖର ଅଶାନ୍ତ ଓ କଳହପୂର୍ଣ୍ଣ ପରିବେଶ ଖୁସିରେ ପରିଣତ କରିପାରିଥାଏ । ଶାସ୍ତ୍ରାନୁସାରେ ମୃତ୍ୟୁ ପରେ ବ୍ୟକ୍ତିର ନିଜ ଲୋକ ଏବଂ ସଂପର୍କୀୟମାନେ ମୃତ ଦେହକୁ ନେଇ କିଛି ସମୟ ମୋହ ଓ ଭାବନା ବ୍ୟକ୍ତ କରିଥାନ୍ତି । କିନ୍ତୁ ପରେ ଅନ୍ତିମ ସଂସ୍କାର କରି ଚାଲିଯାଇଥାନ୍ତି । କିନ୍ତୁ ଏହି ସମୟରେ ଧର୍ମ ହିଁ ଏଭଳି ସାଥୀ ଯିଏକି ମୃତ ବ୍ୟକ୍ତି ସହ ଯାଇଥାଏ ।

# ଯୁଦ୍ଧଖୋର ଆମେରିକା

**ସୌଭାଗ୍ୟ ରଂଜନ ମହାନ୍ତି**

ଇସ୍ରାଏଲର ସମର୍ଥନରେ ଇରାନର ଫୋର୍ଦୋ, ନାଟାଞ୍ଜ ଓ ଇସଫାହାନ ସ୍ଥିତ ଆଣବିକ କେନ୍ଦ୍ର ଉପରେ ଆମେରିକାର ଅତର୍କିତ ଆକ୍ରମଣ କେବଳ ତୃତୀୟ ବିଶ୍ୱ ଯୁଦ୍ଧ ଆଶଙ୍କା ସୃଷ୍ଟି କରିନାହିଁ, ସମଗ୍ର ବିଶ୍ୱକୁ ଅସ୍ଥିରତା ଆଡକୁ ଟାଣି ନେଇଛି ବୋଲି କୁହାଯାଇପାରିବ । ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ସାମିଲ ହେବା ଘଟଣାକୁ ନେଇ ବିଶ୍ୱର ଦୁଇ ପ୍ରମୁଖ ଶକ୍ତି ରୁଷ ଓ ଚୀନ ତୀବ୍ର ନିନ୍ଦା କରିଛନ୍ତି । ସେହିପରି ପଶ୍ଚିମ ଏସିଆ ଅଂଚଳରେ ବହୁ ମୁସଲିମ ରାଷ୍ଟ୍ର ମଧ୍ୟ ଖୋଲାଖୋଲି ଭାବେ ଆମେରିକାକୁ ନିନ୍ଦା କରି ଇରାନ ସପକ୍ଷରେ ଥିବା ସଂକେତ ଦେଇସାରିଲେଣି । କେବଳ ଏତିକି ନୁହେଁ, ଇରାନ-ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ତେହେରାନ ସମ୍ପର୍କରେ ଚିନ୍ତା କରିବାକୁ ଦୁଇ ମାସ ସମୟ ନେବା ପାଇଁ ଘୋଷଣା କରିବା ମାତ୍ର ଦୁଇଦିନ ପରେ ଆମେରିକାର ଟ୍ରମ୍ପ ପ୍ରଶାସନ ହଠାତ୍ ରାତିଅଧିଆ ଆକ୍ରମଣ କରିବା ସମଗ୍ର ବିଶ୍ୱ ପାଇଁ ଏବେ ବିପଦ ଆମନ୍ତ୍ରଣ କରିଛି । କେଉଁ ଦେଶ କାହା ସପକ୍ଷରେ ରହିବେ, ଏବେଠାରୁ ଜଣାପଡି ସାରିଲାଣି ।

ବ୍ରିଟେନ, ସହ କିଛି ରାଷ୍ଟ୍ର ଆମେରିକା ସପକ୍ଷରେ ଖୋଲାଖୋଲି ଥିବା ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ଯଦି ଆମେରିକା ବିରୁଦ୍ଧରେ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ପରିଣତି ଭୟାବହ ହେବା ନେଇ ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଥିବାବେଳେ ଏହାର ଯବାବ ଦେବା ପାଇଁ ତେହେରାନ ଘୋଷଣା କରିବା ସହ କତାର ସ୍ଥିତ ମାର୍କିନ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ କରିଥିବା ଦାବି କରିଛି । ଆହୁରି ମଧ୍ୟ ଇରାନର କ୍ଷେପଣାସ୍ତ୍ର ମାଡରେ ଇସ୍ରାଏଲର ବ୍ୟାପକ କ୍ଷତି ହୋଇଥିବା କୁହାଯାଏ । ଇସ୍ରାଏଲ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡିଥିବାବେଳେ ଏବଂ ଇରାନର ଜବାବୀ ଆକ୍ରମଣରେ ଆମେରିକା କି କାର୍ଯ୍ୟପନ୍ଥା ଗ୍ରହଣ କରୁଛି ଏବେ କେବଳ ଅପେକ୍ଷା । କହିବା ବାହୁଲ୍ୟ ଯେ, ଟ୍ରମ୍ପ ଯେତେବେଳେ କ୍ଷମତାର ବାହାରେ ଥିଲେ, ସେତେବେଳେ ନିଜକୁ ପିସମେକର(ଶାନ୍ତି ପ୍ରତିଷ୍ଠାକରୀ) ଭାବେ ଚିତ୍ରଣ କରୁଥିଲେ । ସେ ଆମେରିକାର ଯୁଦ୍ଧ ମନୋବୃତି ବିରୁଦ୍ଧରେ ମତ ଦେଇଥିଲେ । ଏପରିକି ସେ ରାଷ୍ଟ୍ରପତି ଯଦି ଥାନ୍ତେ, ତେବେ ୟୁକ୍ରେନ-ରୁଷ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ହୋଇନଥାନ୍ତା । ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ମାସକ ମଧ୍ୟରେ ଉଭୟ ଯୁଦ୍ଧ ବନ୍ଦ କରିବା ପାଇଁ ବାରମ୍ବାର ଘୋଷଣା କରିଥିଲେ ।

ନିଜକୁ ଶାନ୍ତି ପ୍ରତିଷ୍ଠାକାରୀ ଭାବେ ଚିତ୍ରଣ କରୁଥିବା ଟ୍ରମ୍ପ ଏବେ ଇରାନ-ଇସ୍ରାଏଲ ଯୁଦ୍ଧରେ ଅଂଶ ହୋଇସାରିଲେଣି । ଏହା ନିସନ୍ଦେହ ଯେ, ଇରାନର ଯୁଦ୍ଧଖୋର ନୀତି କାହାରିକୁ ଅଛପା ନୁହେଁ । ୟୁକ୍ରେନକୁ ଆମେରିକା ଉଭୟ ସାମରିକ ଓ ଆର୍ଥୀକ ସହାୟତା ଦେଇ ରୁଷ ବିରୁଦ୍ଧରେ ଲଢାଉଥିବାବେଳେ ଇସ୍ରାଏଲ ତାର ମିତ୍ର ରାଷ୍ଟ୍ର ଭାବେ ଜଣାଶୁଣା । ଟ୍ରମ୍ପ କ୍ଷମତାକୁ ଆସିବା ପରେ ଶାନ୍ତି ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ।

ମାତ୍ର କ୍ଷମତାର ୬ମାସ ପରେ ଏବେ ସେ ନିଜେ ଜଣେ ଯୁଦ୍ଧଖୋର ଓ ବୈଶ୍ୱିକ ଆକ୍ରମଣକାରୀରେ ପରିଣତ ହୋଇଛନ୍ତି ବୋଲି କହିଲେ ଅତିରଂଜିତ ହେବ ନାହିଁ । କହିବା ବାହୁଲ୍ୟ ଆମେରିକା ଯେବେ ଯୁଦ୍ଧକୁ ଆସେ, ନିଜର ଅତୀତର ଭୁଲରୁ କିଛି ଶିକ୍ଷା କରିପାରିନଥିବା ମନେହୁଏ । ୨୦୦୦ରେ ଆମେରିକା ଆଫଗାନ ଉପରେ ଆକ୍ରମଣ କରିଥିଲା । ସେଠାରୁ ଅଲ-କାଇଦାକୁ ଧ୍ୱଂସ କରିବା, ତାଲିବାନକୁ ହଟାଇବା ଏବଂ ଗଣତନ୍ତ୍ରୀକ ଶାସନ ପ୍ରତିଷ୍ଠା କରିବା ପାଇଁ ପ୍ରତିଜ୍ଞା କରିଥିଲା । କିନ୍ତୁ ୨୦ବର୍ଷ ପରେ ତାଲିବାନକୁ କ୍ଷମତା ଦେଇ ଆଫଗାନରୁ ପ୍ରତ୍ୟାବର୍ତନ କରିଥିଲା । ଇରାକ ଗଣବିଧ୍ୱଂସକାରୀ ରସାୟନିକ ଓ ଜୈବିକ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗକାରୀ ୨୦୦୩ରେ ଆକ୍ରମଣ କରିଥିଲା । ସେହିପରି ଲିବ୍ୟାବାସୀଙ୍କୁ ସ୍ୱେଚ୍ଛାଚାରୀ ଶାସକ କବଳରୁ ରକ୍ଷା କରିବା ପାଇଁ ୨୦୧୧ରେ ଲିବ୍ୟା ଆକ୍ରମଣ କରିଥିଲା । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଇରାନ କୌଣସି ଆଣବିକ କାର୍ଯ୍ୟକ୍ରମ ଚଳାଉନଥିବା ନେଇ ଗତ ମାର୍ଚ୍ଚ ମାସରେ ଆାମରିକାର ଗୋଇନ୍ଦା ସଂସ୍ଥା ରିପୋର୍ଟ ଦେଇଥିବାବେଳେ ହମେତ ଆକ୍ରମଣ ନେଇ ତା'ର ଯୁଦ୍ଧଖୋର ଓ ବିସ୍ତାରବାଦୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ବୋଲି କୁହାଯାଇପାରେ ।

ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଥରେ ଆମେରିକା ଓ ଅନ୍ୟ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରଙ୍କ ସହ ଇରାନ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର କରିବା ସହ ତାର ଆଣବିକ କାର୍ଯ୍ୟକ୍ରମ ତଦାରଖ ପାଇଁ ଅନୁମତି ଦେଇଥିଲା । ମାତ୍ର ଏହି ଚୁକ୍ତିକୁ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ରାଷ୍ଟ୍ରପତି ଥିବାବେଳେ ଚିରିଦେଇଥିଲେ । ଆଣବିକ କାର୍ଯ୍ୟକ୍ରମ ନେଇ ଇରାନ ପୁଣି ଥରେ ଆମେରିକା ସହ ଆଲୋଚନାରେ ସାମିଲ ଥିବାବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟୁହ ଏହାକୁ ଭଣ୍ଡୁର କରିଦେଇଥିଲେ । ଏବେ ଇରାନ ଯୁଦ୍ଧ ପଶ୍ଚିମ ଏସିଆର ସ୍ଥିରତା ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ । ଛୋଟ ଛୋଟ ରାଷ୍ଟ୍ରଗୁଡିକ ନିଜର ସୁରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରେ ନିଜକୁ ସାମିଲ କରିବା ଅସ୍ୱୀକାର କରାଯାଇ ନପାରେ । ବୃହତ ଶକ୍ତି ରାଷ୍ଟ୍ରଗୁଡିକ ଏବେ ଆଉ ଟ୍ରମ୍ପଙ୍କ କଥାରେ ଭରସା କରିପାରିବେ ନାହିଁ । ଉତର କୋରିଆ ତାର ଆଣବିକ କାର୍ଯ୍ୟକ୍ରମରୁ କେବେଳ ଓହରିବ ନାହିଁ । ଯଦି ଏହି ଯୁଦ୍ଧରେ ଇରାନ ନିଜକୁ ସୁରକ୍ଷିତ ରଖେ, ସେ ନିଜର ଆଣବିକ କାର୍ଯ୍ୟକ୍ରମକୁ ଆହୁରି ଯୋରଦାର କରିବ, ଏଥିରେ ସନ୍ଦେହ ନାହିଁ । କତାର ସ୍ଥିତି ଆମେରିକାର ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ ଯୁଦ୍ଧକୁ ଆହୁରି ବିପଦ ଆଡକୁ ଟାଣି ନେବା ଆଶଙ୍କା ସୃଷ୍ଟି କରିଛି, ଯାହା ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ । ଅନ୍ୟପକ୍ଷରେ ହରମୁଜ ପ୍ରଣାଳୀକୁ ବନ୍ଦ କରିଦେବା ପାଇଁ ଇରାନ ପାର୍ଲିଆମେଂଟ ନିଷ୍ପତି ଗ୍ରହଣ କରିଛି । ପାରସ୍ୟ ଉପସାଗର ଓ ଓମାନ ଉପ-ସାଗରକୁ ସଂଯୋଗ କରୁଥିବା ଏହି ଜଳପଥ ଦେଇ ବିଶ୍ୱର ମୋଟ ତୈଳ ଓ ପ୍ରାକୃତିକ ଗ୍ୟାସର ୨୫ ପ୍ରତିଶତ ପରିବହନ ହୋଇଥାଏ ।

ତୈଳ ପରିବହନ ବନ୍ଦ ହୋଇଗଲେ, ବିଶ୍ୱର ବହୁ ରାଷ୍ଟ୍ରରେ ତୈଳ ସଂକଟ ସୃଷ୍ଟି ହେବା ସହ ପେଟ୍ରୋଲଜାତ ସାମଗ୍ରୀର ଦର ବଢିବ । ଯୁଦ୍ଧ ଯୋଗୁଁ ଇତି ମଧ୍ୟରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୮୦ଡଲାରକୁ ବୃଦ୍ଧି ପାଇସାରିଲାଣି । ଆହୁରି ବଢିବ । ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିଲେ, ବିଭିନ୍ନ ସାମଗ୍ରୀର ଦର ବଢିବ । ଯାହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କା କରାଯାଏ ।

ନେତାନ୍ୟୁହ ନିଜର ଗାଦି ସୁରକ୍ଷିତ କରିବା ପାଇଁ ଯୁଦ୍ଧର ମାହୋଲ ରଚିଛନ୍ତି । ଇସ୍ରାଏଲ ଯୁଦ୍ଧ ଏବେ ଆମେରିକା ଯୁଦ୍ଧରେ ପରିଣତ ହୋଇଛି । ଏହା କେବଳ ପଶ୍ଚିମ ଏସୀଆ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଅନ୍ଧାକାରକୁ ଆମନ୍ତ୍ରଣ କରୁଛି ବୋଲି କହିଲେ ଭୁଲ ହୋଇନପାରେ ।

ଭୁବନେଶ୍ୱର

ମୋ:୭୯୭୮୬୬୬୪୦୩

# ଆଡ଼ପ ଅବକାଶେ ହେରାପଞ୍ଚମୀ

**ବିପିନ ବିହାରୀ ମହାନ୍ତି**

ଆଷାଢ଼ ଶୁକ୍ଳ ଦ୍ୱିତୀୟାଦିନ ଜିଉମାନଙ୍କର ଶ୍ରୀମନ୍ଦିରରୁ ରଥଯୋଗେ ଆଡ଼ପ ମଣ୍ଡପ ଅର୍ଥାତ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯେଉଁ ଯାତ୍ରା ହୁଏ, ତାକୁ ଆଡ଼ପଯାତ୍ରା ଅଥବା ଶ୍ରୀଗୁଣ୍ଡିଚା ଯାତ୍ରା କିମ୍ବା ସେମିତି କିଛିରେ ନାମିତ ହୋଇଥାଏ । ସେଦିନ ଜିଉମାନଙ୍କର ଆଡ଼ପ ପ୍ରବେଶ ନ ହୋଇ ରାତିଟି ଆଡ଼ପ ମଣ୍ଡପ ବାହାର ପ୍ରାଙ୍ଗଣେ କଟିଥାଏ ଓ ଏବଂ ପରଦିନ ଯଥାରୀତି ପହଣ୍ଡି ବିଜେ ସହ ଆଡ଼ପ ସିଂହାସନ ବିଜେ ହୋଇଥାଏ । ଜିଉମାନେ ସାତଦିନ ଯାଏଁ ଆଡ଼ପ ଅବସ୍ଥାନ କରନ୍ତି । ରଥଯାତ୍ରାର ପଂଚମ ଦିବସ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀକୁ ହେରାପ☐ମୀ କହନ୍ତି । ଆଡ଼ପ କାଳର ହେରାପଂଚମୀ ଏକ ପ୍ରଧାନ ପର୍ବ । ଏହାକୁ ସାଧାରଣତଃ ହେରାପଂଚମୀ , ହେରୋତ୍ସବ ବା ଲକ୍ଷ୍ମୀଙ୍କ ବିଜେ ଉତ୍ସବ ବୋଲି କୁହାଯାଏ । 'ହେରା' ଅର୍ଥ 'ଦେଖା ବା ଦର୍ଶନ ' । ଏହି ଦିନ ଲକ୍ଷ୍ମୀଙ୍କର ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଗୁଣ୍ଡିଚା ମନ୍ଦିରକୁ ଗୁପ୍ତ ଗମନ ହୋଇଥାଏ । ବାମଦେବ ସଂହିତାରେ ଉଲ୍ଲେଖ ଅଛି :

"ଦ୍ୱିତୀୟା ପ☐ମଦିନେ ତୟୀ ଯାତ୍ରା କୃତ ପ୍ରିୟେ ।

ଧବଂସା ଦୀକ୍ଷିତୁ ତତ୍ର

ଗୁପ୍ତଯାତ୍ରା କୃତାତାୟା ॥"

ଏହିଦିନ ଶ୍ରୀମନ୍ଦିରର ଲକ୍ଷ୍ମୀ ଠାକୁରାଣୀଙ୍କର ମାଜଣା ବଢ଼ିସାରି ବନକ ଲାଗିପରେ ପାଟ ଅଳଙ୍କାର ଇତ୍ୟାଦି ରେ ତାଙ୍କୁ ବିଭୂଷିତ କରାଯାଏ । ଏହାପରେ ପନ୍ତିରୋଗ ପରେ ତାଙ୍କ ବିଜେ ପ୍ରତିମାକୁ ବଟବୃକ୍ଷ ମୂଳେ ଅପେକ୍ଷା କରାଯାଇଥିବା ପାଲିଙ୍କିରେ ବିଜେ କରାଯାଏ । ଏଥୁଅନ୍ତେ ଏହି ବିଜେ ପ୍ରତିମାକୁ ଛତି, ତ୍ରାଶ, ଘନ୍‌ଟ, କାହାଳୀ ଇତ୍ୟାଦି ସଲଟଣରେ ରାତ୍ରିକାଳରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ଏଥିରେ ଲକ୍ଷ୍ମୀଙ୍କର ସେବକ ଓ ଦେବଦାସୀମାନେ ଯୋଗ ଦେଇଥାନ୍ତି । ସେଠାରେ ଶ୍ରୀ ଜଗନ୍ନାଥଙ୍କ ରଥ ପାଖରେ ପ୍ରଥମେ ପ୍ରସାଦ ଲାଗି ଓ ବନ୍ଦାପନା ଆଳଟ ଚାମରନୀତି ହୋଇ ଘଷା ବିଡ଼ିଆ ଓ ଦହିପଟି ।ଲାଗିପରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରାଯାଏ । ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରର ଜୟ ବିଜୟ ଦ୍ୱାର ନିକଟରେ ପହଂଚିଲେ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗରୁ ଆଜ୍ଞାମାଳ ଆଣି ତାଙ୍କୁ ଅର୍ପଣ କରଯାଏ । ଏହି ସମୟରେ ଜଗନ୍ନାଥଙ୍କ ପୂଜା ପଣ୍ଡା ଜୀଉମାନଙ୍କର ପୂଜା ବଢ଼ାଇ ଓ ଧୂପ ଦୀପ ଦେଇ ଟେରା ପକାଇ ଦିଏ । ଫଳରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କର ଦର୍ଶନ ନପାଇ କ୍ରୋଧ ଓ ଅପମାନରେ ଗୁଣ୍ଡିଚା ମନ୍ଦିରରୁ ନାକଚଣା ଦ୍ୱାର ଦେଇ ବାହାରି ଆସନ୍ତି ଏବଂ ଆସିଲାବେଳେ ନନ୍ଦିଘୋଷ ରଥ ନିକଟକୁ ଆସି, ରଥର ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି । ଅବଶ୍ୟ ଏକାର୍ଯ୍ୟ ଲକ୍ଷ୍ମୀଙ୍କ ତରଫରୁ ଜଣେ ପଣ୍ଡାଙ୍କ ଦ୍ୱାରା ସାଧିତ ହୋଇଥାଏ । କାଳେ ଏକଥା କିଏ ଜାଣିବ, ସେଥିପାଇଁ ମହାଲକ୍ଷ୍ମୀ ବିମାନ ଯୋଗେ ସିଧା ବଡ଼ ଦାଣ୍ଡେ ଦାଣ୍ଡେ ନ ଆସି ବିନା ବାଜା ଓ ରୋଷଣୀ ର ଆଡ଼ମ୍ବରରେ ହେରା ଗୋହିରୀସାହି ବାଟ ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତନ କରିଥାଆନ୍ତି । ଏହାହିଁ ସଂକ୍ଷେପରେ ହେରା ପଂଚମୀ । ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଉଭୟେ ଦେବ-ଦେବୀ ହେଲେ ହେଁ ସେମାନଙ୍କଠି ମାନବତ୍ୱର ଗୁଣ ଓ କାର୍ଯ୍ୟାବଳୀ ଆରୋପ କରାଯାଇଛି । ଆମପାଇଁ ଦାମ୍ପତ୍ୟ ଜୀବନ ଭିତରେ ଯେପରି ମାନ, ଅଭିମାନ, ରାଗ ବା କ୍ରୋଧ ତଥା ପ୍ରେମ ଓ ବନ୍ଧନ ଲାଗିରହିଛି ଏବଂ ଜଣକ ଅନୁପସ୍ଥିତିର ଅନ୍ୟର ଜୀବନ ଯେପରି ଭାରସାମ୍ୟ ହରାଇ ବସୁଛି ତଥା ଦୁର୍ବିସହ ଲାଗୁଛି, ଆଉ ସେ ତା'ବାଟ ଚାହିଁବସୁଛି, ତାକୁ ଲୋଡ଼ି ବା ଖୋଜି ବସୁଛି, ତାହାର ଏକ ନିଛକ ନିଦର୍ଶନ ହିଁ ହେରାପଂଚମୀ । ଜଟଣୀ, ଖୋର୍ଦ୍ଧା,

ମୋ-୯୯୩୮୩୪୪୧୩୮

## ସଂପାଦକଙ୍କୁ ପତ୍ର

### ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ

ମହାଶୟ

ପ୍ରତି କ୍ଷେତ୍ରରେ ଶିକ୍ଷାର ମାନ ଓ ଗୁରୁତ୍ୱ ବଢ଼ିବାରେ ଲାଗିଛି । ଏଥିସହିତ ସରକାର ତାଙ୍କର ବିଭିନ୍ନ ନୀତିରେ ମଧ୍ୟ ପରିବର୍ତ୍ତନ କରି ଏହାକୁ ଅଧୁନାତନ କରିବାରେ ଲାଗିଛନ୍ତି । ପାଠପଢାରୁ ଯାହା ଗ୍ରହଣ କରାଯାଏ ତାହାକୁ ଶିକ୍ଷା କୁହାଯାଏ ଓ ଶିକ୍ଷାର ଉଚିତ ପ୍ରୟୋଗ ହେଲେ ତାହା ଜ୍ଞାନରେ ରୂପାନ୍ତରିତ ହୋଇଥାଏ । ତେଣୁ ଜ୍ଞାନ, ଶିକ୍ଷାର ପ୍ରଥମ ସୋପାନ ହେଉଛି ପାଠ ପଢିବା ଯାହା ପ୍ରଥମେ ପ୍ରାଥମିକ ସ୍ଥିତିରୁ ଆରମ୍ଭ ହୋଇଥାଏ । ପାଠ ପଢିବାର ବିଭିନ୍ନ କ୍ରମ ଆମକୁ କଠିନ ପରିଶ୍ରମର ମହତ୍ୱ ଶିକ୍ଷା ଦେଇଥାଏ ଓ ସେହି ସମୟରେ ଆମକୁ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ । ତେଣୁ, ଅଧିକାର, ନିୟମ, ଏବଂ ନିୟମାବଳୀକୁ ଜାଣିବା ଏବଂ ସମ୍ମାନ ଦେଇ ବଞ୍ଚିବା ପାଇଁ ଆମେ ଏକ ଉନ୍ନତ ସମାଜ ଗଠନ କରିବାରେ ସକ୍ଷମ ହେବା ପାଇଁ ଦରକାର ପାଠ ପଢିବା । ପ୍ରାଥମିକ ଶିକ୍ଷା ଅର୍ଥ ହେଉଛି ଚତୁର୍ଦ୍ଦଶ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା । ଏହା ହେଉଛି ମଣିଷର ମୌଳିକ ଆବଶ୍ୟକତା ଏବଂ ଆଧୁନିକ ସମାଜ ତଥା ଗଣତାନ୍ତ୍ରିକ ସରକାରର ମୂଳଦୁଆ । ବିଜ୍ଞାନ ଏବଂ ବାଣିଜ୍ୟର ଆଧୁନିକ ଦୁନିଆ ଦାବି କରେ ଯେ ପ୍ରତ୍ୟେକ ନାଗରିକ ଚତୁର୍ଦ୍ଦିଗରେ କ'ଣ ଘଟୁଛି ସେଥିରେ ଏକ ବୁଦ୍ଧିମାନ ଏବଂ ସୂଚନାପ୍ରାପ୍ତ ଆଗ୍ରହ ନେବା ଉଚିତ୍ ଯାହା ପାଠ ପଢାରୁ ସୃଷ୍ଟି ହୋଇଥାଏ । ଶିଶୁମାନେ ପ୍ରାୟତଃ ଶିଖିବା ମାତ୍ରେ ଭୁଲିଯାନ୍ତି । ତେଣୁ ଉକ୍ତ ପାଠର ଶିକ୍ଷଣୀୟ କ୍ରମକୁ ପରୀକ୍ଷା ଦ୍ୱାରା ପରିମାର୍ଜିତ କରି ଜ୍ଞାନର ମାନଦଣ୍ଡରେ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ଯିଏ ଯେତେ ଭଲ ଭାବରେ ପାଠ ପଢିଥାଏ ସେ ସେତେ ପରିମାଣରେ ଜ୍ଞାନର ମୂଲ୍ୟାଙ୍କନର ପ୍ରମାଣପତ୍ର ହାସଲ କରିଥାଏ, ଯାହା ଭବିଷ୍ୟତରେ ଉତ୍ତରୋତ୍ତର ବୃଦ୍ଧି ହୋଇ ଜ୍ଞାନର ଉତ୍କର୍ଷରେ ପଦାର୍ପଣ କରିଥାଏ । ପ୍ରାଥମିକ ଶିକ୍ଷାରେ ପଢିବା, ଲେଖିବା ଓ ଗାଣିତିକ ଜ୍ଞାନକୁ ଗୁରୁତ୍ୱ ଦେବା ଉଚିତ । ସାମାଜିକ ଭାବରେ ପ୍ରଭାବଶାଳୀ ହେବା ପାଇଁ, ଜଣେ ବ୍ୟକ୍ତି ପଢିବା, ଲେଖିବା, ଜାଣିବା ଆବଶ୍ୟକ ଓ ତାହା କେବଳ ପାଠ ପଢିଥିଲେ ସହଜରେ ଉପଲବ୍ଧ ହୋଇପାରେ ଯାହାକୁ ଆମେ ଶିକ୍ଷିତ ବା ଜ୍ଞାନୀ ବୋଲି ସମ୍ମାନ କରୁ । ଆମ ଦେଶରେ ପ୍ରାଥମିକ ଶିକ୍ଷା ପ୍ରତି ବର୍ତ୍ତମାନର ମନୋଭାବ ଏବଂ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରାଥମିକ ଶିକ୍ଷାକୁ ଏକ ମୌଳିକ ଅଧିକାର କରିବା ପାଇଁ ନିକଟରେ ଆଇନ ପ୍ରଣୟନ କରାଯାଇଛି । ପାଞ୍ଚରୁ ଚଉଦ ବର୍ଷ ବୟସର ସମସ୍ତ ବାଳକ ଓ ବାଳିକାଙ୍କୁ ସାକ୍ଷର ତଥା ଶିକ୍ଷିତ କରିବାର ସମସ୍ୟା ତଥା ଆର୍ଥିକ ସମସ୍ୟାକୁ ଦୂର କରିବା ନିତାନ୍ତ ଜରୁରୀ ।

ପ୍ରତାପ ଚନ୍ଦ୍ର ନାୟକ, କଟକ

# ରଥ ଓ ପଥର କିମ୍ବଦନ୍ତୀ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଶ୍ରୀଜଗନ୍ନାଥ ସଂସ୍କୃତିର ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ ୨୭ ଭାଗ କରାଯାଇଛି । ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ । ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା । ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ । ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା । ମୁହାଣର ଲମ୍ବ ୧୫ ଚଉଠା, କୁଡୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଡୁକା ଦେବ । ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା । ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ । ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ତାଇ ହାଣିବ । ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଟା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ । ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ । ନାଇକା ପାଖ ଜଳନ୍ତରିଆ ଖିଜ ୪ ଚଉଠ ୧୨ଅଙ୍ଗୁଳ ଉଚ୍ଚ ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ । ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ । ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ । ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ । ଜିଆ ବହଳ ୧୨ ଆଙ୍ଗୁଳ କରିବ । ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ ।

ପ୍ରଥମେ ଭୂଇଁ ଲଦିବ । ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ । ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ । ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ । ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ । ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ । ଏଥି ଉପରେ ପାଖୁଡା ହଂସ ପାଦି ମାରିବ । ଚାରି ପାଖେ ହାରାମାଳି ମାରିବ । ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ । ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ । ଏପରି ଚାରିଦିଗେ ୧୨ ପାଖୁଡା ମାରିବ । ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ । ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ । ଏହି ପରି ଚାରିପାଖ ପଟଳ କରିବ । ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ । ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ୍ୟ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ । ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ । ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ । ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ । ୨ୟ ସାତପୁର ପଟଳ ୨ ଚଉଠ କରିବ । ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ । ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ହେବ । କଳଶା ଶିଖାଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଖିନଉତି ଖୋଜ ହେବ । ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧ୍ୟରେ ଚକ, ଦଣ୍ଡିଆ,ଅର,ବାଙ୍କି ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହକ, ମଗରଦଣ୍ଡା, ବସନ୍ତ,ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ରଷିପଟା, ଦଣ୍ଡା, ପାରାଭାଡି, ଖପୁରୀ, ପାଦ, ଓଲଟ, ଶୁଆ,ଦଧିନଉତି, କଣ୍ଟି, ଦଣ୍ଡ, ଚକ୍ର ଓ କେତନ । ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୂଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି । ଯଥା- (୧) ଚକ୍ରପୀଠ, (୨) ଅରଦଣ୍ଡା, (୩)ଗଗରା, (୪) ମୂଳନାଭ, (୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି, (୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା, (୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା । ତେବେ ଆସନ୍ତୁ ଜାଣିବା ଏହି ରଥର ପୁଙ୍ଖାନୁପୁଙ୍ଖ ବିଷୟରେ । ନନ୍ଦିଘୋଷ ରଥ- 'ନନ୍ଦିଘୋଷ' ବା 'ଗରୁଡ଼ଧ୍ୱଜ' ବା 'କପିଳଧ୍ୱଜ' ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁଷୁପ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ । ସାରଥି: ଦାରୁକ । ରଥର ଦଉଡ଼ି: ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ । ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

ଦର୍ପଦଳନ ରଥ - 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ବା 'ଦେବଦଳନ' ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ । ସାରଥି: ଅର୍ଜୁନ । ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତି: ଜୟଦୁର୍ଗା । ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ । ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ ।

ତାଳଧ୍ୱଜ ରଥ - ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ' ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି । ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ । ଦଧିନଉତି: ହିରଣ୍ମୟୀ । ସାରଥି: ମାତଳୀ । ରଥର ଦଉଡ଼ି: ବାସୁକୀ । ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ । ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

ଅରଙ୍ଗାବାଦ, ବରୀ, ଯାଜପୁର

ମୋ:୮୨୪୯୫୦୨୭୭୬

# ଦୁର୍ଗମ ଗାଁକୁ ଆଜି ବି ସାତସପନ ପୋଲ



ଘୁ.ଉଦୟଗିରି: କନ୍ଧମାଳ ଜିଲ୍ଲାର ଅନେକ ଦୁର୍ଗମ ଗାଁକୁ ଆଜିବି ରାସ୍ତା ନିର୍ମାଣ ହୋଇପାରି ନାହିଁ। ଆଉ କିଛି ଗାଁକୁ ମାଟିରାସ୍ତା ଥିଲେ ମଧ୍ୟ ନାଳ ଗୁଡ଼ିକରେ ପୋଲ ନିର୍ମାଣ ହୋଇପାରୁନାହିଁ। ଫଳରେ ଲୋକେ ବର୍ଷବର୍ଷ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ପୋଲ ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ଏମିତି ଏକ ଭଙ୍ଗା ପୋଲ ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ କନ୍ଦୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ପଂଚାୟତ ଅନ୍ତର୍ଗତ କଟାବାଲି ଡଲାବାଲି କପୁଗୁଡ଼ା ସାହିରେ। କନ୍ଧମାଳ କନ୍ଦୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ପଂଚାୟତ ଅନ୍ତର୍ଗତ କଟାବାଲି ଡଲାବାଲି କପୁଗୁଡ଼ା ସାହିର ଲୋକେ ଏକ ଭଙ୍ଗାପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି। ଏଥି ପାଇଁ ପ୍ରଶାସନ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ସମସ୍ତ ଗ୍ରାମବାସୀ ଦୈନନ୍ଦିନ ଜୀବନ ଜୀବିକା ରାସନ ସାମଗ୍ରୀ ଓ ଭତା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବିଦ୍ୟାଳୟକୁ ଏହି ବିପଦ ସଙ୍କୁଳ ପୋଲ ଉପରେ ଅତିକ୍ରମ କରିବାକୁ ପଡୁଛି। ଏହି ଭଙ୍ଗାପୋଲ ଦେଇ ବିଦ୍ୟାଳୟ ଓ ବଜାରକୁ ଯିବାକୁ ପଡୁଥିବାରୁ ଅଂଚଳବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗାଁକୁ ଭଲ ପୋଲ ଖଣ୍ଡିଏ ନଥିବାରୁ ବର୍ଷା ଦିନ ଆମ୍ବୁଲାନ୍ସ ପହଂଚି ପାରୁନଥିବା କହିଛନ୍ତି। ଏହି ଭଙ୍ଗାପୋଲ ଦେଇ ବିଦ୍ୟାଳୟ କିମ୍ବା ପଂଚାୟତ କାର୍ଯ୍ୟାଳୟ ନିକଟସ୍ଥ ହେଉଥିବାରୁ ଅଂଚଳ ବାସୀ ଏହି ଭଙ୍ଗା ଦଦରା ପୋଲ ହିଁ ଭରଷା। ବିପଦପୂର୍ଣ୍ଣ ଭଙ୍ଗାପୋଲ ଦେଇ ଯାତାୟତ ସମୟରେ କୌଣସି ମୂହୁର୍ତରେ କିଛି ବି ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ପୋଲ ନିର୍ମାଣ ନିମନ୍ତେ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଉଭୟ ଅଂଚଳବାସୀ ପ୍ରକାଶ କରିଛନ୍ତି। ଲୋକେ ଯାତାୟାତ ପାଇଁ ସୁବିଧା ପାଇଁ ତୁରନ୍ତ ଏହି ବିସାଙ୍ଗାଡୁ ନାଳରେ ପୋଲ ନିର୍ମାଣ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

# ଏଠି ମହାନଦୀ ପାଲଟିଛି ନାଳ



ସମ୍ବଲପୁର: ସମ୍ବଲପୁରରେ ମହାନଦୀ ଆଉ ନଦୀ ହୋଇ ରହି ନାହିଁ। ଏହା ଏକ ନାଳରେ ପରିଣତ ହୋଇଗଲାଣି। ଜଳ ପ୍ରବାହ ଯେତେ କମୁଛି ମହାନଦୀ ନିଜକୁ ସଫା କରିବାର କ୍ଷମତା ହରାଉଛି। ସେଥିରେ ପୁଣି ଡ୍ରେନ୍ ପାଣି ବିନା ବିଶୋଧନରେ ସିଧାସଳଖ ମହାନଦୀରେ ମିଶୁଥିବାରୁ ଏହାର ପାଣି ଜହର ପାଲଟୁଛି। ଧନୁପାଲିରେ ଥିବା ୪୦ ଏମ୍ଏଲ୍ଡି ସ୍ୱେରେଜ୍ ଟ୍ରିଟ୍ମେଂଟ ପ୍ଲାଂଟ୍ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସ୍ଥିତି ଏଭଳି ହୋଇଛି ଯେ କାହିଁ କେତେ ବର୍ଷ ହେଲା ମହାନଦୀ 'ସି' ଶ୍ରେଣୀଭୁକ୍ତ ହୋଇ ରହିଛି। ମହାନଦୀ ସ୍ଥିତିକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଓଡ଼ିଶାରେ ୪୯୪ କିଲୋମିଟର ଅଂଚଳ ପରିବ୍ୟାପ୍ତ ହୋଇଛି ମହାନଦୀ। ସମ୍ବଲପୁରରେ ପ୍ରବାହିତ ମହାନଦୀର ବିଭିନ୍ନ ସ୍ଥାନ ଯଥା ଧମା, ଅଯୋଧ୍ୟା ସରୋବରାହ ନିକଟସ୍ଥ, ଭିସୁଟ୍ ନିକଟସ୍ଥ ଘାଟରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ କରିଥାଏ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହିତ ପାୱାର ଚ୍ୟାନେଲ୍ ଏବଂ ହୀରାକୁଦ ଜଳଭଣ୍ଡାରରୁ ନିୟମିତ ଜଳ ନମୁନା ପରୀକ୍ଷଣ ହୁଏ। ଧମା ତୁଳନାରେ ସମ୍ବଲପୁର ସହରରୁ ସଂଗୃହୀତ ଜଳ ନମୁନା ଅଧିକ ପ୍ରଦୂଷିତ। ଏହାର ବଡ଼କାରଣ ହେଲା, ସମ୍ବଲପୁର ସହରର ୫ କିଲୋମିଟର ଅଂଚଳରେ ପରିବ୍ୟାପ୍ତ ଦୁର୍ଗାପାଲି, ମନ୍ଦଲିଆ, ବାଲିବନ୍ଧା ଓ ହରଡ଼ଜୋର ସହିତ ୭ କ୍ଷୁଦ୍ର ନାଳର ବର୍ଜ୍ୟ ପାଣି ସିଧାସଳଖ ମହାନଦୀରେ ମିଶୁଛି। କେବଳ ଧୋବିଜୋରରୁ ୧୨୯.୬ କିଲୋଲିଟରର ବର୍ଜ୍ୟ ପାଣି ମହାନଦୀରେ ମିଶୁଥିବା ନେଇ ୧୯୯୯ ମସିହାରେ ଜାରି ରିପୋର୍ଟ କୁହାଯାଇଥିଲା। ବର୍ତମାନ ଏହି ନାଳ ପାଣିର ପରିମାଣ କାହିଁ କେତେ ପରିମାଣ ବୃଦ୍ଧି ପାଇଛି। ଗ୍ରୀଷ୍ମ ସମୟରେ ଯେତେବେଳେ ହୀରାକୁଦ ଜଳଭଣ୍ଡାରରୁ ପାଣି ନିଷ୍କାସନ ହ୍ରାସ ପାଇଥାଏ, ମହାନଦୀ ପାଣି ଆହୁରି ପ୍ରଦୂଷିତ ହୋଇଯାଏ। କିଛି ବର୍ଷ ହେଲା ଶୁଷ୍କ ମହାନଦୀରେ ଏହିଭଳି ସ୍ଥିତି ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ସମୁଦାୟ ମହାନଦୀର ସ୍ଥିତି 'ସି' ଶ୍ରେଣୀଭୁକ୍ତ କୁହାଯାଉଥିଲେ ମଧ୍ୟ ସହରର ତଳି ଅଂଚଳରେ ଏହା 'ଡି' କିମ୍ବା 'ଇ' ଶ୍ରେଣୀଭୁକ୍ତ ହୋଇ ସାରିଛି। ସେଥିରେ ପୁଣି ଖୋଲାରେ ମଳତ୍ୟାଗ ଏହି ସ୍ଥିତିକୁ ଆହୁରି ଗମ୍ଭୀର କରୁଛି। ମହାନଦୀରେ ସିଧାସଳଖ ବର୍ଜ୍ୟ ପଡ଼ିବା ନେଇ ନ୍ୟାୟାଳୟ ପକ୍ଷରୁ ମ୍ୟୁନିସିପାଲଟି ବିରୋଧରେ ମାମଲା ରୁଜୁ ସହିତ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହା ସତ୍ୱେ ସରକାର ଚେତି ନାହାନ୍ତି। ଏହାର ବିଶୋଧନ ନେଇ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏତିକିରେ ମହାନଦୀ ଉପରେ ଅତ୍ୟାଚାର ଥମି ନାହିଁ। ବାଲିବନ୍ଧାରେ ମହାନଦୀରେ ଚେକ୍ ଡ୍ୟାମ୍ ନିର୍ମାଣ ଯୋଗୁଁ ପାଣିର ପ୍ରବାହ ଆହୁରି ସୀମିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦଙ୍କ କହିବାନୁସାରେ, ପ୍ରତ୍ୟେକ ନଦୀ ଭଳି ମହାନଦୀର ନିଜସ୍ୱ ବିଶୋଧନ କ୍ଷମତା ରହିଛି। କିନ୍ତୁ ପାଣିର ପ୍ରବାହକୁ ସୀମିତ କରି ଦିଆଯିବା ଫଳରେ ଏହାର ଜଳ ବିଶୋଧନ ହୋଇପାରୁ ନାହିଁ। ବିଶେଷଜ୍ଞଙ୍କ ମତ ଅନୁସାରେ, ମହାନଦୀ ପାଣି ବିଷ ହୋଇଯିବା ଯୋଗୁଁ ହେପାଟାଇଟିସ୍, ଜଣ୍ଡିସ୍, ଡାଇରିଆ ଭଳି ଜଳବାହିତ ରୋଗ ସମ୍ବଲପୁରରେ ବଢ଼ି ଚାଲିଛି। ୨୦୧୪ ମସିହାରେ ଜଣ୍ଡିସ୍ ଯୋଗୁଁ ଅନେକ ଲୋକଙ୍କ ଜୀବନ ଯିବା ପରେ ସ୍ୱେରେଜ୍ଟ୍ରିଟ୍ମେଂଟ ପ୍ଲାଂଟ ହେଲା। ତେବେ ପମ୍ପ୍ ଷ୍ଟେସନ୍ କରାଯାଉ ନଥିବାରୁ ଏହା କାର୍ଯ୍ୟକ୍ଷମ ହେଉ ନାହିଁ। ଓଡ଼ିଶାର ଜୀବନ ରେଖା ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଦିଗରେ କେବେ ପଦକ୍ଷେପ ନିଆଯିବ ବୋଲି ପ୍ରଶ୍ନ ଉଠୁଛି।

# ଗଛ ଉପରେ 'ଡିଜିଟାଲ ଇଣ୍ଡିଆ'



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାଦବସନ୍ତ ଗ୍ରାମରେ ଡିଜିଟାଲ ଇଣ୍ଡିଆ ନାରା ଭେଳିକି ପାଲଟିଛି। ଏଠାରେ ମୋବାଇଲ ନେଟୱର୍କ ନ ଥିବାରୁ ଗ୍ରାମବାସୀ ଗଛ ଉପରେ ମଂଚାକରି ନେଟୱର୍କ ନିମନ୍ତେ ଘଂଟାଘଂଟା ଧରି ଅପେକ୍ଷା କରି ରହୁଥିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସମଗ୍ର ଭାରତବର୍ଷରେ ଡିଜିଟାଲ ଆନ୍ଦୋଳନ ସମୟରେ ଏଠାରେ ସାଧାରଣ ମୋବାଇଲ ସେବା ମିଳିବା କଷ୍ଟକର ହୋଇପଡ଼ିଛି। ଏପରିକି କୋମଳମତି ଶିଶୁମାନେ ପାଠ ପଢ଼ିବା ନିମନ୍ତେ ପାହାଡ଼ କିମ୍ବା ଗଛ ଉପରେ ଚଢ଼ି ମଂଚା କରି ପାଠ ପଢ଼ିବାର ଦୃଶ୍ୟ ଏଠାରେ ଦେଖିବାକୁ ମିଳିଛି। ସମଗ୍ର ଭାରତ ବର୍ଷରେ ଗାଁ ଠାରୁ ସହର ସବୁଠାରେ ଡିଜିଟାଲ ଇଣ୍ଡିଆର ନାରା; କିନ୍ତୁ ବାସ୍ତବରେ ଆଜି ପର୍ଯ୍ୟନ୍ତ 'ଡିଜିଟାଲ ଇଣ୍ଡିଆ' କେବଳ ଏକ ସ୍ଲୋଗାନରେ ସୀମିତ ରହିଯାଇଛି। ଆଜିବି ଗାଁ ଗହଳିର ଲୋକେ ମୋବାଇଲ ସେବାରୁ ବଂଚିତ ହେଉଥିବା ଦେଖିବାକୁ ମିଳୁଛି। କାମାକ୍ଷାନଗର ଉପଖଣ୍ଡ ସଦର ମହକୁମାଠାରୁ ମାତ୍ର ୨୦ କିଲୋମିଟର ଦୂର ଜୟପୁରାକାଟେଣୀ ପଂଚାୟତ ଅନ୍ତର୍ଗତ କାଦବସନ୍ତ ଗ୍ରାମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବେ ମୋବାଇଲ ସେବାରୁ ବଂଚିତ ହୋଇଛନ୍ତି। ଯାହା ଫଳରେ କୌଣସି ସୁବିଧା, ଅସୁବିଧା, କିମ୍ବା ଜରୁରୀ ଆବଶ୍ୟକତା ସହିତ ମେଡିକାଲ ସେବାରୁ ବଂଚିତ ହୋଇ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଆଜି ପର୍ଯ୍ୟନ୍ତ କୌଣସି ମୋବାଇଲ ନେଟୱର୍କ ଉପଲବ୍ଧ ହୋଇନାହିଁ। ଘର ଭିତରେ ମୋବାଇଲ ନେଟୱର୍କେ ଆସୁ ନ ଥିବାରୁ ପାହାଡ଼, ଜଙ୍ଗଲ ଓ ବଡ଼ ଗଛରେ ମଂଚା ବାନ୍ଧି ମୋବାଇଲରେ ଯୋଗାଯୋଗ କରୁଛନ୍ତି। ଯାହା ଫଳରେ ଆବଶ୍ୟକ ସମୟରେ ମୋବାଇଲ ସେବାରୁ ବଂଚିତ ହେଉଛନ୍ତି ଗ୍ରାମବାସୀ। ଖରା, ବର୍ଷା ଓ ଶୀତ ଦିନରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଠ ପଢୁଥିବା କୁନିକୁନି ପିଲାମାନେ ମୋବାଇଲ ମାଧ୍ୟମରେ ପାଠ ପଢୁଥିବା ବେଳେ ଘରେ ନେଟୱର୍କ ଆସୁ ନଥିବାରୁ ବାଧ୍ୟହୋଇ ପାହାଡ଼ ଉପରେ ବିପଦସଂକୁଳ ପରିବେଶରେ ପାଠ ପଢୁଛନ୍ତି। ଖରାଦିନେ ପାହାଡ଼ ଉପରେ ପାଠ ପଢ଼ିପାରୁଥିବା ବେଳେ ବର୍ଷା ଓ ଶୀତ ଦିନରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିବା ପିଲାମାନେ ପ୍ରକାଶ କରିଛନ୍ତି। ଜୟପୁରା କାଟେଣୀ ପଂଚାୟତରେ ମୋବାଇଲ ସେବା ପାଇଁ ଜୟପୁରା କାଟେଣୀ ଗାଁ ଠାରେ ଏକ ମୋବାଇଲ ଟାୱାର ନିର୍ମାଣ ହୋଇଥିଲେ ହେଁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଫଳରେ କାଦବସନ୍ତ ଗାଁରେ ଥିବା କଲୋନୀ ସାହି ଓ ଦେହୁରୀ ସାହିର ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ମୋବାଇଲ ସେବା ମିଳୁନାହିଁ। ମୋବାଇଲରେ କଥା ହେବା ପାଇଁ ଗାଁ ଠୁ ଦୂର ପାହାଡ଼ ନିକଟରେ ଗଛରେ ମଂଚା ବାନ୍ଧି କିମ୍ବା ଗଛରେ ମୋବାଇଲକୁ ଝୁଲାଇ ଘଂଟାଘଂଟା ଧରି ନେଟୱର୍କକୁ ଅପେକ୍ଷା କରୁଛନ୍ତି। ଗାଁ ଲୋକ ୧୦୮ ଆମ୍ବୁଲାନ୍ସ ସେବାଠାରୁ ଆରମ୍ଭ କରି ଅଗ୍ନିଶମ ସେବା, ଥାନା ଇତ୍ୟାଦି ଆବଶ୍ୟକ ସେବାରୁ ବଂଚିତ ହେଉଛନ୍ତି। ଗାଁର ପ୍ରାୟ ଲୋକ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମୋବାଇଲ ସେବା ପାଇବା ବିଷୟରେ ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇବାକୁ ଅସମର୍ଥ ହେଉଛନ୍ତି। ମୋବାଇଲ ସେବା ନେଇ ଗ୍ରାମବାସୀ କିଛିବର୍ଷ ପୂର୍ବରୁ ସ୍ଥାନୀୟ ସରପଂଚଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରିନାହିଁ। ଆଜିର ଡିଜିଟାଲ ଇଣ୍ଡିଆ ସହ ଏମାନଙ୍କ କୌଣସି ସମ୍ପର୍କ ନଥିବା ମନେହୁଏ। ଏବେ ଉଭୟ ଦେଶ ତଥା ରାଜ୍ୟରେ ଡିଜିଟାଲ ଇଣ୍ଡିଆର ନାରା ଦେଇ ସରକାର ଚାଲୁଥିବାରୁ ସରକାରୀ ସ୍ତରରେ ମୋବାଇଲ ସେବା ପାଇବା ନେଇ ଆଶାବାଦୀ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅପେକ୍ଷା କରି ରହିଛନ୍ତି। ଆଜିର ସମୟରେ ସମାଜର ପ୍ରତ୍ୟେକ ବ୍ୟକ୍ତି ପାଇଁ ମୋବାଇଲ ବିଶେଷ ମହତ୍ୱ ରଖୁଥିବା ବେଳେ ଏଥିରୁ କାଦବସନ୍ତ ଗ୍ରାମବାସୀ ବଂଚିତ ହୋଇ ରହିଛନ୍ତି। ଜଙ୍ଗଲ ଓ ପାହାଡ଼ ମଝିରେ ଥିବା ଏହି ଗାଁ ଲୋକେ କିଭଳି ମୋବାଇଲ ସେବା ପାଇପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ମାଫିଆଙ୍କ ସୁରକ୍ଷିତ ଅଂଚଳ ପାଲଟିଛି ପାରାଦୀପ



କୋଇଲା, ତେଲ ଓ କ୍ରୋମାଇଟ୍ ମାଫିଆଙ୍କ ସୁରକ୍ଷିତ ଅଂଚଳ ପାଲଟିଛି ପାରାଦୀପ। ଅନ୍ତଃରାଜ୍ୟ ମାଫିଆଙ୍କ ସଂପୃକ୍ତିରେ ବର୍ଷକୁ ୧୦୦ କୋଟିରୁ ଅଧିକ ଟଙ୍କାର ଚୋରା କାରବାର କରୁଥିବା ବେଳେ ପୁଲିସ, ପ୍ରଶାସନ ଓ ଖଣି ବିଭାଗ ଏକପ୍ରକାର ନିରବଦ୍ରଷ୍ଟା ସାଜିଛି। ଏହି କାରବାର ପାରାଦୀପରୁ ଆରମ୍ଭ କରି କଟକର ଜଗତପୁର, ମଙ୍ଗୁଳି, ଯାଜପୁର, ପାଣିକୋଇଲି ହୋଇ ରାଜ୍ୟ ବାହାରକୁ ଲମ୍ବିଛି। ବିଭିନ୍ନ ସମୟରେ ଚଢ଼ଉରେ ଡ୍ରାଇଭର, ଦଲାଲ ଧରା ପଡ଼ିଥିବା ବେଳେ ପରଦା ପଛରେ ରହି ରାକେଟ୍ ଚଳାଉଥିବା ମାଫିଆ କିନ୍ତୁ ଧରାପଡୁ ନାହାନ୍ତି। ପାରାଦୀପରୁ ଚୋରି ହେଉଥିବା କୋଇଲା, ଡିଜେଲ୍ ଜଗତପୁର ଓ ମଙ୍ଗୁଳିକୁ ଚାଲାଣ କରାଯାଉଛି। ସେଠାରେ ନିୟନ୍ତ୍ରଣ କରୁଥିବା ମାଫିଆ ରାଜ୍ୟର ବିଭିନ୍ନ ପେଟ୍ରୋଲ୍ ପମ୍ପ, ଟ୍ରକ୍, ଭାରୀଯାନକୁ ବିକ୍ରି କରୁଥିବା ମଧ୍ୟ ଜଣାପଡ଼ିଛି। ପାରାଦୀପରୁ ଚୋରି ହେବା ପରେ ସ୍ୱତନ୍ତ୍ର ରାକେଟ୍ ଜରିଆରେ ଗାଡ଼ିଗୁଡ଼ିକୁ ପହଂଚାଇ ଦେଉଛନ୍ତି। ତଥ୍ୟ ଅନୁସାରେ, ଗଲା ୭ ତାରିଖରେ ପାରାଦୀପ ଆଦର୍ଶ ଥାନା ପୁଲିସ ଗୋଟିଏ ଟ୍ୟାଙ୍କରରୁ ଅନ୍ୟ ଏକ ଟ୍ୟାଙ୍କରକୁ ତେଲ ଚାଲାଣ ଚାଲିଥିବା ବେଳେ ଦୁଇଟି ଯାକ ଗାଡ଼ିକୁ ଜବତ କରିଥିଲା। ଗୋଟିଏ ଗାଡ଼ିର ଡ୍ରାଇଭର ଧରାପଡ଼ିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏହା ପଛରେ କେଉଁମାନେ ରହିଛନ୍ତି ତାହାର କିନ୍ତୁ ପର୍ଦ୍ଦାଫାସ୍ ହୋଇପାରିଲାନି। ପୁଲିସ ଚଢ଼ଉ କରି ଧରିବା ବେଳକୁ ୮୦୦ ଲିଟର ତେଲ ବିକ୍ରି ସରିଥିଲା। ଏଭଳି ଢଙ୍ଗରେ ହାରାହାରି ଦୈନିକ ହଜାର ହଜାର ଲିଟର ତେଲ ଚୋରା କାରବାର ହେଉଛି। ସେହିଭଳି ଯାଜପୁର ଜିଲ୍ଲାରୁ ମାଟି ମିଶା କ୍ରୋମାଇଟ୍ ପାରାଦୀପରେ ପହଂଚିବା ପରେ ଜାହାଜ ଯୋଗେ ଗୁଜରାଟ ଚାଲାଣ ଯୋଜନା ବେଳେ ଆଦର୍ଶ ଥାନା ପୁଲିସ ୪ଟି ଟ୍ରକ୍ ଧରିବାରେ ସଫଳ ହେଲା। ଯାଜପୁରରୁ ଗୁଜରାଟ ପର୍ଯ୍ୟନ୍ତ ଏହି କ୍ରୋମାଇଟ୍ କାରବାର ଚେର ଲମ୍ବିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଖାଲି ସେତିକି ନୁହେଁ ପାରାଦୀପ ସିକ୍ସୁ ଷ୍ଟେସନ୍‌ରେ ଚଳନ୍ତା ଟ୍ରେନରୁ କୋଇଲା ଚୋରି ମାମଲାର ତଦନ୍ତଭାର ଆରପିଏଫ୍(ରେଳ ସୁରକ୍ଷା ବଳ)ର କ୍ରାଇମବ୍ରାଂଚ୍ ଟିମ୍ ହାତକୁ ଯାଇଥିଲା। ଏହି ଘଟଣାରେ ଆରପିଏଫ୍ କ୍ରାଇମ୍‌ବ୍ରାଂଚ୍ ୩୦ ହଜାର କିଲୋ କୋଇଲା, ୨୨୦୦ ଲିଟର ଡିଜେଲ୍ ଓ ୨୦୦ ଲିଟର ତେଲ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ, ମାଫିଆ ଓ ମାଷ୍ଟରମାଇଣ୍ଡ ଏବେ ବି ଫେରାର ଅଛନ୍ତି। ସବୁଠୁ ବଡ଼ ଘଟଣା ହେଲା ବନ୍ଦରରୁ କୋଇଲା ଚୋରି ଘଟଣାରେ ୨୦୨୪ ମେ ୧ରେ ପାରାଦୀପ ଆଦର୍ଶ ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୨ଟି କାର ୧ ଲକ୍ଷ ୯୮ ହଜାର ୫ ଶହ ଟଙ୍କା, ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଏପରିକି ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ସିଆଇଏସ୍ଏଫ୍ ଯବାନଙ୍କର ଏଥିରେ ହାତଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଆହୁରି ଦୁଇଟି ଟ୍ରକ୍ ଓ ଅଭିଯୁକ୍ତ ଫେରାର ଅଛନ୍ତି। ୨୦୨୪ ମେରେ ମେରାଇନ୍ ଥାନା ପୁଲିସ ପ୍ରଥମେ ୧୮୦୦ ଲିଟର ଚୋରା ଡିଜେଲ୍ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ମାଛଧରା ବୋଟ୍‌କୁ ଚୋରା ଡିଜେଲ୍ ବିକ୍ରି ବେଳେ ଅଭିଯୁକ୍ତ ଧରାପଡ଼ିଥିଲେ। ସେମାନଙ୍କ ସୂଚନା ଆଧାରରେ ଲକ୍ ଥାନା ଅଧୀନ ଦୋଛକି ନିକଟରେ ଥିବା ଗୋଦାମ୍‌ରେ ଚଢ଼ଉ କରି ୫ହଜାର ଲିଟର ଡିଜେଲ୍ ଜବତ କରିଥିଲା। ଏହି ଘଟଣାରେ ମଧ୍ୟ ଅନେକ ଅଭିଯୁକ୍ତ, ମାଷ୍ଟରମାଇଣ୍ଡ ଓ ମାଫିଆ ଫେରାର ଅଛନ୍ତି। କୋ'ଟିକୋଟି ଟଙ୍କାର ଏହି ଚୋରା କାରବାରର ପର୍ଦ୍ଦାଫାସ ପାଇଁ ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଂଚ, ଏସ୍‌ଟିଏଫ୍ କିମ୍ବା ସିବିଆଇ ହାତକୁ ଗଲେ ହୁଏତ ରାକେଟର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଛି।

# ଧନୁପାଲିରେ ଶ୍ରୀଜିଉଙ୍କ ରଥଯାତ୍ରା

ସମ୍ବଲପୁର, (ହି.ସ.) : ଧନୁପାଲି ସ୍ଥିତ ଗୋପାଳଜୀ ମହାପ୍ରଭୁ ମନ୍ଦିରରେ ବହୁ ଉତ୍ସାହ ଓ ଆନନ୍ଦର ସହିତ ଶ୍ରୀଜିଉଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ବିଧି ମୁତାବକ ଧନୁପାଲି ରଥଯାତ୍ରା କମିଟି ତରଫ ରୁ ସର୍ବ ପ୍ରଥମେ ଛାୟା ଗଜପତି ମହାରାଜା ଭାବେ ଗୋବିନ୍ଦତୋଲା ନିବାସୀ ବିପିନ ବିହାରୀ ନନ୍ଦ ମହୋଦୟଙ୍କୁ ପାଛୋଟି ଆଣିବା ପାଇଁ ମନ୍ଦିର ରୁ ଦୁଇଟି ଦଳ ସମ୍ପ୍ରଦା ଓ ଗୋଟିଏ ଦଳ କୀର୍ତନ ଦଳ ସହ ଗଜପତିଙ୍କ ବିମାନ ସହ ମନ୍ଦିରରୁ ବାହାରି ଥିଲେ। ଏହା ପରେ ଛାୟା ଗଜପତି ଶ୍ରୀ ବିପିନ ବିହାରୀ ନନ୍ଦ ମହୋଦୟ ଙ୍କୁ ଗୋବିନ୍ଦତୋଲା ନିବାସ ରୁ ପାଛୋଟି ଆଣି ତାଙ୍କ ବିମାନ ରେ ଧନୁପାଲି ସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁ ଙ୍କ ମନ୍ଦିର କୁ ଏକ ଭବ୍ୟ ଶୋଭାଯାତ୍ରା ରେ ଅଣା ଯାଇଥିଲା। ଏହା ପରେ ନୀତି କାନ୍ତି ପୂର୍ବକ ପୂଜା ଅର୍ଚ୍ଚନା ପରେ ଶ୍ରୀଜିଉଙ୍କ ପହଣ୍ଡି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଛାୟା ଗଜପତି ବିପିନ ନନ୍ଦ ଛେରା ପହରା କରିଥିଲେ। ପହଣ୍ଡି ସମୟରେ ଛେରା ପହରା କାର୍ଯ୍ୟକ୍ରମରେ କମିଟି ର ଉପସଭାପତି ସୌରଭ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ। ଏହି ରଥଯାତ୍ରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପହଣ୍ଡି ସମୟରେ ଚକ୍ରରାଜ୍ ସୁଦର୍ଶନ ଙ୍କ ପହଣ୍ଡି ଅନିଲ ମିଶ୍ର, ମହାପ୍ରଭୁ ବଳଭଦ୍ର ଙ୍କ ପହଣ୍ଡି ନେପାଳ ମିଶ୍ର ଓ ପ୍ରଫୁଲ୍ଲ କୁମାର ଗୁରୁ, ମା ସୁଭଦ୍ରା ଙ୍କ ପହଣ୍ଡି ରାମ ନାୟକ ଓ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି କାର୍ଯ୍ୟକାରୀ ସଭାପତି ଶ୍ରୀ ଦେବାଶିଷ ପୁରୋହିତ ଓ ଅସିତ୍ ବେହେରା ପ୍ରମୁଖ କରିଥିଲେ। ପହଣ୍ଡି ଯଥା ବିଧି ସମାପନ ହେବା ପରେ ଚତୁର୍ଦ୍ଧା ମୂର୍ତି ରଥାରୂଢ଼ ହୋଇଥିଲେ। ଚତୁର୍ଦ୍ଧା ମୂର୍ତି ରଥାରୂଢ଼ ହେବା ପରେ ଛାୟା ଗଜପତି ଶ୍ରୀ ବିପିନ ବିହାରୀ ନନ୍ଦ ମହା ଆଳତି କାର୍ଯ୍ୟକ୍ରମ ସମ୍ପାଦିତ କରିଥିଲେ। ମହା ଆଳତି ପରେ ଆରମ୍ଭ ହୋଇଥିଲା ରଥ ଛୁଆଁ କାର୍ଯ୍ୟକ୍ରମ। ରଥ ଛୁଆଁ କାର୍ଯ୍ୟକ୍ରମ ପରେ ଆରମ୍ଭ ହୋଇଥିଲା ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ରଥ ଟଣା ପୂର୍ବରୁ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇ.ଏ.ଏସ. ଓ ଉତରାଂଚଳ ଆଇଜି ଙ୍କ ପରିବାର ଆସି ରଥାରୂଢ଼ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ୬.୩୦ ମିନିଟ ରେ ରଥ ଟଣା ଆରମ୍ଭ ହୋଇ ଥିଲା। ସନ୍ଧ୍ୟା ୮ ଟା ୩୦ ମିନିଟ ସମୟ ରେ ରଥ ଟଣା ହୋଇ ଗୋବିନ୍ଦତୋଲା ସ୍ଥିତ ମାଉସୀ ମାଁ ମନ୍ଦିର ରେ ପହଂଚିଥିଲା। ଏହି କାର୍ଯ୍ୟକ୍ରମ ସମୟ ରେ ଧନୁପାଲି ରଥଯାତ୍ରା ଉତ୍ସବ କମିଟି – ୨୦୨୫ ର ମୁଖ୍ୟ ସଂଯୋଜକ ଶ୍ରୀ ଶରତ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ, ଉପସଭାପତି ସୌରଭ ରଞ୍ଜନ ମହାପାତ୍ର, ତପନ କୁମାର ଗୁରୁ, ଦିଲୀପ ମହାପାତ୍ର, ଅନିଲ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଗୁରୁ, ବିଷ୍ଣୁ ପ୍ରସାଦ ଗୁରୁ, ଚକାନନ ମିଶ୍ର, ଗଦାଧର ମିଶ୍ର ଓ ଚୈତନ୍ୟ ନାୟକ ପ୍ରମୁଖ ସଂଚାଳନ କରିଥିଲେ।

# ରାଜରାସ୍ତାରେ ଚାଷୀ

ବରଗଡ : ବରଗଡ଼ ଜିଲ୍ଲା ଭେଡେନ ଓ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଧାନ କିଣାବିକାରେ ଅବ୍ୟବସ୍ଥା ହେତୁ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଖୁଣ୍ଟୁଲିପାଲି ମଣ୍ଡିରେ ମଣ୍ଡିରେ ଧାନ ନ ଉଠିବାରୁ ଡାଲବ ଛକଠାରେ ଧାନ ବସ୍ତା ରଖି ଚାଷୀ ରାସ୍ତାରୋକ କରିଛନ୍ତି। ଭେଡେନ ବ୍ଲକ ଖୁଣ୍ଟୁଲିପାଲି ମଣ୍ଡିରେ ଧାନ ବିକ୍ରି ଅବ୍ୟବସ୍ଥା ନେଇ ଚାଷୀ ତାତିଛନ୍ତି। ମଣ୍ଡିରେ ଆହୁରି ୩୭୦୦୦ କ୍ୟୁଣ୍ଟାଲ ଧାନ ବିକ୍ରି କରିବାର ବାକି ଅଛି। ହେଲେ ୧୧ ହଜାର କ୍ୱିଣ୍ଟାଲ ଧାନ ବିକିବା ନେଇ ଟେକ ଆସିଛି। ହେଲେ ସମ୍ପୂର୍ଣ୍ଣ ଧାନ ବିକ୍ରି କରିବା ନେଇ ଟେକ ଆସିବା ଦାବିରେ ଗୋଡ଼ଭଗା -ତୁରୁମ ରାସ୍ତାର ଖୁଣ୍ଟୁଲିପାଲି ମଣ୍ଡି ର ମୁଖ୍ୟ ରାସ୍ତାରେ ଚାଷୀ ମାନେ ସକାଳ ୭ ଟାରୁ ରାସ୍ତା ରୋକ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱ ରେ ଶତାଧିକ ଗାଡ଼ି ଅଟକି ରହିଛି। ଗୋଡ଼ଭୋଗା-ସୋନପୁର ୫୪ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନରେ ଶତାଧିକ ଚାଷୀ ସାମିଲ ହୋଇଛନ୍ତି।

# ଲୋକ କବିରତ୍ନ ହଳଧର ନାଗଙ୍କ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର, (ହି.ସ.)- ଲୋକ କବିରତ୍ନ, ଯାଦବ ରତ୍ନ ଆଦି ଅନେକ ସମ୍ମାନରେ ଭୂଷିତ ପଦ୍ମଶ୍ରୀ ହଳଧର ନାଗ ହେଉଛି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ। ଓଡ଼ିଶାର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ପ୍ରତୀକ। ସମ୍ବଲପୁରୀ ଭାଷାକୁ ସୁସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଶନିବାର ବରଗଡ଼ ବରହାଗୁଡ଼ା ଠାରେ ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଆୟୋଜିତ ଦ୍ୱି-ଦିବସୀୟ ଜାତୀୟ ଆଲୋଚନା ଚକ୍ର "ହଳଧର – ସଜନ ଆର୍ ଦର୍ସନ" କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଏବଂ କ୍ରିଷ୍ଟା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ର ମିଳିତ ଉଦ୍ୟମରେ ଆୟୋଜିତ ଏହି ସେମିନାରକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ବରଗଡ଼ ଭଳି ସାରସ୍ୱତ କେନ୍ଦ୍ରସ୍ଥଳୀରେ ଏହି ସେମିନାର ସ୍ୱାଗତଯୋଗ୍ୟ। ଲୋକକବି ହଳଧର ନାଗଙ୍କ ସାହିତ୍ୟକୁ ନେଇ ଦୁଇଦିନ ଧରି ଆୟୋଜିତ ହେଉଥିବା ଏହି ବହୁଭାଷୀ ଜାତୀୟ ସେମିନାରରେ ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ଗବେଷକ ଯୋଗ ଦେବା ପ୍ରଶଂସନୀୟ। ଏହା ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରିବାରେ ବିଶେଷ ସହାୟକ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଜନୈକ ବ୍ୟକ୍ତିକୁ ଲେଖାରେ ସକ୍ରିୟ କରିବାର ମାଧ୍ୟମ ହେଉଛି ସାହିତ୍ୟ। ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଂଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ। ସାହିତ୍ୟ ଅମର। ସମସ୍ତେ ସାହିତ୍ୟିକ ହୋଇପାରନ୍ତିନି। କିନ୍ତୁ ସମସ୍ତଙ୍କ ମଧ୍ୟରେ ସାହିତ୍ୟ ଥାଏ ତଥା ସାହିତ୍ୟର ଆବଶ୍ୟକତା ରହିଥାଏ। କ୍ୱଚିତ୍ ଲୋକମାନେ ସେହି ବିଚାର ଓ ଆବେଗକୁ ଲୋକଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି। ସେହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ। ତାଙ୍କର ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱର ପଟାନ୍ତର ନାହିଁ। ତାଙ୍କର ଲେଖନୀ ଚାଳନା ଆହୁରି ପ୍ରଶଂସିତ ହେବା ନେଇ ସବୁ ସ୍ତରରେ ଉଦ୍ୟମ ହେବା ଦରକାର। ସେ ଆହୁରି କହିଛନ୍ତି ଯେ ମାତୃଭାଷାରେ ମୌଳିକ ଚିନ୍ତନର ସଠିକ୍ ପରିପ୍ରକାଶ ହୋଇଥାଏ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପ୍ରଣୀତ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ସବୁ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରିଛନ୍ତି। ଓଡ଼ିଆ ଭାଷା ଓ ସମ୍ବଲପୁରୀ ଭାଷା, ଉଭୟ ରାଷ୍ଟ୍ରୀୟ ଭାଷା। ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ବିକଶିତ କରିବାକୁ ହେଲେ ମାତୃଭାଷାରେ ଶିକ୍ଷା ଦେବା ଜରୁରୀ। ଭାରତକୁ ପୁଣି ଥରେ ବିଶ୍ୱର ଶିଖରରେ ପହଂଚାଇବାକୁ ହେଲେ ଆମକୁ ଭାରତୀୟ ଭାଷାକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଏବଂ ସଂକଳନକୁ ଉନ୍ମୋଚନ କରିଥିଲେ। ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ ବରଗଡ଼ ସାଂସଦ, ବିଧାୟକଗଣ ଏବଂ ଜନପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ଚାଷରେ ରେକର୍ଡ କରିବ କଳାହାଣ୍ଡି

ଭବାନୀପାଟଣା, : ରାଜ୍ୟରେ କଳାହାଣ୍ଡି ଜିଲା ଧାନ ଓ କପା ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଏବେ ଆଉ ଏକ ପାଦ ଆଗକୁ ବଢିଛି। ଜିଲାରେ ଉତ୍ପାଦନ ହେଉଥିବା ଉନ୍ନତ ମାନର ମାଛ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଆଗାମୀ ଦିନରେ ଜିଲା ମାଛଚାଷର ହବ୍ ହେବ ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି। ଭଲ ମାଛ ଉତ୍ପାଦନ ହେଉଥିବାରୁ ଏହାକୁ ଆହୁରି ବ୍ୟାପକ କରିବାକୁ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକକୁ ଛାଡି ଭବାନୀପାଟଣା, ଧର୍ମଗଡ, ଜୟପାଟଣା, ଜୁନାଗଡ, ଗୋଲାମୁଣ୍ଡା, କେସିଙ୍ଗା, ନର୍ଲା, କଲମପୁର, ଲାଞ୍ଜିଗଡ଼, କର୍ଲାମୁଣ୍ଡା, ଏମ୍ ରାମପୁର, କୋକସରା ଆଦି ୧୨ ବ୍ଲକରେ ଉନ୍ନତମାନର ମାଛ ଚାଷ କରାଯାଉଛି। ପ୍ରତିବର୍ଷ ଜିଲାରେ ୧୪ ହଜାର ହେକ୍ଟର ଅଞ୍ଚଳରେ ମାଛ ଚାଷ ହେଉଥିବାବେଳେ ୩୦ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଛି। ଏହାଦ୍ୱାରା ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ନିଜର ଆର୍ଥିକସ୍ଥିତି ସୁଦୃଢ଼ କରିବାରେ ସକ୍ଷମ ହୋଇପାରୁଛନ୍ତି ବୋଲି ଜିଲା ମତ୍ସ୍ୟ ଅଧିକାରିଣୀ ଦ୍ରୌପଦୀ ମାଝି ପ୍ରକାଶ କରିଛନ୍ତି। ସେହିପରି ମାଛ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯାଇ ଆଗକୁ ବଢିବାକୁ ପ୍ରେରଣା ଦିଆଯାଉଛି। ଚଳିତବର୍ଷ ୩୧ ହଜାର ଟନ୍ ମାଛ ଉତ୍ପାଦନର ଲକ୍ଷ୍ୟ ରହିଥିବା ସେ କହିଥିଲେ। ଏହି ଉତ୍ପାଦନକୁ ଦେଖିଲେ କଳାହାଣ୍ଡି ଜିଲା ପୁଣି ଥରେ ରାଜ୍ୟରେ ରେକର୍ଡ କରିବ ବୋଲି ଜଣାପଡିଛି।

# କେତେ ସୁରକ୍ଷିତ ଡବା ଓ ଜାର୍ ପାଣି

## ଚଢ଼ଉ ଦାବି

କୋରାପୁଟ(ହି.ସ.)- ବିଶୁଦ୍ଧ ପାଣି କହି ଜାର ଡବାରେ ସାଧାରଣ ପାଣି ଭରି ବିକ୍ରି ହେଉଛି। ଲୋକେ ଟଙ୍କା ଦେଇ ବିଶୁଦ୍ଧ ପାଣି ନାଁରେ ବିଶୋଧନ ହୋଇନଥିବା ବୋରୱେଲ ପାଣି ପିଉଥିବା ଅଭିଯୋଗ ହୋଇଆସୁଛି। ମାଲେ ମାଲ ହେଉଛନ୍ତି ପାଣି ବେପାରୀ। ଲାଭକୁ ଦେଖି କୋରାପୁଟ ଜିଲା ଜୟପୁର, କୋରାପୁଟ, କୋଟପାଡ ସେମିଳିଗୁଡା ଆଦି ଅଂଚଳରେ ପାଣି ଡବା ବା ଜାର ଦୋକାନରେ ବିକ୍ରି ହେଉଛି। ଯାହାକୁ ଯାଂଚ୍ ନ କରି ହାତ ଗୁଞ୍ଜା ନେଇ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ୍ୟ କେବେ ଯାଂଚ୍ ହେଉନି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଂଜି ଲୁଟିବାରେ ଲାଗିଛନ୍ତି ପାଣି ବେପାରୀ। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ଯୋଗାଇ ଦିଆଯାଉଥିବା ପାଣି ବିଭିନ୍ନ ପଂଚାୟତରେ ଯଥେଷ୍ଟ ପରିମାଣ ପହଂଚି ପାରୁନାହିଁ। ତେଣୁ ଅନେକ ଲୋକ ବିଭିନ୍ନ ଫାକ୍ଟ୍ରିରୁ ଯୋଗାଣ ହେଉଥିବା ପାଣି ଜାର କିଣି ପିଉଛନ୍ତି। ୨୦ ଲିଟର ଜାର ପାଣି ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫାକ୍ଟ୍ରିର କର୍ମଚାରୀ, ଗାଡ଼ିରେ ପାଣି ଜାର ଧରି ଘର, ଦୋକାନ ଓ ଅଫିସ ଆଦି ବୁଲି ଯୋଗାଇ ଦେଉଛନ୍ତି। ସେହିଭଳି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ତଥା ଉତ୍ସବରେ ଶତାଧିକ ପାଣି ଜାର ବ୍ୟବହାର କରାଯାଉଛି। ଅନେକ ସମୟରେ ଏହି ପାଣିରେ ଗୁଣ୍ଡ ଭାସୁଥିବାର ଦେଖା ଯାଇଥାଏ। ମାତ୍ର ଲୋକେ ବିଶୁଦ୍ଧ ପାଣି ନାଁରେ ସେ ସବୁକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି। ଯୋଗାଣ ହେଉଥିବା ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଂଚଳରେ ଥିବାରୁ ପାଣି କମ୍ପାନୀକୁ ଯାଇ ଟିମ୍ ଯାଇ ପୁଙ୍ଖାନୁପୁଙ୍ଖ ଭାବେ ଯାଂଚ୍ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି। ନିୟମ ଅନୁସାରେ ପାଣି ଫାକ୍ଟ୍ରି କରିବାକୁ ହେଲେ ଏଥିପାଇଁ ରହିଥିବା ଏସଓପିକୁ ପାଳନ କରିବାକୁ ପଡିଥାଏ। ଆବଶ୍ୟକୀୟ ଘର, ଜଳ ବିଶୋଧନ ମେସିନ ବସାଇବା ସହ ପାଣି କେଉଁଠୁ ଆସିବ ସେ ନେଇ ସୁନିଶ୍ଚିତ କରିବାକୁ ପଡିଥାଏ। ବିଆଇଏସ ଟିମ୍ ସହ ଖାଦ୍ୟ ସୁରକ୍ଷା ବିଭାଗ ଯାଂଚ୍ କରି ପ୍ରମାଣ ପତ୍ର ଦେବା ପରେ ଏହା ଖୋଲିଥାଏ। ମାତ୍ର କମ୍ ଖର୍ଚ୍ଚରେ ଅଧିକ ଲାଭ ହେଉଥିବାରୁ ବିନା ଅନୁମତିରେ ଅନେକ ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଂଚଳରେ ଖୋଲି ବ୍ୟବସାୟ ଚଳାଇଛନ୍ତି। କିନ୍ତୁ, ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଜିଲ୍ଲାରେ କେତେ ବେଆଇନ ପାଣି ଫାକ୍ଟ୍ରି ଚାଲିଛି ସେ ନେଇ ପ୍ରଶାସନ ପାଖରେ ଖବର ନାହିଁ। ତେଣୁ ପ୍ରଶାସନ ତଥ୍ୟ ସଗ୍ରହ କରି ଚଢଉ କରିବାକୁ ଦାବି ହୋଇଛି।

# ଆର୍‌ଏସ୍‌ପିର ବିକଶିତ ପରୀକ୍ଷଣ ସୁବିଧାର ଶୁଭାରମ୍ଭ




ରାଉରକେଲା(ପିପିଏସ୍) : କେନ୍ଦ୍ରୀକୃତ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ବିଭାଗର ମରାମତ ଭବନରେ ଚଳିତମାସ ୨୬ ତାରିଖରେ ସିଜିଏମ୍ ଇନ୍‌ଚାର୍ଜ (ମେକାନିକାଲ୍ ଏବଂ ସସ୍ପ) ଆରଏନ୍ ରାଜେନ୍ଦ୍ରନ ଏକ ନିଜସ୍ୱ ରୂପେ ବିକଶିତ ପରୀକ୍ଷଣ ସୁବିଧା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଜିଏମ ମେକାନିକାଲ ଦେବେନ୍ଦ୍ର କୁମାର ପାଳ, ସି ଏମ୍(ଏମ୍) ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍.କେ. ପଙ୍କ, ସିଏମ୍(ଏମ୍) ବିଭାଗର ଜିଏମ୍ ଏସ୍‌ପି ପଟେଲ, ଏଜିଏମ ଏସ୍ ଅଖତର, ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ରାଜେନ୍ଦ୍ରନ୍ ଏହି ସୁବିଧାକୁ ନିଜସ୍ୱ ଭାବରେ ସଂରଚିତ ଏବଂ ବିକଶିତ କରିବା ପାଇଁ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସମଗ୍ର ପ୍ଲାଣ୍ଟରେ ଆତ୍ମନିର୍ଭରଶୀଳତା, କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା ମାନଦଣ୍ଡ ବୃଦ୍ଧି କରିବାରେ ଏପରି ପଦକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭାବରେ ଉଦ୍‌ଘାଟିତ ହୋଇଥିବା ଏହି ସୁବିଧା ବିବିଧ ଚାପ ଆବଶ୍ୟକତା ବିଶିଷ୍ଟ ସୁରକ୍ଷା ଭଲ୍ଭର ସୁଗମ ଏବଂ ଦକ୍ଷ ପରୀକ୍ଷଣ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଯାହା ଫଳରେ ପ୍ଲାଣ୍ଟର ବିଭିନ୍ନ ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ପ୍ରୟୋଜନୀୟ ସହାୟତା ମିଳିପାରିବ। ଏହି ନିଜସ୍ୱ ସୁବିଧା ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ।

# ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଐତିହାସିକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର, (ହି.ସ.)- ଜୟପୁର ସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଠାରେ ଫୋଟ ପ୍ରଦର୍ଶନି ଆଜି ଦିନ ଅନୁଷ୍ଠିତ ହୋଇଛି। ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ଅବସରରେ ଏହି ଫୋଟ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ଯୋଗ ଦେଇ ଉଦଘାଟନ କରିଥିଲେ। ଏଠାରେ ବିକ୍ରମ ଦେବ ବର୍ମାଙ୍କ ଐତିହାସିକ ଫୋଟ ପ୍ରଦର୍ଶନି ହୋଇଥିଲା। ଗବେଷକ ପରେଶ ରଥଙ୍କ ଦ୍ୱାରା ଶହେରୁ ଉର୍ଦ୍ଧ୍ୱଟି ଫୋଟ ପ୍ରଦର୍ଶିତ କରାଯାଇଥିଲା। ବିକ୍ରମ ଦେବ ବର୍ମା ତାଙ୍କ ପରିବାର, ରାଜ ମହଲ ଫଟୋ, ଜୟପୁର ରାଜ୍ୟର ଫୋଟ ଚିତ୍ର, ପ୍ରଦର୍ଶିତ ହୋଇଥିଲା। ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ, ହରିହର କରସୁଧା ପଟ୍ଟନାୟକ, ପରେଶ ରଥ ଉପସ୍ଥିତ ଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଇନଡୋର ଷ୍ଟାଡିୟମରେ, ସନରାଇଜ ଓସବା ସିନିୟର ରେଙ୍କିଙ୍ଗ ବେଡମିଂଟନ ର ୩ ଦିନିଆ ଟୁର୍ଣ୍ଣାମେଂଟ ଉଦ୍ଘାଟିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ପରିଚାଳନାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ୍ ବିସି ଏବଂ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ଏହି ରାଜ୍ୟ ସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ର ଆୟୋଜନ କରିଥିବା କେଡିବିଏ ର କର୍ମକର୍ତାମାନଙ୍କୁ ସାଧୁବାଦ ଦେବା ସହ ଏହିଭଳି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଂଟ ଯୋଗୁଁ ଜିଲ୍ଲାର ଖେଳାଳିଙ୍କ ପ୍ରେରଣା ଓ ଉତ୍ସାହର ସ୍ରୋତ ହେବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓସବା ର ଅବଜର୍ଭର ପ୍ରଦୀପ କୁମାର ମହାନ୍ତି ଓ ଶୈଳେନ୍ଦ୍ର ଚୌଧୁରୀ, କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ସଭାପତି ତଥା ବରିଷ୍ଠ ବ୍ୟାଡମିଂଟନ ଖେଳାଳି ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଓ ବରିଷ୍ଠ ଖେଳାଳି ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟୁର୍ଣ୍ଣାମେଂଟ ର କୋଡିନେଟର ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଏହି ତିନି ଦିନିଆ ଟୁର୍ଣ୍ଣାମେଂଟରେ ସମଗ୍ର ରାଜ୍ୟର ଅଧିକାଂଶ ଜିଲ୍ଲାର ୧୨୫ ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି। ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ବହୁ ସଂଖ୍ୟାରେ ଦର୍ଶକ ଉପଭୋଗ କରିବା ପାଇଁ କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି।

# ରଥଯାତ୍ରା ଉପଲକ୍ଷେ ସେବା କାର୍ଯ୍ୟକ୍ରମ





ରାଉରକେଲା ,(ପିପିଏସ୍) : ରାଉରକେଲା ଶ୍ରମିକ ସଂଘ – ବ୍ଲାଷ୍ଟ ଫର୍ନେସ୍ ଯୁବ ଶାଖା ତରଫରୁ ଏକ ନବୀନ ଓ ପ୍ରେରଣାଦାୟକ ସାମାଜିକ ପଦକ୍ଷେପ ଆରମ୍ଭ କରାଯାଇଛି। ଯାହାର ନାମ "ଡିଭୋସନ୍ ଇନ୍ ମୋସନ୍"। ପବିତ୍ର ରଥଯାତ୍ରା ଉପଲକ୍ଷେ ସ୍ଥାନୀୟ ସେକ୍ଟର ୪ ରିଙ୍ଗ୍‌ରୋଡ ଚଉକ, ଗୋପବନ୍ଧୁ ଲାଇବ୍ରେରୀ ନିକଟରେ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଏକ ସେବା କାର୍ଯ୍ୟକ୍ରମ ଚାଲୁ ରହିଛି। ଯେଉଁଥିରେ ରଥଯାତ୍ରାର ଶ୍ରଦ୍ଧାଳୁ ଓ ଭକ୍ତମାନେ ପାଇଁ ଦାହିପଣା ବଣ୍ଟନ କରାଯାଉଛି। ଏହା କେବଳ ଏକ ପାନୀୟ ନୁହେଁ, ଏହା ହେଉଛି ଆମ ମନର ଭକ୍ତି, ଏକତା ଓ ସେବାଭାବର ପ୍ରତିକ। "ଡିଭୋସନ୍ ଇନ୍ ମୋସନ୍" ଏକ ଦଳ ନୁହେଁ, ଏହା ହେଉଛି ଏକ ଚଳାଚଳ ଭାବନା। ଯାହା ଭକ୍ତିକୁ କେବଳ ମନ ଓ ମନ୍ଦିରରେ ସୀମିତ ରଖି ନଥାଏ, ବରଂ ତାକୁ ସମାଜର ଓ ମାନବ ସେବାରେ ପ୍ରୟୋଗ କରିଥାଏ। ଆମର ଏହି ପ୍ରୟାସ ଏକ ବୃହତ ଶ୍ରମିକ ଆନ୍ଦୋଳନର ଅଂଶ। ସଂଘର ଜେନେରାଲ୍ ସେକ୍ରେଟାରୀ ପ୍ରଶାନ୍ତ ଭାଇଙ୍କର ଉଦ୍ୟମରେ ଯୁବ ଦଳର ଏପରି ସେବାମୂଳକ କାର୍ଯ୍ୟ ଚାଲୁ ରହିଛି।

# ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଜୟପୁର, (ହି.ସ.) - ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁଶାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ରଥ ଯାତ୍ରା ଉପଲକ୍ଷେ ଶାବର ଶ୍ରୀକ୍ଷେତ୍ର, କୋରାପୁଟ ନିକଟସ୍ଥ ମାଉସି ମା ମନ୍ଦିର ପ୍ରାଙ୍ଗଡରେ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଆଇନ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଅଇନ ସହାୟତା କେନ୍ଦ୍ରକୁ ତାଲୁକା ଲିଗାଲ କମିଟି କୋରାପୁଟ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଦୀପକ ରଞ୍ଜନ ସାହୁ ଆନୁଷ୍ଠାନିକ ଭାବରେ ଉଦ୍ଘଟନ କରିଥିଲେ। ଉଦ୍‌ଘାଟନ ଶିବିରି ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ପେସିଆଲ ଜଜ୍ ପୋକ୍‌ସୋ କୋର୍ଟ ଜୟପୁର ଡଃ.ସଂଘମିତ୍ରା ଦାସ, ମୁଖ୍ୟ ବିଚାର ବାଭାଗ ଦଣ୍ଡାଧିକାରୀ,ଜୟପୁର ଏସ. ଶୁଭଲକ୍ଷ୍ମୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ବିଚାପତି ପ୍ରୋଦ୍ୟମୟୀ ସୁଜତା, ବରିଷ୍ଠ ଦେୱାନୀ ବିଚାରପତି (ମହିଳା କୋର୍ଟ) ଜୟପୁର ଅଳକାନନ୍ଦା ମହାନ୍ତି, ଏସ୍‌ଡିଜେଏମ୍ କୋରାପୁଟ ଚନ୍ଦନ ଦାସ, ସସ୍ପେସିଆନ ଜେଏମ, ଗୟାଧର ପାଣିଗ୍ରାହୀ, କୋରାପୁଟ ମୁନସିପ୍ ସୁଦାବାଇ ଅଗ୍ରୱାଲ୍, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ କୁମାରୀ ପ୍ରଜ୍ଞାସୁମନ ମହାପାତ୍ର, ଦୀକ୍ଷ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତାସହିତ ଜିଲ୍ଲା ଆଇନ ସେବାପ୍ରାଧିକରଣ, କର୍ମଚାରୀ ବୃନ୍ଦ, କୋରାପୁଟ ବିଚାରବିଭାଗୀୟ କର୍ମଚାରୀ ବୃନ୍ଦ, ପାରାଲିଗାଲ ସ୍ୱେଚ୍ଛାସେବୀ, ପଲିସପ୍ରଶାସନ ଉପସ୍ଥିତ ରହିଥିଲେ। ଆଇନ ସହାୟତା କେନ୍ଦ୍ର ରଥଯାତ୍ରା ଠୁ ପ୍ରାୟ ସାତଦିନ ପର୍ଯ୍ୟନ୍ତ ନିରନ୍ତର ଓ ମାଗଣଆ ଆଇନ ସହାୟତା ଯୋଗାଇଦେବା ରେ ସହାୟତା କରିବ ଯେଉଁ ଥିରେ ପ୍ରତି ଦିନ ପାରାଲିଗାଲ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ଜନସାଧାରଣ ମାନଙ୍କୁ ବିଭିନ୍ନ ଆଇନ ଗତ ସମସ୍ୟା ଯେପରି ବିନା ମୂଲ୍ୟରେ ଆଇନ ସହାୟତା ଓ ପରାମର୍ଶ ନିମନ୍ତେ ଜାତୀୟ ଆଇନ ସେବା ପ୍ରାଧିକରଣର ହେଲ୍ପଲାଇନ୍ ନମ୍ବର-୧୫୧୦୦, ସମ୍ମୁଖ କାର୍ଯ୍ୟାଳୟ, ଆଇନ ସେବାପ୍ରାଧିକରଣ କାର୍ଯ୍ୟକାରିତା ଓ ଉପକାରିତା ସମ୍ପର୍କରେ ସୂଚନା ଦିଆଯାଇ ସଚେତନତା କରିବା। ଆଇନ ସହାୟତା ପରିଦର୍ଶନ କରୁଥିବା ଲୋକମାନଙ୍କୁ ପ୍ରଚାରପତ୍ର ଦେଇ ଲୋକମାନଙ୍କୁ ଅବଗତ କରାଯିବ। ଲୋକମାନଙ୍କୁ ସହଜ ଉପାୟ ମାଧ୍ୟମରେ ନିଜର ଅସୁବିଧା ଜଣାଇପାରିବେ ଏବଂ ଆଇନଗତ ସମସ୍ୟାରୁ ମୁକ୍ତ ହୋଇପାରିବେ କୋର୍ଟ କଚେରି, ଥାନା, ସରକାରୀ କାର୍ଯ୍ୟାଳୟ ଗୁଡିକରେ ନିଜର ମୌଳିକ ଅଧିକାର ପାଇପାରିବେ ସେ ସମ୍ପର୍କରେ ସଚିବ ଶ୍ରୀମତି ପି.ସୁଜତା ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ପର୍ଶୁରାମ ଭବନ ଉଦ୍‌ଘାଟିତ




ଟିଟିଲାଗଡ଼: ବ୍ରାହ୍ମଣ ସମାଜ, ଟିଟିଲାଗଡ଼ର ନୂତନ କୋଠା ପବିତ୍ର ରଥଯାତ୍ରାରେ ପର୍ଶୁରାମ ଭବନ ଉଦଘାଟିତ ହୋଇଯାଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ତଥା ପୌରାଧକ୍ଷା ମମତା ଜୈନ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହାର ଶୁଭ ଉଦଘାଟନ ସହ ପର୍ଶୁରାମ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜ ସଭାପତି ସୁବୋଧ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଟିଟିଲାଗଡ଼ ସହର ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସର୍ବଦା ଉଦ୍ୟମ ଜାରୀ ରଖିଥିବା କହିଥିଲେ।

# ସିପିଆଇ କୋରାପୁଟ ଜିଲ୍ଲା ପରିଷଦ ବୈଠକ

କୋରପୁଟ (ହି.ସ.) - ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୋରାପୁଟ ଜିଲ୍ଲା ପରିଷଦ ବୈଠକ ଶ୍ରୀ ରାମକୃଷ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉଦ୍‌ଘାଟନ କରି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ଆନ୍ତର୍ଜାତିୟ, ଜାତୀୟ ଓ ରାଜ୍ୟ ରାଜନୈତିକ ଘଟଣା ବଳୀ ଉପରେ ଆଲୋକପାତ କରି ବାମପନ୍ଥୀ ଗଣତାନ୍ତ୍ରିକ ଆନ୍ଦୋଳନକୁ ମଜବୁତ୍ କରିବା ପାଇଁ ସିପିଆଇ କୁ ଶାଖା ସ୍ତରରୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ରିପୋର୍ଟ ପ୍ରଦାନ କରିବା ପରେ ତା' ଉପରେ ଆଲୋଚନା ହୋଇଥିଲା। ସିପିଆଇ ର ପ୍ରତ୍ୟେକ ଶାଖାର ସଭ୍ୟ ନବୀକରଣ ହୁଏ ଏବଂ ନୂଆ ଶାଖା ଗଠନ ହୁଏ। ଆଗାମୀ ଜୁଲାଇ ମାସ ଭିତରେ ଶାଖା ଓ ଜୋନ୍ ସମ୍ମିଳନୀ ଶେଷ କରି ଅଗଷ୍ଟ ୭,୮ ଦୁଇଦିନ ଧରି ଜିଲ୍ଲା ସମ୍ମିଳନୀ ଜୟପୁର ଅନୁଷ୍ଠିତ କରିବା ପାଇଁ ସ୍ଥିର ହୋଇଛି। ବୈଠକ ରେ ପ୍ରମୋଦ କୁମାର ମହାନ୍ତି,କୁମର ଜାନୀ, ବୈଦ୍ୟନାଥ ହରିଜନ, ବିଳିଭଦ୍ର ଭୋଇ, ସତ୍ୟବ୍ରତ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚମ୍ପୁଆରେ ମହାପ୍ରଭୁଙ୍କ ଘୋଷଯାତ୍ରା

ଚମ୍ପୁଆ, (ହି.ସ.) : ଚମ୍ପୁଆ ସଦର ମହକୁମା ଓ ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଆନନ୍ଦ ଓ ହର୍ଷୋଲ୍ଲାସର ସହ ପାଳିତ ହୋଇଯାଇଛି। ଚମ୍ପୁଆ ସଦର ମହକୁମାରେ ଦେବୋତର ବିଭାଗ ତରଫରୁ ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଚଂପୁଆ ସଦର ମହକୁମା ସ୍ଥିତ ଶ୍ରୀ ଦଧିବାମନ ଜୀଉ ମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ନିତିକାନ୍ତି ଓ ପୂଜା ସମାପନ ପରେ ଅପରାହ୍ନ ସାଢ଼େ ତିନି ଘଟିକାରୁ ପହଣ୍ଡି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡିରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ତାପରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ସେବାୟତ ମାନେ ରଥାରୂଢ଼ କରିଥିଲେ। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ପାଂଚଟାରେ ରଥଟଣା ଆରମ୍ଭ ହୋଇ ସଂଧ୍ୟା ସାତଟା ସମୟରେ ମାଉସୀ ମା ମନ୍ଦିର ନିକଟରେ ରଥ ପହଁଚିଥିଲା। ଚତୁର୍ଦ୍ଧାମୂର୍ତିଙ୍କ ବିଭିନ୍ନ ନୀତିକାନ୍ତି ଓ ପୂଜା କାର୍ଯ୍ୟ ପୂଜକ ସତ୍ୟନାରାୟଣ ମିଶ୍ର, ବିପିନ ମିଶ୍ର, ଚମ୍ପେଶ୍ୱର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟିର ସଦସ୍ୟ ଧୀରେନ୍ ଦାସ, ଧୀରଜଲାଲ ଚାଉଡା, ଅରୁଣ ପତି, ସତ୍ୟବାନ କରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ରଥ ଟଣା ଆରମ୍ଭ ହେଉଣୁ ରଥରେ ଯୋଚା ଯାଇଥିବା ଘୋଡାଗୁଡିକ ମଧ୍ୟରୁ ଧଳା ଘୋଡା ଗୁଡିକ ରଥରୁ ଖସି ତଳେ ପଡି ଯାଇଥିଲେ। ଫଳରେ କିଛି ସମୟ ପାଇଁ ରଥ ଟଣା ବାଧାପ୍ରାପ୍ତ ହୋଇଥିଲା। ଘୋଡା ଗୁଡିକୁ ପୁଣି ଥରେ ରଥରେ ଯୋଚି ସାରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ରଥ କିଛି ବାଟ ଯିବା ପରେ ରଥ ଚକରେ ପୁଣି ସମସ୍ୟା ଦେଖାଦେବାରୁ ରଥ ଅଧା ବାଟରେ ଅଟକି ରହିଥିଲା। ବାରମ୍ବାର ରଥ ଟଣାରେ ସମସ୍ୟା ଦେଖା ଦେବାରୁ ଭକ୍ତ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଦେବୋତର ବିଭାଗ ପକ୍ଷରୁ ପୁରୁଣା ରଥ କାଠ ରେ ନୂଆ କାଠ ମିଶାଇ ରଥ ନିର୍ମାଣ କରାଯାଇଥିଲେ ହେଁ ରଥ ନିର୍ମାଣ ସମୟରେ ଉଚିତ୍ ତଦାରଖ ର ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ନେଇ ଭକ୍ତ ମହଲରେ ଅଭିଯୋଗ ହେଉଛି। ଆଖ ପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଚମ୍ପୁଆ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏନସିସି କ୍ୟାଡେଟ, ଅଗ୍ନିଶମ ବାହିନୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଚମ୍ପୁଆ ସମେତ ରିମୁଳି,ରାମତୀର୍ଥ, କରଞ୍ଜିଆ, ଭଣ୍ଡା, ସିଲିପୁଞ୍ଜି, କାଳିକାପ୍ରସାଦ, କାଟୁଳିକନା, ନିଉଣ୍ଡି, କୋଦୋଗାଡିଆ, ଅଡଙ୍ଗାପାଳ, ସୁନାପଶି ଆଦି ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି।

# ‘ମିସେସ୍ ଇଣ୍ଡିଆ’ ମୁକୁଟ ହାତେଇଲେ ଓଡ଼ିଆ ମହିଳା



**ଭୁବନେଶ୍ୱର (ପିପିଏସ୍):** ଦୁବାଇରେ ଆୟୋଜିତ ‘ମିସେସ୍ ଇଣ୍ଡିଆ ୱାର୍ଲଡ ୱାଇଡ୍-୨୦୨୫’ ପ୍ରତିଯୋଗିତାରେ ଭୁବନେଶ୍ୱରର ମହିଳା ସଙ୍ଗୀତା ନାୟକ ବାଜିମାତ କରିଛନ୍ତି। ସାରା ବିଶ୍ୱରୁ ଭାଗନେଇଥିବା ୭୪ଜଣ ଭାରତୀୟ ମହିଳା ପ୍ରତିଯୋଗୀଙ୍କୁ ପଛରେ ପକାଇ ଶ୍ରୀମତୀ ସଙ୍ଗୀତା ‘ମିସେସ୍ ଇଣ୍ଡିଆ’ ମୁକୁଟ ହାସଲ କରିଛନ୍ତି। ଏହି ସଫଳତା ପରେ ତାଙ୍କ ଶୁଭେଚ୍ଛୁ ଓ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କେବଳ ଭାରତୀୟ ବଂଶୋଦ୍ଭବ ମହିଳାଙ୍କ ଉଦ୍ଦେଶ୍ୟରେ ପ୍ରତି ବର୍ଷ ଦୁବାଇରେ ଏହି ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ପ୍ରତିଯୋଗିତା ପାଇଁ ବିଶ୍ୱର ବିଶ୍ୱର ବିଭିନ୍ନ ଦେଶରୁ ୩ଶହରୁ ଅଧିକ ଭାରତୀୟ ବଂଶୋଦ୍ଭବ ମହିଳା ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ କେବଳ ୭୪ ଜଣ ମନୋନୀତ ପ୍ରତିଯୋଗୀଙ୍କ ମଧ୍ୟରେ ରାମ୍ପ୍ ୱାକ୍ ସହ ଅନ୍ୟାନ୍ୟ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଟପ୍-୨୫, ଟପ୍-୨୦, ଟପ୍-୧୫, ଟପ୍-୧୦ ଓ ଟପ୍-୫ ଏବଂ ତାପରେ ଶ୍ରୀମତୀ ସଙ୍ଗୀତା ତାଙ୍କର ସ୍ଥାନ ପକ୍କା କରିଥିଲେ। ଗତ ୨୦ ତାରିଖରେ ଆୟୋଜିତ ଫାଇନାଲରେ ସଙ୍ଗୀତାଙ୍କୁ ଆୟୋଜକ ମାନେ ବିଜୟିନୀବୋଲି ଘୋଷଣା କରିଥିଲେ। ଏହି ସମୟରେ ତାଙ୍କ ସହ ସ୍ୱାମୀ ମଧୁସୂଦନ ନାୟକ ଓ ପୁଅ ଅମିତ ଏବଂ ଅନିଶ୍ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ସଙ୍ଗୀତା ଜଣେ ଇଣ୍ଟେରିଅର୍ ଡିଜାଇନର୍। ଆଗକୁ ସେ ଗ୍ଲାମର୍ ଦୁନିଆଁ ରେ ସକ୍ରିୟ ରହିବା ସହ ମହିଳା ସଶକ୍ତିକରଣ ପାଇଁ ମଧ୍ୟ କାମ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସମସ୍ତ ଓଡ଼ିଶାବାସୀଙ୍କ ପାଖରେ କୃତଜ୍ଞତା ଜଣାଇଛନ୍ତି।

# ହାଉଜାଉ ରାସ୍ତାକଡ଼ ଖାଦ୍ୟ ଷ୍ଟଲ୍, ଥମୁନି ଝାଡ଼ାବାନ୍ତି



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ରାସ୍ତା କଡ଼ରେ ଖାଦ୍ୟ ଷ୍ଟଲ୍‌ରେ କିଛିଦିନ ବିଏମ୍‌ସି ଚଡ଼ଉ କରିବା ପରେ ପୁଣି ଏବେ ଖୋଲାମେଲା ଛାଡ଼ିଦେଇଛି। ଫଳରେ ପୁଣି ପୂର୍ବଭଳି ଖାଇବା ଷ୍ଟଲ୍ ସବୁ ଖୋଲିଲାଣି। ଯେଉଁଥିରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି ହେଉଥିବାବେଳେ ଲୋକେ ତାହାକୁ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ଶହଶହ ସଂଖ୍ୟାରେ ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଚଟ୍‌ପଟା ଖାଦ୍ୟ ବିକ୍ରି କରୁଛନ୍ତି। ସେଥିମଧ୍ୟରେ ଫାଷ୍ଟଫୁଡ୍‌ର ଚାହିଦା ସବୁଠୁ ଅଧିକ ରହିଛି। ରାତି ପାହିଲେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ହେଉ ଅବା ସନ୍ଧ୍ୟା ସମୟରେ ଭଳି କି ଭଳି ଚଟ୍‌ପଟା ଖାଦ୍ୟ ଖାଇ ଯେ ରୋଗ କିଣୁଛନ୍ତି ତାହା ଠେଲା ବ୍ୟବସାୟୀଙ୍କ ନିକଟରେ ଗହଳି ଦେଖିଲେ ଅନୁମାନ କରିହେବ। ତେବେ ଗତ କିଛି ଦିନ ହେବ ଯାଜପୁରରେ ପାଣିରୁ ବ୍ୟାପିଥିବା ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମଧ୍ୟ ହୋଇଥିଲା। ଏହାପରେ ଚାରିଆଡ଼େ ଆରମ୍ଭ ହୋଇଛି ଧରପଗଡ଼। ବିଭିନ୍ନ ସ୍ଥାନରେ ଖଦ୍ୟ ଯାଞ୍ଚ କରାଯାଉଥିବା ବେଳେ ଜରିମାନା ମଧ୍ୟ ଆଦାୟ ହେଉଛି। ହେଲେ ରାତିପାହିଲେ ସବୁଠାରୁ ଅଧିକ ଭିଡ଼ ଜମୁଥିବା ସକାଳ ଜଳଖିଆ ଦହିବରା ବ୍ୟବସାୟୀ ମାନେ ବ୍ୟବହାର କରୁଥିବା ପାଣିର ଯାଞ୍ଚ କରାଯିବାକୁ ଦାବୀ ହୋଇଛି। ସେହିପରି ଚଟ୍‌ପଟା ଖାଦ୍ୟର ଉର୍ଦ୍ଧ୍ୱରେ ରହିଥିବା ଗୁପଚୁପ୍ ପାଣି ମଧ୍ୟ ଯାଞ୍ଚ କରାଯିବା ଉଚିତ୍ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି। କାରଣ ରାଜଧାନୀର ଅଧିକାଂଶ ଦହିବରା ଓ ଗୁପଚୁପ୍ ବ୍ୟବସାୟୀମାନେ ଅଧିକାଂଶ ବସ୍ତି ଅଞ୍ଚଳ ହୋଇଥିବାରୁ ସେମାନେ କେଉଁ ପାଣିର ବ୍ୟବହାର କରୁଛନ୍ତି ସମସ୍ତ ଅଞ୍ଚଳରେ ଯାଞ୍ଚ ହେଉଛି କି ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜଧାନୀରେ ପ୍ରତ୍ୟେକ ଛକ ଠାରୁ ଗଳି କନ୍ଦିରେ ବିକ୍ରି ହେଉଛି ଦହିବରା ଓ ଗୁପଚୁପ୍ ସମେତ ବିଭିନ୍ନ ଜଳ୍‌ଖିଆ ଅବା ଫାଷ୍ଟଫୁଡ। ହେଲେ ସେଥିରେ ବ୍ୟବହାର ହେଉଥିବା ତେଲ, ଟମାଟୋ, ଚିଲି ସସ୍ ସମେତ ପାଣିର ଯାଞ୍ଚ ସଠିକ୍ ଭାବେ ହେଉନଥିବା ଅଭିଯୋଗ ହୋଇଛି। କାରଣ କେତେକ ପ୍ରମୁଖ ସ୍ଥାନରେ ବ୍ୟବସାୟୀଙ୍କ ଖାଦ୍ୟ ଯାଞ୍ଚ କଲେ ହେବ ନାହିଁ ପ୍ରତ୍ୟେକ ଗଳି କନ୍ଦିରେ ଯାଞ୍ଚ ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। କାରଣ ପାଟିକୁ ସୁଆଦିଆ ଲାଗୁଥିବା ଏହି ଚଟପଟା ସସ୍ ଏବଂ ଖାଦ୍ୟ ଖାଇ ରୋଗ କିଣୁଛନ୍ତି ଲୋକେ। ସହରର ପ୍ରତ୍ୟେକ ଛୋଟ ବଡ଼ ଠେଲା ବ୍ୟବସାୟୀଙ୍କ ପାଇଁ ମଧ୍ୟ ସମାନ ନିୟମ ବା ମାର୍ଗଦର୍ଶିକା ଲାଗୁ କରାଯିବା ଆବଶ୍ୟକ ବୋଲି ଅନେକ ଠେଲା ବ୍ୟବସାୟୀମାନେ ମଧ୍ୟ ମତ ଦେଇଛନ୍ତି। ସେମାନଙ୍କ ସଂଖ୍ୟା ଗଣନା କରାଯିବା ସହ ରେଜିଷ୍ଟ୍ରେସନ୍ କରାଯିବା ମଧ୍ୟ ଜରୁରୀ। କାରଣ କେତେଜଣ ହାତ ଗଣତି ବ୍ୟବସାୟୀଙ୍କ ଅପମିଶ୍ରିତ ଖାଦ୍ୟ ଯୋଗୁଁ ଅନ୍ୟ ବ୍ୟବସାୟୀମାନେ କ୍ଷତି ସହୁଥିବା ଜଣେ ଦହିବରା ବ୍ୟବସାୟୀ କହିଛନ୍ତି। ସେ କହିଛନ୍ତି ଯେ, ସାଧାରଣତଃ ଅନେକ ବ୍ୟବସାୟୀ ଅପରିଷ୍କାର ପାଣିର ବ୍ୟବହାର କରୁଛନ୍ତି। ହେଲେ ପ୍ରତି ଗଳି କନ୍ଦିରେ ଯାଞ୍ଚ ହେଉନଥିବାରୁ ସେମାନେ ଖସି ଯାଉଛନ୍ତି। ତେଣୁ ବ୍ୟବସାୟୀମାନେ ଟଙ୍କା ନେଇ ବିଷ ବିକ୍ରି କରିବା ବଦଳରେ କମ୍ ପରିମାଣର ହେଉ ପଛେ ଉପଯୁକ୍ତ ମାନର ଖାଦ୍ୟ ପ୍ରଦାନ କରିବାକୁ ବ୍ୟବସାୟୀ ମାନେ ସଚେତନ ହେବା ଉଚିତ୍। ତେବେ ଏନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ୍ ପଟେଲ କହିଛନ୍ତି ଯେ, ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ଖାଦ୍ୟ ଷ୍ଟଲ୍ ଓ ହୋଟେଲ୍ ସହ ଠେଲା ଦୋକାନୀଙ୍କୁ ଯାଞ୍ଚ କରାଯିବା ସହ ବ୍ୟବସାୟୀମାନଙ୍କୁ ପରିଚ୍ଛନ୍ନତା ଓ ଉତ୍ତମ ମାନର ଖାଦ୍ୟ ଦେବାକୁ ଟ୍ରେନିଂ ମଧ୍ୟ ଦିଆଯାଉଛି। ହେଲେ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ୱାର୍ଡରେ ଖୁବ୍ କମ୍ କର୍ମଚାରୀଙ୍କ ଦ୍ୱାରା ଯାଞ୍ଚ କରିବା ସମ୍ଭବ ହେଉନଥିବାରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ‘ସଂଘର୍ଷ ମଣିଷକୁ ଅଧିକ ସଫଳ କରାଏ’

**ଭୁବନେଶ୍ୱର (ପିପିଏସ୍):** ଜୀବନର ସଂଗ୍ରାମ ଓ ସଂଘର୍ଷ ମଣିଷକୁ ଅଧିକ ସଫଳ କରାଏ। ପ୍ରତିକୂଳତା ଆମ ଜୀବନକୁ ଅର୍ଥପୂର୍ଣ୍ଣ କରେ ଓ ତାହା ସୃଜନଶୀଳତାକୁ ଖୁବ ଉତ୍ସାହିତ କରେ ବୋଲି ଗାଳ୍ପିକ, ଗୀତିକାର ଓ ସଂଳାପକାର ବିଜୟ ମଲ୍ଲ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ସାହିତ୍ୟ ଜୀବନର ସଂଘାତ ଓ ସଂଶୟକୁ ରୁପାୟିତ କରିଥାଏ ବୋଲି କହିଛନ୍ତି। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଥାକାର ଡ. ଅରବିନ୍ଦ ରାୟ ଏହି ସାକ୍ଷାତକାରରେ ଅଂଶ ଗ୍ରହଣ କରିଥିଲେ। ଦିଲ୍ଲୀପ ବିଷୋୟୀ, ପ୍ରିୟରଞ୍ଜନ ସାହୁ, ନନ୍ଦ କିଶୋର ବିଶ୍ୱାଳ, ରମେଶ ପଟ୍ଟନାୟକ ଓ ସଞ୍ଜୟ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ମିନତି ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନ୍ୟତମ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶୀ ପ୍ରତିଭା ଉତ୍ସବ -୨୦୨୫ ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍):** ସାଂସ୍କୃତିକୀ ଓ ବିଶ୍ୱ ଓଡ଼ିଶୀ ମଞ୍ଚର ମିଳିତ ଉଦ୍ୟମରେ ଭଞ୍ଜକଳା ମଣ୍ଡପଠାରେ ଦ୍ୱିତୀୟ ଓଡ଼ିଶୀ ପ୍ରତିଭା ଉତ୍ସବ ଉଦ୍‌ଘାଟିତ ହୋଇଛି। ପରମ୍ପରା ଅନୁଯାୟୀ ପ୍ରାରମ୍ଭରେ ନୃତ୍ୟ ଶିଳ୍ପୀ ଓ ଆୟୋଜକମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବ ଆରମ୍ଭ ହୋଇଥିଲା। ଯୁବ ନୃତ୍ୟ ଶିଳ୍ପୀମାନଙ୍କୁ ଏକକ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ଉତ୍ସବ ଦେଶର ବିଭିନ୍ନ ସହର ଯଥା - ଭୁବନେଶ୍ୱର, ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁ, ମୁମ୍ବାଇ ଏବଂ ଗୁଆହାଟିରେ ମଧ୍ୟ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଓଡ଼ିଶୀ ପ୍ରତିଭା ଉତ୍ସବରେ ୮୦ ଜଣ ଯୁବ ନୃତ୍ୟ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଏହି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, ଆସାମ, ରାଜସ୍ଥାନ, ଝାଡ଼ଖଣ୍ଡ ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକା, କୁଏତ୍, ଦୁବାଇ ଆଦି ଦେଶରୁ ନୃତ୍ୟ ଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ସେମାନଙ୍କୁ ତିନିଟି ବର୍ଗରେ ଯଥା ୧୦ ବର୍ଷରୁ କମ୍, ୨୦ ବର୍ଷରୁ କମ୍ ଓ ୩୦ ବର୍ଷରୁ କମ୍ ବୟସ ବିଭାଗରେ ପରିବେଷଣ କରୁଛନ୍ତି। ଅଭିଜ୍ଞ ନୃତ୍ୟ ଶିଳ୍ପୀ ଓ ଗୁରୁମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଶିଳ୍ପୀମାନଙ୍କୁ ଓଡ଼ିଶୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯିବ ବୋଲି ବିଶ୍ୱ ଓଡିଶୀ ସଂଗଠନର ପ୍ରତିଷ୍ଠାତା ଶ୍ୟାମହରୀ ଚକ୍ର ସୂଚନା ଦେଇଛନ୍ତି।

# ‘ଦିବ୍ୟ ଅନ୍ୱେଷା’ର ‘ପ୍ରପଦ୍ମର ପାରିଜାତ ଶ୍ରୀଜଗନ୍ନାଥ’

**ଭୁବନେଶ୍ୱର (ପିପିଏସ୍):** ଦିବ୍ୟ ଅନ୍ୱେଷୋ ଅନୁଷ୍ଠାନ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥଙ୍କ ନବଯୌବନ ଦର୍ଶନ ଅବସରରେ ‘ପ୍ରପଦ୍ମର ପାରିଜାତ ଶ୍ରୀଜଗନ୍ନାଥ’ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଖ୍ୟାପକ ନୀଳାଦ୍ରି ମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ଭାବେ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର ଓ ବରେଣ୍ୟବକ୍ତା ଭାବେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗ ଦେଇଥିଲେ। ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଦ୍ୱାରା ଆୟୋଜିତ ମଙ୍ଗଳ ଗୀତିକା ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର ଅତିଥିଙ୍କୁ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସୁଆର ଅନୁଷ୍ଠାନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ଗୁରୁ ସ୍ୱୟଂପ୍ରଜ୍ଞା ସାହୁଙ୍କ ତତ୍ତ୍ୱାବଧାନରେ ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ନାଟିକା ‘ମଥୁରା ଗମନ’ ପରିବେଷଣ କରିଥିଲେ। ଦିବ୍ୟ ଅନ୍ୱେଷୋର ଉପସଭାପତି ମିଲନ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ‘ଅନନ୍ତା’ର ଚିତ୍ରନାଟ୍ୟ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର (ପିପିଏସ୍):** ଅନନ୍ତା ଚଳଚ୍ଚିତ୍ରର ଅପୂର୍ବ ସଫଳତା ପରେ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟିର ଚିତ୍ରନାଟ୍ୟ ଓ ସଂଳାପ, ଏକ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି। ଯାହାକୁ ମହାରାଜା ସିନେମା ପ୍ରେକ୍ଷାଳୟରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ସଂଳାପ ଲେଖକ ଡ. ରଜନୀ ରଞ୍ଜନ, ଅଭିନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡାଙ୍କ ସମେତବହୁ ବିଶିଷ୍ଟ ବ୍ୟକ୍ତି ଉନ୍ମୋଚନ କରିଛନ୍ତି। ଅନନ୍ତା ପୁସ୍ତକଟି ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ରାଣ୍ଡିପୁଅ ଅନନ୍ତା ଅବଲମ୍ବନରେ ନିର୍ମିତ ଅନନ୍ତା ଚଳଚ୍ଚିତ୍ରକୁ ସବ୍ୟସାଚୀ ମହାପାତ୍ର ଏବଂ କୁମାର ସି ଦେବ ନିର୍ଦ୍ଦେଶନା ଦେଇଥିବା ବେଳେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ତେବେ ଏହି ପୁସ୍ତକ ପ୍ରକାଶିତ କରିବାର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ନିର୍ଦ୍ଦେଶକ କହିଛନ୍ତି ଯେ, ଯେଉଁ ଦର୍ଶକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ରଟି ଦେଖିବାକୁ ସୁଯୋଗ ପାଇ ନ ଥିବେ ସେମାନେ ଏହି ପୁସ୍ତକ ପଢି ପୂରା ଚଳଚ୍ଚିତ୍ରଟିକୁ ଦେଖିଲା ଭଳି ଅନୁଭବ କରିପାରିବେ। ତେବେ ଚଳଚ୍ଚିତ୍ରଟି ରିଲିଜ୍ ହେବା ଦିନରୁ ବେଶ୍ ସଫଳତା ହାସଲ କରିଛି। ତିନି ସପ୍ତାହ ବିତି ଯାଇଥିବା ବେଳେ ଏବେ ବି ସବୁ ଶୋ’ ହାଉସଫୁଲ୍ ହେଉଛି। ଏହି ଅବସରରେ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ଡ. ସୁଷମା ମିଶ୍ର, ପ୍ରବୀଣା ମହାନ୍ତି, ଓଡ଼ିଶା ମିରରର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ଗାଳ୍ପିକ ଅରୁଣ ସାହୁ, କ୍ଷୀରୋଦ ପରିଡା, ପରେଶ ପଟ୍ଟନାୟକ, ସହଦେବ ସାହୁ, କ୍ଷୀରୋଦ ଦାସ, ବବିତା ତ୍ରିପାଠୀ, ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ରଥଯାତ୍ରା ଜାତୀୟ ସେବା ଶିବିର

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଆନୁକୂଲ୍ୟରେ ରଥଯାତ୍ରା ଜାତୀୟ ସେବା ଶିବିର ଆରମ୍ଭ ହୋଇଛି। ଜୁନ୍ ୨୫ ତାରିଖରୁ ୨୮ତାରିଖ ପର୍ଯ୍ୟନ୍ତ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଏହି ଶିବିର ଚାଲୁ ରହିବ।

ଶିବିରରେ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଜିଲ୍ଲା ଏବଂ ରାଜସ୍ଥାନ, ଛତିଶଗଡ଼, ଦିଲ୍ଲୀ, ଉତ୍ତରପ୍ରାନ୍ତ କେନ୍ଦ୍ରୀୟ ରେଲୱେ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଦକ୍ଷିଣପ୍ରାନ୍ତ କେନ୍ଦ୍ରୀୟ ରେଲୱେ, କେନ୍ଦ୍ରୀୟ ରେଲୱେ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର-ପୂର୍ବାଞ୍ଚାଳ ରେଲୱେ, ପୂର୍ବାଞ୍ଚଳ ରେଲୱେ ଏବଂ ଉତ୍ତରପ୍ରଦେଶ ରାଜ୍ୟମାନଙ୍କରୁ ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ, ଗାଇଡ୍ ସମେତ ଲିଡ଼ରମାନେ ଯୋଗ ଦେଇଥିଲେ। ପୁରୀ ଟାଉନ୍ ହଲ୍ ଠାରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଉଦ୍‌ଘାଟନ କରି ରୋଭର ଓ ରେଞ୍ଜରମାନଙ୍କୁ ପବିତ୍ର ରଥଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ରୋଭର, ରେଞ୍ଜର, ସ୍କାଉଟ୍ ଓ ଗାଇଡ୍‌ମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ, ଜଳସିଞ୍ଚନ, ଯାନବାହାନ ନିୟନ୍ତ୍ରଣ, ପ୍ରାଥମିକ ଚିକିତ୍ସା ପ୍ରଦାନ, ଆହତ ହେଉଥିବା ଭକ୍ତମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ ସେବା ଯୋଗାଇ ଦେଇଥିଲେ। ଏହି ଶିବିର ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିବ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର (ପିପିଏସ୍):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଷା ମହାନ୍ତିଙ୍କୁ ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ସ୍ଥାନୀୟ ବକ୍‌ରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସଭାରେ ଶିକ୍ଷକ ବଟକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ। ଭିଙ୍ଗାରପୁର କ୍ଲଷ୍ଟରରେ ମଞ୍ଜୁଷା ଏକାଧିକ ଥର ସଫଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ମଞ୍ଜୁଷା ୧୯୯୧ ମସିହା ଅଗଷ୍ଟ ୧୩ ତାରିଖରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ବର୍ଷ ଧରି ତାଙ୍କର ଶିକ୍ଷକତା ଜୀବନ ଭିତରେ ବିଦ୍ୟାଳୟର ଆଶାନୁରୂପକ ଉନ୍ନତି ସାଧିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ବଟକୃଷ୍ଣ ପଣ୍ଡା ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବେହେରା, ଭିଙ୍ଗାରପୁର କ୍ଲଷ୍ଟର ସିଆରସିସି ଗୀତାଞ୍ଜଳୀ ମାଝି, ଶିକ୍ଷାବିତ ଲିଙ୍ଗରାଜ ଦାସ ମାଆ ଚ୍ୟାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ନିହାର ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଞ୍ଜୁଷାଙ୍କ ଉତ୍ତମ କାର୍ଯ୍ୟ ଦକ୍ଷତାର ସ୍ତୁତିଚ୍ଚାରଣ କରିବା ସହ ତାଙ୍କର ଅବସର ଜୀବନ ସୁଖ, ଶାନ୍ତି ଏବଂ ନିରୋଗ କାମନା କରିଥିଲେ। ପୁଷ୍ପାଞ୍ଜଳୀ ମହାନ୍ତି ସଭା ପରିଚ୍ଚାଳନା କରିଥିଲେ।

# ବାବା ବୈକୁଣ୍ଠନାଥଙ୍କ ଦିବ୍ୟଧାମ ଗମନ ସ୍ମରଣ ମହୋତ୍ସବ



**ଭୁବନେଶ୍ୱର (ପିପିଏସ୍):** ସନ୍ଥବ୍ରହ୍ମ ବୈକୁଣ୍ଠ ନାଥ ବ୍ରାହ୍ମଚାରୀଙ୍କର ୨୫ ତମ ବ୍ରହ୍ମଲୀନ ଦିବସ ତଥା ଦିବ୍ୟଧାମ ଗମନ ସ୍ମରଣ ମହୋତ୍ସବ ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଜଳୋକା ଆନନ୍ଦ ଧାମ, କେନ୍ଦ୍ରାପଡ଼ାଜିଲ୍ଲା ଗରାପୁର ଗ୍ରାମସ୍ଥିତ ହନୁମାନଜୀଉ ଆଶ୍ରମ ଏବଂ ଭୁବନେଶ୍ୱର ୟୁନିଟ -୯ ସ୍ଥିତ ଏକାମ୍ର ସତ୍ୟସେବା ଆଶ୍ରମଠାରେ ସମ୍ପନ୍ନ ହୋଇଛି। ମହୋତ୍ସବର ଅଧିବାସ ଚଉ ପ୍ରହରି ନାମଯଜ୍ଞରୁ ଆରମ୍ଭ ହୋଇ ଗୁରୁବାର ନଗର କୀର୍ତ୍ତନ ସହ ଉଦଯାପନ ହୋଇଥିଲା। ବାବାଙ୍କ ପ୍ରତିମୂର୍ତ୍ତିର ଅଭିଷେକ, ପୂଜାର୍ଚ୍ଚନା ଆରତି, କୀର୍ତ୍ତନର ସହ କରାଯାଇ ଶେଷରେ ଗୁରୁବନ୍ଦନା ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ବୈକୁଣ୍ଠ ଭଜନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଆରତୀ, କୀର୍ତ୍ତନ, ପ୍ରାର୍ଥନା ଏବଂ ପ୍ରବଚନ କାର୍ଯ୍ୟକ୍ରମ ପରେ ବୈକୁଣ୍ଠ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଓସେଡୋ ଅନୁଷ୍ଠାନ ତରଫରୁ ଦିବ୍ୟଧାମ ଯାତ୍ରାର ସ୍ମରଣ ଉତ୍ସବକୁ ପ୍ରଣିଧାନଯୋଗ୍ୟ କରିବାପାଇଁ ଗୋମାତା ସେବାର ଆୟୋଜନ କରିଥିଲେ।

# ଉଦ୍ୟୋଗୀ ପରିବାରର ମାସିକ ବୈଠକ

**ଭୁବନେଶ୍ୱର (ପିପିଏସ୍):** ଓଡିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟ ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମହିଳା ଉଦ୍ୟୋଗୀ ରାଜଶ୍ରୀ ଦାସ, ଆରକିଟେକ ସୁରଜ କିରଣ ପାତ୍ର, ପୂର୍ବତନ ଶିଳ୍ପ ଉପ ନିର୍ଦ୍ଦେଶକ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ରସେବକ ଓ ସମର୍ପିତବ୍ୟକ୍ତି ସତ୍ତା ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମ୍‌ରେ ଅଗ୍ନିଶମ କର୍ମଚାରୀ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର (ପିପିଏସ୍):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରିକାଳୀନ ମେଡିସିନ୍ ବିଭାଗ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ବେସିକ୍ ଲାଇଫ ସପୋର୍ଟ (ବିଏଲ୍ଏସ୍), କାର୍ଡିଓ ପଲ୍‌ମୋନାରୀ ରିସସିଟେସନ୍ ( ସିପିଆର) ଓ ପେଣ୍ଟ୍ ସେଫ୍ଟି ଟ୍ରେନିଂ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୬୫ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ୮ଟି ଦଳରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଓଡିଶା ସରକାରଙ୍କ ଅଗ୍ନିଶମ ସେବାର ଆଡିସ୍‌ନାଲ ଡିଜି ଡ. ସୁଧାଂଶୁ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ପିଟାଲ୍‌ର ଇନ୍‌ଚାର୍ଜ ଡିନ୍ ତଥା ଇନ୍‌ଏଟି ବିଭାଗର ମୁଖ୍ୟ ପ୍ରଫେସର ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶା ବର୍ଜନ ପାଇଁ ଶପଥ ପାଠ

**ଭୁବନେଶ୍ୱର (ପିପିଏସ୍):** ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଖଣ୍ଡୁଆଳ ବସ୍ତିରେ ସେବା ପ୍ରତିନିଧିର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ଓଡ଼ିଶା ନିଶାମୁକ୍ତ ହେବା ପାଇଁ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ଉତ୍ସବରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ହୃଷୀକେଶ ବେହେରା, ପ୍ରଶାନ୍ତ କୁମାର ମହାନ୍ତି,ତାରା ଚରଣ ଆଚାର୍ଯ୍ୟ, ସୌଦାମିନୀ ସାମଲ, ପତିତପାବନ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନିଶା ନିବାରଣ ପାଇଁ ‘ୱାଦା ସୈନିକ ସମ୍ମାନ’

**ଭୁବନେଶ୍ୱର (ପିପିଏସ୍):** ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ସେବନ ଓ ଅବୈଧ ବ୍ୟବସାୟ ବିରୋଧୀ ଦିବସ ଅବସରରେ ୱାର ଏଗେନଷ୍ଟ ଡ୍ରଗ ଆବ୍ୟୁଜ (ୱାଦା) ଆନୁକୂଲ୍ୟରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ସୁଶାନ୍ତ କୁମାର ନାଥ, ରାଜ୍ୟ ବିଜେପି ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ୱାଦାର ସମ୍ପାଦକ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଦକ ବିରୋଧୀ ଯୁଦ୍ଧରେ ଅସାଧାରଣ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ‘ୱାଦା ସୈନିକ ସମ୍ମାନ’ ପ୍ରଦାନ କରାଯାଇଥିଲା। ଏହାସହ ଅତିଥିଙ୍କ ଦ୍ୱାରା ୱାଦା ଆନ୍ଥେମ, ବ୍ରୋଚର ଓ ଟି ସାର୍ଟ ଉନ୍ମୋଚିତ ହୋଇଥିଲା।

# ସହରତଳି ଅଞ୍ଚଳରେ ବଢୁଛି ଅପରାଧିକ କାର୍ଯ୍ୟକଳାପ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ଏବେ ଚାରିଆଡ଼େ ସିସିଟିଭି କ୍ୟାମେରା। ଅପରାଧୀ ଅପରାଧିକ କାର୍ଯ୍ୟକଳାପ ଘଟାଇବାର କିଛି ସମୟ ମଧ୍ୟରେ ଧରାପଡ଼ିଯାଉଛନ୍ତି। ଅନେକ ମାମଲାରେ ଅପରାଧୀ ଖସିବା ଆଶଙ୍କା କ୍ରମେ ହ୍ରାସ ପାଇବାରେ ଲାଗିଛି। ତେଣୁ ଖୋଦ ରାଜଧାନୀରେ ଅପରାଧ ଘଟାଇବା ବଦଳରେ ସହରତଳି ଅଞ୍ଚଳରେ ଅପରାଧ ସଂଗଠିତ କରାଇବାକୁ ଅଧିକ ସୁଯୋଗ ପାଉଛନ୍ତି। ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଯେଉଁଭଳି ଆନୁସଙ୍ଗିକ ସୁବିଧା ସୁଯୋଗ ମିଳିବା କଥା ତାହା ମିଳୁନାହିଁ। ବିଶେଷ କରି ଉପକଣ୍ଠବର୍ତ୍ତୀ ଅଧିକାଂଶ ଅଞ୍ଚଳର ପଞ୍ଚାୟତ ଅଧୀନରେ ଆସୁଥିବାରୁ ଏଥିପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି। ଫଳରେ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସହରାଞ୍ଚଳର ଲୋକେ ଉପକଣ୍ଠବର୍ତ୍ତୀ ଗ୍ରାମାଞ୍ଚଳ ଯଥା ତମାଣ୍ଡୋ, ବଡ଼ରଘୁନାଥପୁର, ମଦନପୁର, ଜାଗସରା, କାଇମାଟିଆଠାରୁ ଆରମ୍ଭ କରି ଦେଉଳିଆପଟଣା, ମେଣ୍ଢାଶାଳ ଛତାବର ଆଦି ଅଞ୍ଚଳରେ ବସବାସ କରୁଛନ୍ତି। ଗତ ୧୦ ବର୍ଷର ଜନସଂଖ୍ୟାକୁ ତୁଳନା କଲେ ଏହିସବୁ ଅଞ୍ଚଳରେ ଜନସଂଖ୍ୟା ଏବେ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ଏଥିସହିତ ଗୀତାଠାରୁ ଆରମ୍ଭ କରି ଜିଆଇସି, ନିସ୍ ଭଳି ବଡ଼ବଡ଼ ଶିକ୍ଷାନୁଷ୍ଠାନ ଏବଂ ଶତାଧିକ ଆପାର୍ଟମେଣ୍ଟ ମଧ୍ୟ ଗଢ଼ି ଉଠୁଛି। ସହରଠାରୁ ଅନତି ଦୂର ହୋଉଥିବାରୁ ଏସବୁ ଅଞ୍ଚଳରେ ଲୋକେ ବସବାସ କରିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଯେଉଁମାନେ ଏହିସବୁ ଅଞ୍ଚଳରେ ରହୁଛନ୍ତି ସେମାନଙ୍କ ଠିକଣା ନା ପ୍ରଶାସନ ପାଖରେ କିମ୍ବା ପୁଲିସ ପାଖରେ ରହୁନାହିଁ। ଯେଉଁଥିପାଇଁ ବିଭିନ୍ନ ସମୟରେ ଅପରାଧ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କେଉଁ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ଏଠାରେ ଭଡ଼ାଘର ନେଇ ରହି ରାଜଧାନୀ ତଥା ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଅପରାଧ ଭିଆଉଛନ୍ତି। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ କାରବାରଠାରୁ ଆରମ୍ଭ କରି ନିଶାଦ୍ରବ୍ୟ କାରବାରେ ସେମାନଙ୍କ ସମ୍ପୃକ୍ତି ବିଭିନ୍ନ ସମୟରେ ପ୍ରମାଣିତ ହେଉଛି। ଅପରପକ୍ଷେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ରାସ୍ତାଘାଟ ଏବଂ ଆଲୋକୀକରଣକୁ ପ୍ରାଧାନ୍ୟ ଦିଆଯାଉ ନ ଥିବାରୁ ଗମନାଗମନ ଭଳି ସମସ୍ୟା ଏବେ ଅନ୍ୟତମ ବଡ଼ ସମସ୍ୟା ଭାବେ ଦେଖା ଦେଇଛି। ପ୍ରତିଦିନ ଏଭଳି ଅସାମାଜିକ ତତ୍ତ୍ୱ ସାଙ୍ଗକୁ ଆଲୋକୀକରଣ ଏବଂ ରାସ୍ତାଘାଟ ସମସ୍ୟାରେ ସନ୍ତୁଳିତ ହେଉଛନ୍ତି ଉପକଣ୍ଠବାସୀ। ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶାସନିକ ଅବହେଳା ଚିନ୍ତାର କାରଣ ପାଲଟିଛି।

ସଞ୍ଜ ହେଲେ ଗୋହିରା ବଡ଼ରଘୁନାଥପୁରଠାରୁ ଛତାବର ପର୍ଯ୍ୟନ୍ତ ରାସ୍ତା ଭିଡ଼ ପରିଲକ୍ଷିତ ହେଉଛି। ଏଠାରେ ଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ବୃଦ୍ଧି ଯୋଗୁ ଛାତ୍ରଛାତ୍ରୀମାନେ ଭିଡ଼ ଜମାଉଛନ୍ତି। କିନ୍ତୁ ଜନବସତି ବୃଦ୍ଧି ଦୃଷ୍ଟିରୁ ରାସ୍ତା ସମ୍ପ୍ରସାରଣ ହୋଇନାହିଁ। ସେହିଭଳି ଆଲୋକୀକରଣ କରାଯାଇ ନ ଥିବାରୁ ରାସ୍ତାଘାଟରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। କେବେ କେବେ ଅସାମାଜିକ ବ୍ୟକ୍ତିମାନେ ଏହି ସମୟରେ ଗୋଟାଏ ପରେ ଗୋଟାଏ ଅପରାଧ ଭିଆଉଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ବାହାରୁ ଆସି ଏସବୁ ଅଞ୍ଚଳରେ ରହୁଥିବା ଲୋକେ ଅପରାଧ ଭିଆଉଛନ୍ତି। ଛିନ୍‌ତାଇଠାରୁ ଆରମ୍ଭ କରି ଘରୁ ଲୁଟ୍‌ପାଟ କରୁଛନ୍ତି। ସେହିଭଳି ମଦନପୁରଠାରୁ କାଟେଣୀ ଛକ ତଥା ମଳିପଡ଼ା ଦେଇ ଭରତପୁର ଷ୍ଟୁଡିଓ ଛକ ପର୍ଯ୍ୟନ୍ତ ରାସ୍ତା ଅଣଚଉଡ଼ା ହୋଇଥିବାରୁ ଏସବୁ ଅଞ୍ଚଳ ଏବେ ଲୋକଙ୍କ ପାଇଁ ଅନ୍ୟତମ ସମସ୍ୟାର କାରଣ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକଙ୍କ କୌଣସି ରେକର୍ଡ ବା ପରିଚୟ ରହୁ ନ ଥିବାରୁ ରାଜଧାନୀରେ ଅପରାଧ ଘଟାଉଥିବା ଲୋକେ ଉପକଣ୍ଠରେ ଆଶ୍ରୟ ନେଉଛନ୍ତି। ଯାହା ଫଳରେ ସେଠାରେ ହିଁ ଅଧିକ ଅପରାଧିକ କାର୍ଯ୍ୟକଳାପ ସଂଗଠିତ ହେବାରେ ଲାଗିଛି।






# ମାତ୍ର ୧୫ ଟଙ୍କାରେ ୭ ପୁରୀ ଏବଂ ତରକାରୀ: ରେଳବାଇର 'ଜନତା ଖାନା'




ନୂଆଦିଲ୍ଲୀ: ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ (ଆଇଆରସିଟିସି) ଗତ ବର୍ଷ ଭାରତୀୟ ରେଳବାଇ ସହଯୋଗରେ ଏକ ବିଶେଷ ପଦକ୍ଷେପ ଆରମ୍ଭ କରିଥିଲା। ଏହା ଅନ୍ତର୍ଗତ, ରେଳ ଯାତ୍ରୀମାନଙ୍କ ପାଇଁ, ବିଶେଷକରି ସାଧାରଣ କୋଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଷ୍ଟେସନ ଏବଂ ଟ୍ରେନ୍ ଭିତରେ ଶସ୍ତା ଖାଦ୍ୟ ବ୍ୟବସ୍ଥା କରିବାର ଯୋଜନା ଥିଲା। ଏହା ଅନ୍ତର୍ଗତ, 'ଜନତା ଖାନା' ମାତ୍ର ୧୫ ଟଙ୍କାରେ ଆରମ୍ଭ କରାଯାଇଥିଲା। ଏଥିରେ ୭ଟି ପୁରୀ, ତର୍କାରୀ ଏବଂ ଆଚାର ଯାତ୍ରୀଙ୍କୁ ଯୋଗାଇ ଦିଆଯାଉଥିଲା। ଏହା ବ୍ୟତୀତ, ସମାନ ଖାଦ୍ୟ ପ୍ୟାକେଟ ଏବଂ ୩୦୦ ମିଲି ପାଣି ବୋତଲ ଯାତ୍ରୀମାନଙ୍କୁ ୨୦ ଟଙ୍କାରେ ଉପଲବ୍ଧ କରାଯାଇଥିଲା। ଏବେ ଭାରତୀୟ ରେଳବାଇର ୧୫ ଟଙ୍କାର ଜନତା ଖାନାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପର୍ଯ୍ୟନ୍ତ ଆଠ ଲକ୍ଷରୁ ଅଧିକ ଲୋକ ଏହାକୁ ଦେଖିସାରିଛନ୍ତି। ଲୋକମାନେ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ଦେଉଛନ୍ତି। କିଛି ବ୍ୟବହାରକାରୀ ଭାରତୀୟ ରେଳବାଇର ଏହି ପଦକ୍ଷେପକୁ ପ୍ରଶଂସା କରୁଛନ୍ତି, ଯେତେବେଳେ କି କିଛି ଲୋକ ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ରେଳବାଇ ଉପରେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ଏହି ଭାଇରାଲ ଭିଡିଓ ଉପରେ ପ୍ରତିକ୍ରିୟା ଦେଇ ଜଣେ ୟୁଜର ଲେଖିଛନ୍ତି ଯେ, ସତ କହିବାକୁ ଗଲେ, ଏହି ଖାଦ୍ୟ ଏହି ମୂଲ୍ୟରେ ଭଲ ଦେଖାଯାଉଛି, ଦେଶର ସମସ୍ତ ରେଳ ଷ୍ଟେସନରେ ଏପରି ବ୍ୟବସ୍ଥା କରାଯିବା ଉଚିତ୍। ସେହିପରି ଅନ୍ୟ ଜଣେ ୟୁଜର ସୋସିଆଲ ମିଡିଆରେ ଲେଖିଛନ୍ତି, ମାତ୍ର ୧୫ ଟଙ୍କାରେ ପୂର୍ଣ୍ଣ ଭୋଜନ, ଏବେ ସାର୍ବଜନୀନ ସେବା ଏହିପରି ହେବା ଉଚିତ୍। ସାର୍ବଜନୀନ ଖାଦ୍ୟର ଦର କମ୍ ରହିଛି। ତେବେ ଏହାର ଏକ ବଡ଼ ପ୍ରଭାବ ଅଛି, ଏହା ସୁନିଶ୍ଚିତ କରୁଛି ଯେ, କୌଣସି ବ୍ୟକ୍ତି ଆଉ ଭୋକିଲା ରହିବେ ନାହିଁ। ଏଭଳି ଥାଳି ଆଣିଥିବାରୁ ରେଳବାଇକୁ ଅଭିନନ୍ଦନ। ସେହିପରି ଅନ୍ୟ ଜଣେ ୟୁଜର ଲେଖିଛନ୍ତି ଯେ ଏହା ବହୁତ ଭଲ। ମୁଁ ପୂର୍ବରୁ ସାର୍ବଜନୀନ ଖାଦ୍ୟ ଖାଇଛି, ଏହା ସ୍ୱାଦିଷ୍ଟ ଏବଂ ପେଟପୂରା ହୋଇଥାଏ। ଏହି ସୁବିଧା ସମସ୍ତ ରେଳ ରୁଟ୍‌ରେ ଉପଲବ୍ଧ ହେବା ଉଚିତ୍।

# ବିଜେପି ମୁଖ୍ୟାଳୟରେ ରହିବେ ରାଷ୍ଟ୍ରମନ୍ତ୍ରୀ



ନୂଆଦିଲ୍ଲୀ : ଦଳୀୟ ସଙ୍ଗଠନ ଓ ସରକାର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ବିଜେପି ମୁଖ୍ୟାଳୟରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରମନ୍ତ୍ରୀମାନେ ଅବସ୍ଥାନ କରିବେ । ସପ୍ତାହରେ ୬ ଦିନ ସୋମବାରରୁ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେମାନେ ଉପଲବ୍ଧ ରହିବେ । ସେମାନେ ଦଳୀୟ ନେତା ଓ କର୍ମୀଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ତାର ସମାଧାନ କରିବେ । କେଉଁ ମନ୍ତ୍ରୀମାନେ କେଉଁ ଦିନ ମୁଖ୍ୟାଳୟରେ ଅବସ୍ଥାନ କରିବେ ସେଥିପାଇଁ ରୋଷ୍ଟର ପ୍ରସ୍ତୁତ କରାଯିବ । ସେହି ରୋଷ୍ଟର ଅନୁସାରେ ସେମାନେ କାର୍ଯ୍ୟ କରିବେ । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ରାଜ୍ୟରୁ ଦଳୀୟ ନେତା ଓ କର୍ମୀମାନେ ଦିଲ୍ଲୀ ଆସିବା ସହ ମୁଖ୍ୟାଳୟରେ ମନ୍ତ୍ରୀମାନଙ୍କୁ ଭେଟିବାକୁ ଚାହିଁଥାନ୍ତି । ସେମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଓ ଦଳୀୟ ସଙ୍ଗଠନ ସମ୍ପର୍କରେ କଥା ହେବାକୁ ଆଶା କରିଥାନ୍ତି । କିନ୍ତୁ ଅନେକ ସମୟରେ ମନ୍ତ୍ରୀମାନଙ୍କୁ ନ ପାଇ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ନୂତନ ବ୍ୟବସ୍ଥା କରାଯାଇଛି । ସରକାରଙ୍କ ନିଷ୍ପତ୍ତି ଫଳରେ ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ପ୍ରଥମତଃ ଦଳୀୟ ନେତା ଓ କର୍ମୀମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ହେବ । ଦ୍ୱିତୀୟତଃ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସେମାନେ ଅବଗତ ହେବେ । ଯାହାଫଳରେ ସେମାନେ ଏହି ଯୋଜନା ସମ୍ପର୍କରେ ନିଜ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ଅବଗତ କରିବେ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଏବଂ ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ହେବାକୁ ଥିବା କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି । ରୋଷ୍ଟର ଅନୁସାରେ ଆଜି ଅର୍ଥାତ ୨୮ ତାରିଖ ଦିନ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ବିଜେପି ମୁଖ୍ୟାଳୟରେ ରହିଥିଲେ । ଆସନ୍ତା ୩୦ ତାରିଖରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ, ଜୁଲାଇ ୧ରେ ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା, ଜୁଲାଇ ୨ରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ, ଜୁଲାଇ ୩ରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗାନ ଏବଂ ଜୁଲାଇ ୪ରେ ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣପାଲ ଗୁର୍ଜର ବିଜେପି ମୁଖ୍ୟାଳୟରେ ରହି ଦଳୀୟ ନେତା ଓ କର୍ମୀଙ୍କ ଅଭିଯୋଗ ଶୁଣିବେ ।

# ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଆସନ୍ତା ଜୁଲାଇ ୬-୭ରେ ବ୍ରାଜିଲର ରିଓ ଡି ଜେନେରୋ ଠାରେ ହେବାକୁ ଥିବା ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ତେବେ ଏହି ବୈଠକରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବେ ନାହିଁ ବୋଲି ସୂଚନା ମିଳିଛି । ସେମାନଙ୍କ ସ୍ଥାନରେ ଚୀନ୍ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଓ ରୁଷ ବିଦେଶ ମନ୍ତ୍ରୀ ସର୍ଗେ ଲାଭରୋଭ ଏହି ବୈଠକରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ଜୁଲାଇ ୨ରୁ ୫ ରାଷ୍ଟ୍ର ଗସ୍ତରେ ଯିବେ । ପ୍ରଥମେ ସେ ଜୁଲାଇ ୨-୩ରେ ଘାନା ଗସ୍ତରେ ରହିବେ । ଦୀର୍ଘ ୩୦ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ପ୍ରଥମ ଘାନା ଗସ୍ତ । ଏହା ପରେ ଜୁଲାଇ ୩-୪ରେ ତ୍ରିନିଦାଦ ଓ ଟବାଗୋ ଗସ୍ତ କରିବେ । ୧୯୯୯ ପରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ । ଗସ୍ତର ତୃତୀୟ ପର୍ଯ୍ୟାୟରେ ଜୁଲାଇ ୪-୫ରେ ମୋଦି ଆର୍ଜେଣ୍ଟିନା ଯିବେ । ସେଠାକାର ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ସହ ସେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହା ପରେ ମୋଦି ୫-୮ ତାରିଖ ପର୍ଯ୍ୟନ୍ତ ବ୍ରାଜିଲ ଗସ୍ତରେ ଯିବେ । ସେଠାରେ ବ୍ରିକ୍ସ ସମ୍ମିଳନୀରେ ସାମିଲ ହେବେ । ଏହା ହେବ ମୋଦିଙ୍କ ଚତୁର୍ଥ ବ୍ରାଜିଲ ଗସ୍ତ । ବ୍ରିକ୍ସ ସମ୍ମିଳନୀରେ ସେ ବୈଶ୍ୱିକ ଶାସନରେ ସଂସ୍କାର, ଶାନ୍ତି ଓ ନିରାପତ୍ତା, ବହୁପକ୍ଷବାଦର ସୁଦୃଢ଼ୀକରଣ, ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ, ସ୍ୱାସ୍ଥ୍ୟ ଓ ଆର୍ଥିକ ସହଯୋଗ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ରଖିବେ । ଜୁଲାଇ ୯ରେ ଗସ୍ତର ଶେଷ ପର୍ଯ୍ୟାୟରେ ମୋଦି ନାମ୍ବିଆ ଯିବେ ।

# ପ୍ରଥମଥର ମୋବାଇଲ ଆପ୍‌ରେ ଭୋଟିଂ

ପାଟନା : ଦେଶରେ ପ୍ରଥମ ଥର ପାଇଁ ମୋବାଇଲ ଆପ୍‌ରେ ମତଦାନ ହୋଇଛି । ଶନିବାର ବିହାରର ୨୬ ଜିଲ୍ଲାର ୪୨ ନଗରପାଳିକାରେ ଉପନିର୍ବାଚନ ହୋଇଥିଲା । ଏଥିରେ ମତଦାତାଙ୍କୁ ମୋବାଇଲ୍ ଆପ୍ ଦ୍ୱାରା ଭୋଟ ଦେବାକୁ ସୁଯୋଗ ମିଳିଥିଲା । ଭୋଟ କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚିବାକୁ ଅସମର୍ଥ ଥିବା ଲୋକମାନେ କିଭଳି ସହଜରେ ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ଏହି ପ୍ରକଳ୍ପ ଆରମ୍ଭ ହୋଇଛି । ଭୋଟିଂ ଲାଗି ଦୁଇଟି ଆପ୍ ଶୁଭାରମ୍ଭ କରାଯାଇଛି । ଏହି ସୁବିଧାର ଲାଭ ଉଠାଇବାକୁ ଚାହିଁଥିବା ଲୋକମାନେ ପଞ୍ଜୀକରଣ କରାଇଥିଲେ । ନିର୍ବାଚନ କମିଶନଙ୍କ ମୁତାବକ, ଇ-ଭୋଟିଂ ପାଇଁ ୫୦ ହଜାରରୁ ଅଧିକ ଲୋକ ପଞ୍ଜୀକରଣ କରାଇଥିଲେ । ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଇ-ଭୋଟିଂ ଚାଲିଥିଲା । ଦୁବାଇ, କତାର ଭଳି ଦେଶରେ ରହୁଥିବା ପ୍ରବାସୀ ବିହାରୀମାନେ ମଧ୍ୟ ଆପ୍ ଜରିଆରେ ଭୋଟ୍ ଦେଇଛନ୍ତି । ମୋତିହାରୀର ବିଭା ଆପ୍ ଦ୍ୱାରା ପ୍ରଥମେ ଭୋଟ୍ ଦେଇଥିଲେ । ଏହାଦ୍ୱାରା ସେ ଦେଶର ପ୍ରଥମ ଇ-ଭୋଟର ବିବେଚିତ ହୋଇଛନ୍ତି । ସୂଚନାଯୋଗ୍ୟ, ବିହାରର ୨୬ ଜିଲ୍ଲାରେ ୪୨ ନଗରପାଳିକାରେ ୬୨.୪୧% ମତଦାନ ହୋଇଛି । ଏଥିରୁ ୬ଟି ନଗରପାଳିକାରେ ପାଇଲଟ୍ ପ୍ରକଳ୍ପ ଭାବେ ଇ-ଭୋଟିଂ ହୋଇଥିଲା । ଏହି ଇ-ଭୋଟିଂ ବ୍ୟବସ୍ଥାକୁ ସି-ଡିଏସି ଓ ବିହାର ରାଜ୍ୟ ନିର୍ବାଚନ କମିଶନ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି । ପ୍ରଥମ ଆପ୍ 'ଇ-ଭୋଟିଂ ଏସ୍ଇସିବିଏଚ୍ଆର'କୁ ସି-ଡିଏସି ବନାଇଛି । ଅନ୍ୟ ଆପ୍କୁ ବିହାର ନିର୍ବାଚନ କମିଶନ ଦ୍ୱାରା ପ୍ରସ୍ତୁତ କରାଯାଇଛି । ପ୍ରବାସୀ ଶ୍ରମିକ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଗୁରୁତର ଭାବେ ରୋଗଗ୍ରସ୍ତ ଲୋକମାନେ ଏଥିରେ ଭୋଟ ଦେଇପାରିବେ ।

# ୟୁକ୍ରେନ୍ ଉପରେ ରୁଷର ଏୟାରଷ୍ଟ୍ରାଇକ୍ : ଫାଇଟର ଜେଟ୍ ଏଫ୍-୧୬ ଧ୍ୱଂସ

କିଭ୍/ମସ୍କୋ: ଶନିବାର ଏବଂ ରବିବାର ରାତିରେ ରୁଷ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଛି। ରୁଷର ଏହି ଆକ୍ରମଣ ପରେ, ତିନି ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧ ଆହୁରି ଭୟଙ୍କର ହୋଇଛି । ସେପଟେ ଯୁଦ୍ଧ ସମାପ୍ତ କରିବାର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଆକ୍ରମଣ ଅଭୂତପୂର୍ବ ସ୍ତରରେ କରାଯାଇଥିଲା। ଏହା ଯୋଗୁଁ ୟୁକ୍ରେନର ବଡ଼ କ୍ଷତି ହେବାର ସମ୍ଭାବନା ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କିନ୍ତୁ ମୃତାହତଙ୍କ ସଂଖ୍ୟା ବଢିବାର ଆଶଙ୍କା ରହିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଏହି ଆକ୍ରମଣ ସମୟରେ ରୁଷ କିଭ ଉପରେ ମୋଟ ୪୭୭ ଡ୍ରୋନ୍ ଏବଂ ୬୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତଥାପି, ୟୁକ୍ରେନୀୟ ସେନା ଏହି ଡ୍ରୋନ୍ ମଧ୍ୟରୁ ୨୪୯ଟିକୁ ଖସାଇ ଦେଇଥିବା ଦାବି କରିଛି। ଯେତେବେଳେ ୨୨୬ଟି ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଇଲେକ୍ଟ୍ରୋନିକ୍ ସିଷ୍ଟମ ଦ୍ୱାରା ଜାମ୍ କରାଯାଇଥିବା କୁହାଯାଉଛି। ବାୟୁସେନାର ମୁଖପାତ୍ର ୟୁରି ଇହନାଟ୍ ଆସୋସିଏଟେଡ୍ ପ୍ରେସକୁ କହିଛନ୍ତି ଯେ ଏହି ଆକ୍ରମଣ ୟୁକ୍ରେନ୍ ଉପରେ ଏପର୍ଯ୍ୟନ୍ତ 'ସବୁଠାରୁ ବଡ଼ ବାୟୁ ଆକ୍ରମଣ' ଥିଲା, ଯେଉଁଥିରେ ଅନେକ ପ୍ରକାରର କ୍ଷେପଣାସ୍ତ୍ର ଏବଂ ସହିଦ ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା।

# ପିଓକେରେ ପୁଣି ଆତଙ୍କୀ କ୍ୟାମ୍ପ୍ କରୁଛି ପାକ୍

ନୂଆଦିଲ୍ଲୀ : ପହଲଗାମ୍ ଆତଙ୍କୀ ଆକ୍ରମଣର ଜବାବରେ ଗତ ମେ ମାସରେ 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସେନା ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ କ୍ୟାମ୍ପ ଧ୍ୱଂସ କରିଥିଲା । ଏବେ ପାକିସ୍ତାନ ସେହି କ୍ୟାମ୍ପଗୁଡ଼ିକୁ ପୁଣି ପ୍ରତିଷ୍ଠା କରିବାକୁ ଜୋର୍ସୋରରେ ଉଦ୍ୟମ କରୁଛି । ଦେଶର ସେନା, ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇ ଓ ସରକାର ଏଥିଲାଗି ମୋଟାଅଙ୍କର ପାଣ୍ଠି ଓ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଉଛନ୍ତି । ବିଶେଷକରି ପିଓକେ ଓ ତାର ଆଖପାଖ ଅଞ୍ଚଳରେ ଏହି ଆତଙ୍କୀ କ୍ୟାମ୍ପ ପ୍ରତିଷ୍ଠା ଲାଗି ସକ୍ରିୟ ଭାବେ କାର୍ଯ୍ୟ ଚାଲିଛି । ମେ ୭ରେ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କୀ ଆଡ୍ଡା ଉପରେ ପ୍ରିସିସନ୍ (ଠିକ୍) ଆକ୍ରମଣ କରିଥିଲା ଭାରତୀୟ ସେନା । ସେହି ସମୟରେ ୩ଟି ପ୍ରମୁଖ ଆତଙ୍କୀ ସଂଗଠନ ଜୈସ୍ ଇ-ମହମ୍ମଦ, ଲସ୍କର-ଇ-ତାଇବା ଓ ହିଜବୁଲ୍ ମୁଜାହିଦ୍ଦିନ୍‌ର ଆତଙ୍କୀ ଭିତ୍ତିଭୂମିକୁ ଟାର୍ଗେଟ୍ କରାଯାଇଥିଲା । ଏପରିକି ଭାରତୀୟ ସେନାର ଆକ୍ରମଣରେ ବହାବଲପୁରସ୍ଥିତ ଜୈସ୍‌ର ମୁଖ୍ୟାଳୟ ନଷ୍ଟ ହୋଇଥିଲା । ଏହାପରେ ପାକିସ୍ତାନ ଏବେ ସେହି ସବୁ ଆତଙ୍କୀ କ୍ୟାମ୍ପର ପୁନଃ ନିର୍ମାଣ ଲାଗି ଉଦ୍ୟମ କରୁଛି । ଭାରତୀୟ ଗୁଇନ୍ଦା ଏଜେନ୍ସି ଅନୁସାରେ, ଏହି ଆତଙ୍କୀ କ୍ୟାମ୍ପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିରେ ନିର୍ମାଣ ହେଉଛି । ପାକିସ୍ତାନର ଆତଙ୍କୀ ସଂଗଠନଗୁଡିକ ଆଇଏସ୍ଆଇ ସହିତ ମିଶି ନିୟନ୍ତ୍ରଣରେଖା(ଏଲଓସି) ନିକଟରେ ଘଞ୍ଚ ଜଙ୍ଗଲରେ ଛୋଟ ଛୋଟ ହାଇଟେକ୍ କ୍ୟାମ୍ପ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛନ୍ତି । ସର୍ଭିଲାନ୍ସ ଏବଂ ଏୟାରଷ୍ଟ୍ରାଇକ୍କୁ ଏଡ଼ାଇବା ଏହି ପଦକ୍ଷେପ ପଛର ଉଦ୍ଦେଶ୍ୟ । ଲୁନି, ପୁଟୱାଲ, ତାଇପୁ ପୋଷ୍ଟ, ଜମିଲା ପୋଷ୍ଟ, ଉମ୍ରାନୱାଲି, ଚପରାର, ଫରୱାଦ କହୁଟା, ଛୋଟା ଚକ୍ ଓ ଜଙ୍ଗଲୋରା ଅଞ୍ଚଳରେ ଏଭଳି କ୍ୟାମ୍ପ ନିର୍ମାଣ ଚାଲିଛି । ସେହି କ୍ୟାମ୍ପଗୁଡ଼ିକୁ ଥର୍ମାଲ ଇମେଜର, ରାଡାର, ସାଟେଲାଇଟ୍ ସର୍ଭିଲାନ୍ସର ମୁକାବିଲା ଲାଗି ଉନ୍ନତ ପ୍ରଯୁକ୍ତିରେ ସଜ୍ଜିତ କରାଯାଇଥିବା ସୂଚନା ମିଳିଛି । ସେହିପରି ପାକିସ୍ତାନୀ ସେନା ଓ ଆଇଏସ୍ଆଇ ପିଓକେରେ ୧୩ଟି ଲଞ୍ଚ ପ୍ୟାଡ୍କୁ ପୁନଃ ବିକଶିତ କରୁଛି । ସେଗୁଡ଼ିକ କେଲ୍, ଶାରଡି, ଦୁଧନିୟାଲ, ଜୁରା, ଲିପା ଭ୍ୟାଲି, ପଚିବନ୍ ଚମନ୍, ଟାଣ୍ଡପାନି, ନୈୟାଲି, ଜାନକୋଟ୍, ଚାକୋଟି, ନିକୈଲ ଓ ଫରୱାଡ୍ କହୁଟା ଅଞ୍ଚଳରେ ରହିଛି । ଏସବୁ ବ୍ୟତୀତ 'ଅପରେସନ୍ ସିନ୍ଦୂର'ରେ ଅନ୍ତର୍ଜାତୀୟ ସୀମା ନିକଟରେ ଧ୍ୱଂସ କରାଯାଇଥିବା ୪ଟି ଆତଙ୍କୀ ଲଞ୍ଚ ପ୍ୟାଡ୍କୁ ବି ପୁନଃ କାର୍ଯ୍ୟକ୍ଷମ କରୁଛି ପାକିସ୍ତାନ । ଏଥିରେ ନିୟମିତ ପାକିସ୍ତାନୀ ରେଞ୍ଜରଙ୍କ ପୋଷ୍ଟ ବି ରହିଛି । ଅନ୍ୟପଟେ ଜମ୍ମୁ ସେକ୍ଟରରେ ଅନ୍ତର୍ଜାତୀୟ ସୀମା ନିକଟରେ ଆଇଏସ୍ଆଇ ୪ଟି ଲଞ୍ଚପ୍ୟାଡ୍ ପୁନଃ ବିକଶିତ କରୁଛି । ସେଗୁଡ଼ିକ ହେଲା ମସରୁର ବଡା ଭାଇ, ଚପରାର, ଲୁନି ଓ ଶଙ୍କରଗଡ଼ରେ ଏକ ଡ୍ରୋନ୍ କେନ୍ଦ୍ର ।

# ଯୁଦ୍ଧବିରତି ଲାଗି ନେତାନ୍ୟାହୁଙ୍କ ଉପରେ ଚାପ ପକାଇଲେ ଟ୍ରମ୍ପ୍




ନୂଆଦିଲ୍ଲୀ: ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧବିରତି କରାଇବା ପରେ ଏବେ ଆଉ ଏକ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇସ୍ରାଏଲ ଏବଂ ହମାସକୁ ଯୁଦ୍ଧ ବନ୍ଦ କରି ଏକ ନୂଆ ଚୁକ୍ତିନାମା ଉପରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଅବଶିଷ୍ଟ ବନ୍ଧକଙ୍କୁ ଫେରାଇ ଆଣି ଯୁଦ୍ଧବିରତି କରିବାକୁ ସେ ଇସ୍ରାଏଲକୁ ଅପିଲ କରିଛନ୍ତି । ଟ୍ରୁଥ ସୋଶାଲରେ ଟ୍ରମ୍ପଙ୍କ ପୋଷ୍ଟ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ଉପରେ ଟ୍ରମ୍ପ ଚାପ ପକାଉଛନ୍ତି ବୋଲି କୁହାଯାଉଛି । ତେବେ ଏହି ଯୁଦ୍ଧବିରତି ଗୋଟିଏ ସପ୍ତାହ ମଧ୍ୟରେ ହେବ ବୋଲି ମଧ୍ୟ ଟ୍ରମ୍ପ ଭବିଷ୍ୟବାଣୀ କରିଛନ୍ତି । ଏହା ପୂର୍ବରୁ ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାକୁ ସମାଲୋଚନା କରିଛନ୍ତି । ଏହି ମାମଲା ଉଭୟ ଗାଜା ଏବଂ ଇରାନ୍ ସହ ଶାନ୍ତି ବୁଝାମଣା ଦିଗରେ ବାଧା ସୃଷ୍ଟି କରିବ ବୋଲି ସେ ଦାବି କରିଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ଅନୁସାରେ, ନେତାନ୍ୟାହୁଙ୍କ ସହିତ ଯାହା ଘଟୁଛି ତାହା ଭୟଙ୍କର। ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ 'ଯୁଦ୍ଧ ନାୟକ' ବୋଲି କହିଛନ୍ତି । ସେ ଇରାନର ପରମାଣୁ ବିପଦରୁ ମୁକ୍ତି ପାଇବାରେ ଆମେରିକା ସହିତ ଭଲ କାମ କରିଛନ୍ତି ବୋଲି କହିଛନ୍ତି ଟ୍ରମ୍ପ । ନେତାନ୍ୟାହୁଙ୍କ ବିରୋଧରେ ଚାଲିଥିବା ମାମଲାକୁ ରାଜନୈତିକ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ନ୍ୟାୟର ଏହି ଉପହାସ ଇରାନ ଏବଂ ହମାସ ଉଭୟଙ୍କ ମଧ୍ୟରେ ଆଲୋଚନାକୁ ବାଧା ଦେବ । କିଛି ଦିନ ପୂର୍ବରୁ ଟ୍ରମ୍ପ ଗାଜାରେ ଯୁଦ୍ଧବିରତି ପାଇଁ ଦାବି କରିଥିଲେ। ଟ୍ରମ୍ପ କହିଥିଲେ ଯେ, ସେ ଯୁଦ୍ଧବିରତି ଏବଂ ବନ୍ଧକଙ୍କ ମୁକ୍ତି ପାଇଁ ଏହି ଚୁକ୍ତିକୁ ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ସହିତ କଥା ହୋଇଛନ୍ତି । ୭ ଅକ୍ଟୋବର ୨୦୨୩ ରେ, ହମାସ ହଠାତ୍ ଇସ୍ରାଏଲର ନୋଭା ଫେଷ୍ଟିଭାଲରେ ଆକ୍ରମଣ କରିଥିଲା । ଯେଉଁଥିରେ ପ୍ରାୟ ୧୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ସହିତ, ୨୫୧ ଜଣଙ୍କୁ ବନ୍ଧକ କରି ନେଇଥିଲା ହମାସ । ଏହା ପରେ ଇସ୍ରାଏଲ ପ୍ରତିଜବାବ ଦେଇଥିଲା । ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ବି ଜାରି ରହିଛି । ଏହି ସମୟ ମଧ୍ୟରେ ଅନେକ ବନ୍ଧକଙ୍କୁ ହମାସ ଫେରାଇଛି । କେହି କେହି ଜୀବିତ ତ ଆଉ କେହି ମୃତ ଅବସ୍ଥାରେ ସ୍ୱଦେଶ ଫେରିଛନ୍ତି । ଏବେ ବି ଅନେକ ଇସ୍ରାଏଲ ନାଗରିକ ହମାସ କବଜାରେ ଅଛନ୍ତି ।

# ପୁଣି ଏୟାର ଇଣ୍ଡିଆରେ ବଡ଼ ଦୁର୍ଘଟଣା !

ମୁମ୍ବାଇ : କ୍ୟାବିନରେ ପୋଡ଼ା ଗନ୍ଧ ଆସିବାରୁ ଚେନ୍ନାଇ ଯାଉଥିବା ଏକ ଏୟାର ଇଣ୍ଡିଆର ବିମାନକୁ ମୁମ୍ବାଇ ଫେରିବାକୁ ପଡିଛି। ଏୟାର ଇଣ୍ଡିଆ ତା'ର ବିବୃତ୍ତିରେ କହିଛି ଯେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଛି। ଚିନ୍ତା କରିବାର କିଛି ନାହିଁ। ଏୟାରଲାଇନ୍ସ ତା'ର ବିବୃତ୍ତିରେ କହିଛି ଯେ 'କ୍ୟାବିନରେ ପୋଡ଼ା ଗନ୍ଧ ଆସିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମୁମ୍ବାଇରୁ ଚେନ୍ନାଇ ଯାଉଥିବା ଏୟାର ଇଣ୍ଡିଆର ବିମାନ ନମ୍ବର ଇଓ ୬୩୯ ଫେରିବାକୁ ପଡିଲା।'ମୁମ୍ବାଇ ବିମାନବନ୍ଦରରେ ଏୟାର ଇଣ୍ଡିଆର କର୍ମଚାରୀମାନେ ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ। ଯାତ୍ରୀମାନଙ୍କୁ ଖାଦ୍ୟ, ସୂଚନା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସହାୟତା ଦିଆଯାଇଥିଲା ଯାହା ଦ୍ୱାରା ସେମାନେ ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୋଇପାରିବେ। ଏହି ଅପ୍ରତ୍ୟାଶିତ ଘଟଣା ପାଇଁ ବିମାନ କମ୍ପାନୀ ଯାତ୍ରୀମାନଙ୍କୁ କ୍ଷମା ମଧ୍ୟ ମାଗିଛି। ଏହି ଘଟଣାଟି ଛୋଟ ମନେହୁଏ, କିନ୍ତୁ ବିମାନ କମ୍ପାନୀ ସୁରକ୍ଷା ସମ୍ପର୍କରେ କୌଣସି ବିପଦ ନେବାକୁ ଚାହୁଁନାହିଁ। ସେଥିପାଇଁ ଏୟାର ଇଣ୍ଡିଆ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଜର ଦାୟିତ୍ୱ ପୂରଣ କରିଛି।

# ବାଘୁଣୀ, ୪ ଶାବକଙ୍କ ମୃତ୍ୟୁ ଘଟଣାରେ ୩ ଗିରଫ



ବେଙ୍ଗାଲୁରୁ: କର୍ଣ୍ଣାଟକର ଛାମରାଜାନଗର ଜିଲା ଅନ୍ତର୍ଗତ ଏକ ଅଭୟାରଣ୍ୟରେ ବିଷାକ୍ତ ଗାଇ ମାଂସ ଭକ୍ଷଣ କରି ବାଘୁଣୀ ଓ ଏହାର ୪ ଶାବକଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ବନ ବିଭାଗ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୃତ ଗାଇର ମାଲିକ ସାମିଲ ଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ବାଘୁଣୀ ନିକଟସ୍ଥ ଗ୍ରାମରେ ପ୍ରବେଶ କରି ମାଡୁରାଜୁ ନାମକ ବ୍ୟକ୍ତିଙ୍କ ଗୁହାଳରୁ ଗୋଟିଏ ଗାଇକୁ ମାରିବା ସହ ତାକୁ ଜଙ୍ଗଲକୁ ଘୋଷାଡି ଆଣିଥିଲା। ବାଘୁଣୀ ଓ ଏହାର ଶାବକମାନେ କିଛି ମାଂସ ଭକ୍ଷଣ କରିଥିବାବେଳେ ଅବଶିଷ୍ଟ ମୃତଦେହକୁ ଲୁଚାଇ ରଖିଥିଲେ। ମାଡୁରାଜୁ ଗାଇକୁ ଖୋଜିବାକୁ ଅଭୟାରଣ୍ୟ ଯାଇଥିଲେ। ସେଠାରେ ଗାଇର କ୍ଷତାକ୍ତ ମୃତଦେହ ଦେଖିବା ପରେ ସେ ପ୍ରତିଶୋଧ ପରାୟଣ ହୋଇପଡିଥିଲେ। ଗାଇର ଅବଶିଷ୍ଟ ମୃତଦେହରେ ସେ ବିଷ ଛିଞ୍ଚିଥିଲେ। ପରବର୍ତ୍ତୀ ସମୟରେ ବାଘୁଣୀ ଓ ଶାବକଗୁଡିକ ଏହା ଖାଇବାପରେ ପ୍ରାଣ ହରାଇଥିବା ଜଣାପଡିଥିଲା। ଗାଇର ମୃତଦେହ ବ୍ୟବଚ୍ଛେଦ କରାଯିବାପରେ ଏଭଳି ବିଷ ମିଶାଯାଇଥିବାର ପ୍ରମାଣ ମିଳିଛି। ମାଡୁରାଜୁଙ୍କ ଏଭଳି ଅମାନବୀୟ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଥିବା ତାଙ୍କ ପିତା ଥାନାରେ ଏତଲା ଦାଏର କରିଥିଲେ। ସରକାର ଦେଶରେ ବାଘ ବଂଶ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବାଘଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ମମତାଙ୍କ ପାର୍ଟିରେ ତେଜିଲା ଅନ୍ତଃକନ୍ଦଳ



କୋଲକାତା : କୋଲକାତାର ଏକ ଆଇନ କଲେଜରେ ଜଣେ ଛାତ୍ରୀଙ୍କ ଉପରେ ହୋଇଥିବା ଗଣବଳାତ୍କାର ମାମଲାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମସି)ର ଦୁଇ ଏମପି କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ରାଙ୍କ ମଧ୍ୟରେ ପୁଣି ଥରେ ତୀବ୍ର ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ମାତ୍ର ତିନି ମାସ ପୂର୍ବେ ଏହି ଦୁଇ ନେତାଙ୍କ ମଧ୍ୟରେ ଜନସାଧାରଣଙ୍କ ସାମ୍ନାରେ ବିବାଦ ଦେଖାଦେଇଥିଲା, ଏବଂ ଏବେ କଲ୍ୟାଣ ବାନାର୍ଜୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଉଭୟେ ପରସ୍ପର ବିରୁଦ୍ଧରେ ଆକ୍ରମଣାତ୍ମକ ହୋଇଛନ୍ତି ।କଲ୍ୟାଣ ବାନାର୍ଜୀ ଏଥର ମହୁଆ ମୋଇତ୍ରାଙ୍କ ବ୍ୟକ୍ତିଗତ ଜୀବନକୁ ଟାର୍ଗେଟ କରି ତାଙ୍କ ବିବାହକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମହୁଆ ମୋଇତ୍ରା ଓଡ଼ିଶାର ପୂର୍ବତନ ବିଜେଡି ଏମପି ପିନାକୀ ମିଶ୍ରଙ୍କୁ ବିବାହ କରିଥିବା ପ୍ରସଙ୍ଗ ଉଠାଇ ବାନାର୍ଜୀ କହିଛନ୍ତି, "ମହୁଆ ହନିମୁନ ସାରି ଭାରତକୁ ଫେରିଛନ୍ତି ଏବଂ ମୋ ସହ ଝଗଡ଼ା ଆରମ୍ଭ କରିଛନ୍ତି ! ସେ ମୋତେ ନାରୀ ବିରୋଧୀ କହୁଛନ୍ତି, ସେ ନିଜେ କ'ଣ ? ସେ ୪୦ ବର୍ଷର ବିବାହିତ ଜୀବନକୁ ଭାଙ୍ଗି ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। ସେ କ'ଣ ସେହି ମହିଳାଙ୍କୁ (ପୂର୍ବତନ ପତ୍ନୀଙ୍କୁ) ଆଘାତ ଦେଇ ନାହାନ୍ତି ?"

ସେ ଆହୁରି କହିଛନ୍ତି, "ଏମପିରୁ ନୈତିକତା ଉଲ୍ଲଂଘନ ଅଭିଯୋଗରେ ବହିଷ୍କୃତ ହୋଇଥିବା ଜଣେ ଏମପି ମୋତେ ନୈତିକତା ଶିଖାଉଛନ୍ତି ! ସେ ନିଜେ ସବୁଠୁ ନାରୀ ବିରୋଧୀ। ସେ କେବଳ ନିଜର ଭବିଷ୍ୟତ ସୁରକ୍ଷିତ କରିବା ଏବଂ ଅର୍ଥ ରୋଜଗାର କରିବା ଜାଣନ୍ତି।"ଏହି ଆକ୍ରମଣ ମହୁଆ ମୋଇତ୍ରାଙ୍କ ଏକ ବୟାନର ପ୍ରତିକ୍ରିୟା ସ୍ୱରୂପ, ଯେଉଁଥିରେ ସେ ତୃଣମୂଳ କଂଗ୍ରେସକୁ ନିଜ ଦଳର ନେତାଙ୍କ ଅସଂଯତ ମନ୍ତବ୍ୟକୁ ନିନ୍ଦା ନକରିବା ପାଇଁ ପରୋକ୍ଷ ଭାବେ ଟାର୍ଗେଟ କରିଥିଲେ। ମୋଇତ୍ରା ଦଳର ଏକ ପୋଷ୍ଟକୁ ଏକ୍ସରେ ସେୟାର କରି ଲେଖିଥିଲେ, "ଭାରତରେ ନାରୀବାଦୀ ମନୋଭାବ ସମସ୍ତ ଦଳରେ ଦେଖାଯାଏ। ତୃଣମୂଳ କଂଗ୍ରେସକୁ ଯାହା ଅଲଗା କରେ ତାହା ହେଉଛି ଆମେ ଏହି ଘୃଣ୍ୟ ମନ୍ତବ୍ୟଗୁଡ଼ିକୁ ନିନ୍ଦା କରୁଛୁ, ଏହା ଯିଏ କହୁଥାଉ ନା କାହିଁକି।"କଲ୍ୟାଣ ବାନାର୍ଜୀଙ୍କ ଏକ ବିବାଦୀୟ ମନ୍ତବ୍ୟରେ ସେ ପୀଡିତାଙ୍କୁ ଦୋଷାରୋପ କରିଥିବା ଅଭିଯୋଗ ହୋଇଛି। ସେ କହିଛନ୍ତି, "ଯେଉଁମାନେ ଏପରି ଲୋକଙ୍କ ସହ ଘୁରୁଛନ୍ତି, ସେମାନେ ବୁଝିବା ଉଚିତ ଯେ ସେମାନେ କାହା ସହ ଯାଉଛନ୍ତି।" ଏହି ମନ୍ତବ୍ୟକୁ ଦୁଷ୍କର୍ମ ପୀଡିତାଙ୍କୁ ଅପମାନ କରୁଥିବା ଭାବେ ଦେଖାଯାଇଛି। ତୃଣମୂଳ କଂଗ୍ରେସ ଏହି ମନ୍ତବ୍ୟରୁ ନିଜକୁ ଦୂରେଇ ରଖି କହିଛି ଯେ ଏହା ବାନାର୍ଜୀଙ୍କ ବ୍ୟକ୍ତିଗତ ମତ ଏବଂ ଏହା ଦଳର ଆଦର୍ଶକୁ ପ୍ରତିଫଳିତ କରେ ନାହିଁ।

cmyk cmyk cmyk

### ଜଗତସିଂହପୁର ଜିଲ୍ଲା ଟ୍ରକ୍‌ମାଲିକ୍ ସଂଘରେ ବଢୁଛି ବିବାଦ

# ସାଧାରଣ ସଭାକୁ ବିରୋଧ କରି ନ୍ୟାୟ ପାଇଁ ଆତ୍ମାହୁତି ଧମକ ଦେଲେ ଟ୍ରକ୍‌ମାଲିକ



ପାରାଦୀପ (ପିପିଏସ): ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ଦିନକୁ ଦିନ ବଢି ଚାଲିଛି ବିବାଦ। ତେବେ ରବିବାର ଦିନ ତଣ୍ଟକତା ପୂର୍ବକ ଆୟୋଜିତ ସଂଘର ସାଧାରଣ ସଭାକୁ ବିରୋଧ କରି ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସମ୍ମୁଖରେ ଟ୍ରକ ମାଲିକମାନେ ହୋହଲ୍ଲା କରିବା ସହିତ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ପାରାଦୀପ ଲକଥାନା ଓ ଆଟ୍ଟଶ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ମାଲିକମାନଙ୍କ ସହିତ ଆଲୋଚନା କରିବା ସହିତ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଆଲୋଚନା ଜାରି ରଖିଅଛି। ସୂଚନା ଅନୁଯାୟୀ ଦୀର୍ଘ ୬ଠର ବର୍ଷ ହେବ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ନିର୍ବାଚନ ନ ହୋଇ ସଙ୍ଘର ସଭାପତିଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଗାଦି ମାଡି ବସିବା ସହିତ ସେମାନଙ୍କ ମନମାନି ରେ ଟ୍ରକ ମାଲିକ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ପଦପଦବୀ ରେ ରହିଥିବା କର୍ମକର୍ତ୍ତା ମାନେ ସେମାନଙ୍କର ଏକାଧିକ ଟ୍ରକ ଚଳାଉଥିବା ବେଳେ ସାଧାରଣ ମାଲିକ ଟ୍ରିକୁ ଖଣ୍ଡିଏ ଗାଡି ଲୋଡ଼ କରିବା କଷ୍ଟକର ହୋଇପଡୁଥିବା ନେଇ ମାଲିକ ମାନେ ପ୍ରକାଶ କରିବା ସହିତ ସଙ୍ଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଁ। ନେଇ ମାଲିକମାନେ ଅଭିଯୋଗ ଆଣିବା ସହିତ ଯଥାଶୀଘ୍ର ସଙ୍ଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଦୀର୍ଘଦିନ ଧରି ଆମେ ପ୍ରଶାସନକୁ ସଙ୍ଘର ଅନିୟମିତତା ଓ ନିର୍ବାଚନ ନେଇ ଦାବି ଜଣାଇବା ସହିତ ପ୍ରଶାସନିକ ସ୍ତରରେ ଆଲୋଚନା ଜାରି ରହିଥିବା ବେଳେ ହଠାତ ସଙ୍ଘରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେଉଥିବାରୁ ଆମେ ଏହାକୁ ବିରୋଧ କରିଛୁ। ଯଥାଶୀଘ୍ର ପ୍ରଶାସନ ତରଫରୁ ଆମକୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିବା ସହିତ ଯଦି ଏଥିରେ ବିଳମ୍ବ ହୁଏ ତେବେ ଆଗାମୀ ଦିନରେ ଆମେମାନେ ସଙ୍ଘ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିବା ସହିତ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ସଦସ୍ୟ ରହିଥିବା ଟ୍ରକ ମାଲିକ।

### କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା ଆସର

# ମାସାନ୍ତ ରବିବାସରୀୟ କବିତା ପାଠ ଓ ସାହିତ୍ୟ ଆସର



କେନ୍ଦ୍ରାପଡ଼ା, (ପିପିଏସ) : କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ଆନୁକୂଲ୍ୟର ମାସାନ୍ତ ରବିବାସରୀୟ ସାହିତ୍ୟ ଆସରର ବର୍ଷା ସମ୍ପର୍କରେ ଏକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ସଂସଦର କାର୍ଯ୍ୟାଳୟ ସଭାପତି କବି କରୁଣାକର ଦାସଙ୍କ ପୌରୋହିତ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିଖ୍ୟ ଅତିଥି ଭାବରେ ଖ୍ୟାତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗଦାନ କରି ପରମ୍ପରାଗତ ସାହିତ୍ୟରୁ ଆରମ୍ଭ କରି ଆଧୁନିକ ସାହିତ୍ୟ ଯାଏଁ ବର୍ଷା ସମ୍ପର୍କିତ ରଚନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ,ଉପସଭାପତି ପ୍ରଦୀପ କୁମାର ଦାଶ, ରାମକୃଷ୍ଣ ଦାଶ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, କୋଷାଧ୍ୟକ୍ଷ ନୃସିଂହ ଚରଣ ତ୍ରିପାଠୀ, କବି ଅମର ପ୍ରସାଦ ରାଉତ, କୁମାର ଭୋଳ, ରାଜ କିଶୋର ସାମଲ, ଗଗନ ବୁହାରୀ ଜେନା, ଗାୟକ ଗଗନ ବିହାରି ସିଂ, ସମାଜସେବୀ ରମଣୀ ରଞ୍ଜନ ରାଉରାୟ, ଗୟାଧର ଧଳ, ପ୍ରେମାନନ୍ଦ ଜେନା, କବି ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଶରତ କୁମାର ରାଉତ, ମମତା ଶତପଥି, ସ୍ୱର୍ଣ୍ଣଲତା ରାଉତ, ସହଦେବ ଜେନା, ରଞ୍ଜନ କୁମାର ବାଇ, ବରିଷ୍ଠ ସାମ୍ବାଦିକ ଆଶିଷ କୁମାର ସେନାପତି, ମଧୁସୂଦନ ଗେରୁ, ମଧୁସୂଦନ ନାୟକ ବର୍ଷା ସମ୍ପର୍କିତ ଆଲୋଚନା କରି ପ୍ରକୃତିକୁ ସଂରକ୍ଷଣ କରିବା ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜଳ ହେଉଛି ଜୀବନ। ଆଜି ଜଳ, ମାଟି, ପବନ ଯେପରି ଦୂଷିତ ହୋଇ ଚାଲିଛି ତାକୁ ସାହିତିକମାନେ ସଚେତନ ହୋଇ ଲେଖନୀ ଚାଳନା କରିବା ସହିତ ବ୍ୟାପକ ବୃକ୍ଷ ରୋପଣ କରିବାକୁ ବକ୍ତାମାନେ ମତ ପୋଷଣ କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ବକି ଅଶୋକ କୁମାର ସାହୁ, ଅପର୍ଣ୍ଣ ସେଠୀ, ବିଷ୍ଣୁପ୍ରିୟା ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଶେଷରେ କଣ୍ଠଶିଳ୍ପୀ ଗୋଲଖ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେଜେ ଇସ୍ପାତ କାରଖାନାରୁ ଚୋରି ଅଭିଯୋଗରେ ସହ ୩ କୋର୍ଟ ଚାଲାଣ



ଯାଜପୁର (ପିପିଏସ): କଳିଙ୍ଗନଗର ଶିଳ୍ପାଞ୍ଚଳର ଯଖପୁରା ଥାନା ଅନ୍ତର୍ଗତ କେଜେ ଇସ୍ପାତ କାରଖାନା ପରିସରରୁ ଗତ ରବିବାର ୨୨/୨୩ ତାରିଖ ରାତିରେ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ଚୋରୀ ହୋଇଥିବା ନେଇ କାରଖାନାର ଜେନରାଲ ମ୍ୟାନେଜର ବସନ୍ତ କୁମାର ପଣ୍ଡା ଯଖପୁରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ ଯଖପୁରା ଥାନାର ନୂତନ ଥାନା ଅଧିକାରୀ ଆଶିଷ୍ କୁମାର ସାହୁଙ୍କ ସମେତ ତଦନ୍ତକାରୀ ଅଧିକାରୀ ବସନ୍ତ କୁମାର ସାହୁ ୯୨/୨୦୨୫ରେ ଏକ ମାମଲା ରଜୁକରି ଘଟଣାର ତଦନ୍ତ ଆରମ୍ଭ କର୍ବା ପରେ ଚୋରି ସାମଗ୍ରୀ ସବୁକୁ ଯଖପୁରା ଗାଁ ଭିତରୁ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଯଖପୁରା ଥାନା ଯଖପୁରା ଗ୍ରାମର ଦିଲ୍ଲୀପ କୁମାର ମଲ୍ଲିକ (୩୫), ଗଙ୍ଗା ମଲ୍ଲିକ (୨୫) ଓ ପରମେଶ୍ୱର ମଲ୍ଲିକ (୩୫)। ଉଦ୍ଧାର ଚୋରୀ ସାମଗ୍ରୀ ଗୁଡ଼ିକ ମଧ୍ୟରେ ୪ ଟି ସିଲିଣ୍ଡର, ଗୋଟିଏ ଫ୍ଲାଗ, ୫୦ ପିସ ୮ ଏମ୍‌ଏମ୍ ଷ୍ଟିଲ ପ୍ଲେଟ, ୧୧ ପିସ ୧୨ ଏମ ଏମ ରଡ଼ ରହିଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୁଲିସ ଠାରୁ ସୂଚନା ମିଳିଛି।ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

# ଭଦ୍ରକରେ ଜାତୀୟ ପରିସଂଖ୍ୟାନ ଦିବସ

ଭଦ୍ରକ, (ପିପିଏସ୍): ଆଜି ଦିବା ୧୧ଘଟିକା ସମୟ ରେ ଭାରତର ଅର୍ଥନୀତିର ଅନ୍ୟତମ ମହାନାୟକ ପି.ସି. ମହାଲୋନୋବିଶଙ୍କ ତଥା ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପାଳ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସଦଭାବନା ସଭା ଗୃହରେ ପାଳିତ ହୋଇ ଯାଇଛି। ଏହି ସଭା ରେ ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଉପ ନିର୍ଦ୍ଦେଶକ ଡିପିଏମ୍‌ୟୁ ପ୍ରହ୍ଲାଦ ରଣା, ପରିସଂଖ୍ୟାନ ବିଭାଗର ପ୍ରଫେସର ବରାଳ ଓ ଜିଲ୍ଲା ପରିସଂଖ୍ୟାନ ଅଧିକାରୀ ସୌମ୍ୟ ରଂଜନ ନାୟକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ପି ସି ମହାଲୋନୋବସଙ୍କ ଭାରତୀୟ ଅର୍ଥନୀତିରେ ଯୋଗଦାନ ତଥା ତାଙ୍କ ଜୀବନ ଉପରେ ଗଭୀର ଆଲୋକପାତ କରାଯାଇଥିଲା।ଦେଶର ପ୍ରଗତିରେ ଅର୍ଥନୀତିର ମହତ୍ୱପୂର୍ଣ୍ଣ ଯୋଗଦାନ ତଥା ପରିସଖ୍ୟାନ ଅପରିହାର୍ଯ୍ୟତାର ବିଶେଷତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର ଅଧିକାରି ମାନେ ଏହି ସଭା ରେ ଉପସ୍ଥିତ ଥିଲେ।

# ସୂଚନା ଆଇନ ଉପରେ ପ୍ରଶିକ୍ଷଣ ବର୍ଗ



ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ମୁଣ୍ଡମାଳ ସ୍ଥିତ ଝୋଟେଶ୍ୱର ମନ୍ଦିର ପରିସରରେ ଓଡିଶା ସୁଚନା ଅଧିକାର ଅଭିଯାନ ଦ୍ୱାରା ସୁଚନା ଆଇନ ଉପରେ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି । ସୁଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଉପସ୍ଥିତ ରହି ସୁଚନା ଅଧିକାର ଆଇନର ବିଭିନ୍ନ ଦିଗ ସହିତ ଆଇନର କାର୍ଯ୍ୟକାରିତା ଓ ଆଇନକୁ କିଭଳି ବିଭିନ୍ନ ସ୍ତରର ଲୋକେ ବ୍ୟବହାର କରି ଏହାର ଲାଭ ନେଉଛନ୍ତି ଏବଂ ସାଧାରଣ ସ୍ତରରେ ଜଣେ ସୁଚନା ଅଧିକାର କର୍ମୀ ଏହି ଆଇନ ବଳରେ ସୁଚନା ମାଗି ସରକାର ଓ ପ୍ରଶାସନର ଅନେକ ଦୁର୍ନୀତିକୁ ଲୋକଲୋଚନକୁ ଆଣି ପାରୁଛନ୍ତି ତାହା କର୍ମୀ ମାନଙ୍କୁ ବୁଝାଇଥିଲେ । ଓସାର ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ ଯୋଗଦେଇ ସୁଚନା ଆଇନରେ ବ୍ୟବହାର ହେଉଥିବା ଫର୍ମ ପୁରଣ ଓ ଏହାକୁ ସରକାରୀ କାର୍ଯ୍ୟାଳୟକୁ କିଭଳି ମଗାଯାଇପାରିବ ଏବଂ ସୁଚନା ହାସଲ କରାଯାଇ ପାରିବ ସେ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଭାନନ୍ଦ ସାହୁ,ଭୀମସେନ ବିଶ୍ୱାଳ, ହରିହର ବେଉରା ଓ ଶଙ୍କର୍ଷଣ ମହାପାତ୍ର ପରିଚାଳନା କରିଥିଲେ । ଆଶୁତୋଷ ବରାଳ,ମୋନାଲିସା ଦାସ,ବର୍ଷାରଣୀ ପଲେଇ, ଶଶିକାନ୍ତ ନାୟକ, ନବକିଶୋର ଦାସ,ଆଶୋକ ସାମଲ,ଭଗବାନ ଖିଲାର,ଦିଲ୍ଲୀପ ବେହେରା, ପ୍ରଭାତ ଦାସ,ରବୀନ୍ଦ୍ର ସାମଲ,ରଂଜିତ କର,ବିନୟ ମହାନ୍ତି,ପ୍ରମୋଦ ବେହେରା, ଭାଗୀରଥି ସାହୁ, ଅଶିଷ ଜେନା, ଇମ୍ରାନ ଖାନ, ପବିତ୍ର ମହାନ୍ତି, ଦେବେନ୍ଦ୍ର ପୃଷ୍ଟି, ଦୀପିକା ମୁଦୁଲୀ,ଭାସ୍କର ରାଉତରା.ଜୟକୃଷ୍ଣ ପରିଡାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# ବିନା ସରକାରୀ ପ୍ରୋତ୍ସାହନରେ ସଫଳ ଅମୃତଭଣ୍ଡା ଚାଷୀ ଫକୀର




ଯାଜପୁର (ପିପିଏସ୍): ସରକାରୀ ପ୍ରୋତ୍ସାହନ ହାତେଇ ଏବେ ଅନେକ କୃଷକ ଫେଲ୍ ମାରୁଥିବା ବେଳେ କେତେକ କୃଷକ ବିନା ସରକାରୀ ପ୍ରୋତ୍ସାହନରେ ସଫଳତା ହାସଲ କରୁଥିବାର ନଜିର ରହିଛି। ନିଜସ୍ୱ ସମ୍ବଳରେ କୃଷି କାର୍ଯ୍ୟ କରି ସ୍ୱାବଲମ୍ବୀ ହେବାସହ ଅନ୍ୟ କୃଷକଙ୍କ ପାଇଁ ପ୍ରେରଣା ସାଜିଥିବା ଦେଖିବାକୁ ମିଳୁଛି। ଏହିପରି ଜଣେ କୃଷକ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ କୁଲୁଗାଁର ସ୍ୱର୍ଗତ ଜୟ ଦାସଙ୍କ ପୁଅ ଫକୀର ଅମୃତଭଣ୍ଡା ଚାଷ କରି ସ୍ୱାବଲମ୍ବୀ ହେବାସହ ନିକଟତର ଚାଷୀମାନଙ୍କ ପାଇଁ ପ୍ରେରଣା ସାଜିବା ସହ ଇର୍ଷଣୀୟ ହୋଇଛନ୍ତି। ଅମୃତ ସମାନ ଅମୃତଭଣ୍ଡା ପନିପରିବାଭାବେ ଓ ଫଳ ରୂପରେ ବ୍ୟବହାର ହେଉଥିବାରୁ ବଜାରରେ ଏହାର ଚାହିଦା ଢେର ଅଧିକ। ଫସଲ କିଆରି ଠାରୁ ଅତି ନିକଟରେ ପ୍ରମୁଖ ବଜାର ବାରବାଟୀ, କୁଆଖିଆ ଓ ହରିପୁର ସମେତ ଛୋଟ ବଡ ଅନେକ ହାଟ ରହିଥିବାରୁ ଏବଂ ଉଚିତ ବଜାର ଦର ମିଳୁଥିବାରୁ ଏହି ଚାଷକୁ ଆଦରୀ ନେଇ ଗତ ତିନି ବର୍ଷ ହେବ ଅମୃତଭଣ୍ଡା ଫସଲ ଚାଷ କରୁଛନ୍ତି ଫକୀର। ମୁଗୁପାଳ ମୌଜା ପଖଡାକୂଳ ଚକ ଠାରେ ଅନ୍ୟୁନ ୧୦ଗୁଣ୍ଠ ଜମିରେ ସେ ଅମୃତଭଣ୍ଡା ଚାଷ କରିଛନ୍ତି। ଚାରା , ଜୈବିକ ସାର, କୀଟନାଶକ ଔଷଧ, ମଜୁରୀ ଆଦି ମୋଟ ୩୨ହଜାର ଟଙ୍କା ଖର୍ଚ୍ଚ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୦ କୁଇଣ୍ଟାଲ ଅମୃତଭଣ୍ଡା ବିକ୍ରୀ କରିଥିବା ଫକୀର କହିଥିଲେ। ଆସନ୍ତା ଦିନରେ ଆହୁରି ୨୦ କୁଇଣ୍ଟାଲ ଫଳିବ ବୋଲି ସେ ଆଶା ରଖିଛନ୍ତି। ଧାନ ଫସଲ ପରେ ଅକ୍ଟୋବର ମାସରେ ନିଜେ ତିଆରି କରିଥିବା ଅନ୍ୟୁନ ୬୦ଟି ଚାରା ଲଗାଇଥିଲେ। ପୂର୍ବରୁ ଧାନ ଫସଲରେ ଖତ ଦେଇଥିବାରୁ ପରେ ଫସଲରେ ଆଉ ଖତ ଦେବାକୁ ପଡ଼ିନଥିଲା ବୋଲି କହିଥିଲେ। ଗୋଟିଏ ଅମୃତଭଣ୍ଡାର ଓଜନ ପାଞ୍ଚଶହଗ୍ରାମରୁ ଦୁଇ କେଜି ପର୍ଯ୍ୟନ୍ତ ଓଜନର ଫଳୁଥିବା ଜଣାପଡିଛି। ଗୋଟିଏ ଗଛରେ ଅନ୍ୟୁନ ୫୦ରୁ ୭୦କେଜି ଫଳୁଥିବା ସେ କହିଛନ୍ତି। ଏହି ଫସଲ ଚାଷ କରି ୧୦ଗୁଣ୍ଠରେ ଅନ୍ୟୂନ ୪୦ ହଜାର ଟଙ୍କା ଲାଭ ହେବ ବୋଲି ସଫଳ କୃଷକ ଫକୀର କହିଥିଲେ।ପୂର୍ବ ଓଡିଶାରେ ଚାଷ ଜମିର ସଠିକ୍ ଆଦ୍ରତା ଓ ଉତ୍ତମ ଜଳବାୟୁ ଅମୃତଭଣ୍ଡା ଫସଲ ନିମନ୍ତେ ବେଶ୍ ଉପଯୋଗୀ ଅଟେ। ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ କୃଷିକ୍ଷେତ୍ରରେ ସଦାସର୍ବଦା ଆଗୁଆ।

ବିଶେଷକରି ପନିପରିବା ଫସଲ ଅମଳ କ୍ଷେତ୍ରରେ ଜିଲ୍ଲାରେ ଏକ ନମ୍ବର ବ୍ଲକର ମାନ୍ୟତା ପାଇ ଆସିଛି।୨୦୧୦ ମସିହାରେ ନାବାର୍ଡ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ଓଡ଼ିଶାରେ ପନିପରିବା ଫସଲ ଅମଳରେ ପ୍ରମୁଖ ୧୦ ବ୍ଲକ ମଧ୍ୟରୁ ରସୁଲପୁର ବ୍ଲକର ନାମ ରହିଆସିଛି। ବିଶେଷ କରି ତିନି ଫସଲୀ ଏଠାକାର ଚାଷୀ ଅମଳ କରିବାରେ ବେଶ୍ ପାରଙ୍ଗମ। ଏ ଅଞ୍ଚଳର କୃଷକମାନେ ବର୍ଷା ଋତୁରେ ଖାଲୁଆ ଜମିରେ ଧାନ ଓ ସାରୁ ଫସଲ ଏବଂ ଉଚ୍ଚା ନିଗିଡା ଜମିରେ ବାଇଗଣ, ଭେଣ୍ଡି, କଞ୍ଚା ଲଙ୍କା, ମାଟିଆଳୁ , ଲତା ଜାତୀୟ ଫସଲ ପୋଟଳ, କାଙ୍କଡ଼, କାକୁଡି, କଲରା, ଜହ୍ନି, ଛଚିନ୍ଦ୍ରା , ଝୁଡୁଙ୍ଗ,ବୋଇତି କଖାରୁ ,ଲାଉ ,ପାଣି କଖାରୁ ଆଦି ଫସଲ ଚାଷ କରିଥାନ୍ତି। ବର୍ଷା ଋତୁରେ ଆଗୁଆ ଅମଳ କରିଥିବା ଚାଷୀ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉଥିବା ବେଳେ ବିଳମ୍ବରେ ଲଗାଯାଇଥିବା ଫସଲର ଉଚିତ ମୂଲ୍ୟ ନମିଳିବା ସହିତ ଅତ୍ୟଧିକ ବର୍ଷା ଓ ବନ୍ୟା କୃଷକଙ୍କର ସର୍ବସ୍ୱ ଉଜୁଡି ଯିବା ସହିତ ତାଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲି ପଡେ। ସେହିପରି ଶିତ ଋତୁରେ ଫୁଲ କୋବି, ବନ୍ଧାକୋବି, ଓଲକୋବି, ମୂଳା, ବିଟ୍, ଗାଜର, ମଟର ଛୁଇଁ, ବିନ୍ସ, ନାଡୁକା, ଆଳୁ ,ବିଲାତିବାଇଗଣ , ଶିମ୍ବ ଆଦି ପନିପରିବା ଫସଲ ସଅଳ ଓ ଆଗୁଆ ଅମଳ କରିବା ସହିତ ଉଚ୍ଚ ଦରରେ ବିକ୍ରୀ କରି କୃଷକମାନେ ବେଶ୍ ଦୁଇ ପଇସା ସଂଚୟ କରିଥାନ୍ତି। ସେହିପରି ବିଭିନ୍ନ କିସମର ଶାଗ ବର୍ଷକ ବାରମାସ ଏ ଅଞ୍ଚଳର କୃଷକମାନେ ଚାଷ କରିଥାନ୍ତି। ଅର୍ଥକାରୀ ଫସଲ ହିସାବରେ ଚିନାବାଦାମ ଓ ଆଖୁଚାଷ କୃଷକଙ୍କ ଆର୍ଥିକ ମେରୁଦଣ୍ଡକୁ ମଜବୁତ୍ କରିଥାଏ।

### ବନବିହାରିପୁରୁ ଗାଁ ଭିତର ଆରଡି ବିଭାଗ ରାସ୍ତାରେ ଆଣ୍ଠୁଏ ପାଣି

# ଡାଇରିଆ ମହାମାରୀ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା



କେନ୍ଦ୍ରାପଡ଼ା, (ପିପିଏସ): ରାଜନଗର ବ୍ଲକ୍ ଗୁପ୍ତି ପଞ୍ଚାୟତର ଗୋପାଳପୁରୁ ଠାରୁ ଗୁପ୍ତି ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ବନ ବିହାରୀପୁର ଗ୍ରାମରେ ଆରଡି ରାସ୍ତା ଉପରେ ଆଣ୍ଠୁଏ ପାଣି ରହୁଛି। ରାସ୍ତା ନିର୍ମାଣ ସମୟରେ ଯେତେ କହିଲେ ମଧ୍ୟ ଠିକାଦାର ଓ ଯନ୍ତ୍ରୀ କେହି ନିର୍ମାଣାଧୀନ ରାସ୍ତା ସମୟରେ ଉପସ୍ଥିତ ରହୁ ନଥିବାରୁ ମିସ୍ତ୍ରୀ ଲେବର ତାଙ୍କ ମର୍ଜିରେ ଏପରି ନିମ୍ନମାନର କାର୍ଯ୍ୟ କରି ଅର୍ଥ ଲୁଟିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ପାଣି କାଦୁଅରେ ପଶି ସ୍କୁଲକୁ ଛାତ୍ର ଛାତ୍ରୀ ମାନେ ଯିବା ନେଇ ଗ୍ରାମବାସୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ହେଲା ଦିନଠାରୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କର୍ଣ୍ଣପାତ କରୁନାହାଁନ୍ତି। ଯାହାଫଳରେ ପାଣି ଜମି ନର୍ଦ୍ଦମାରେ ପରିଣତ ହୋଇଛି। ସେହି କଚଡା ପାଣିରେ ପଶି ଲୋକମାନେ ଗୁପ୍ତି ମେଡିକାଲ, ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଦି କାର୍ଯ୍ୟ ପାଇଁ ଯାତାୟାତ କରୁଥିବା ବେଳେ ପିଲାମାନେ ଏହି କଚଡା ପାଣିରେ ପଶି ସ୍କୁଲକୁ ଯାତାୟାତ କରୁଛନ୍ତି। ଯାହାଫଳରେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ କରୋନା, ଡାଇରିଆ, ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ସରକାର ତତ୍ପରତା ଦେଖାଉ ଛନ୍ତି, କିନ୍ତୁ ବନ ବିହାରୀପୁରୁର ଅସ୍ୱାସ୍ଥ୍ୟକର ପରିବେଶ ଉପରେ ସ୍ୱାସ୍ଥ୍ୟ ବିଭାଗ ଓ ଆରଡି ବିଭାଗ ଗୁରୁତ୍ୱ ନ ଦେଇ ଲୋକମାନଙ୍କୁ ମରଣଯନ୍ତାକୁ ଠେଲି ଦେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି, ଏଠାରେ ମହାମାରୀ ରୋଗର ଶିକାର ହେବାକୁ ଅଶ୍ୱିକାର କରାଯାଇ ପାରିବ ନାହିଁ।

# ଶରଧାବାଲି ଭକ୍ତଙ୍କ ମୃତ୍ୟୁ ପାଇଁ ଗୋପ ବିଜେଡିର ପ୍ରତିବାଦ



ଗୋପ (ପିପିଏସ): ଶରଧା ବାଲିରେ ଘଟିଥିବା ଅଘଟଣା ପାଇଁ ସାରରାଜ୍ୟ ବାସୀଙ୍କୁ ସ୍ତବ୍ଧ କରିଦେଇଛି। ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭକ୍ତଙ୍କ ଅସମ୍ଭାଳ ଭିଡ ଓ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ତିନି ଜଣ ଭକ୍ତ ମୃତ୍ୟୁ ଘଟିଥିବା ବେଳେ ୩୦୦ ଉର୍ଦ୍ଧ ଭକ୍ତ ଏବେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସଠିକ ପରିଚାଳନା କରିନଥିବା ଫଳରେ ପୁରୀ ଏସ୍‌ପି ଏବଂ ଜିଲ୍ଲାପାଳଙ୍କୁ ବଦଳି କରିଛନ୍ତି ସରକାର। ଏହି ଘଟଣାକୁ ପ୍ରତିବାଦ କରି ଗୋପ ବିଜେଡି ତରଫରୁ ଗୋପ ବଜାରରେ ବରିଷ୍ଠ ନେତା କୁନା ଦାଶ ଏବଂ ପୂର୍ବତନ ଗୋପ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱେ ଶତାଧିକ ବିଜେଡି କର୍ମୀଙ୍କ ଉପସ୍ଥିରେ ଏକ ପ୍ରତିବାଦ ରାଲି କାରଯାଇଛି। ଶରଧାବାଲି ଦଳାଚକଟାରେ ମୃତ୍ୟୁ ବରଣ କରିଥିବା ଭକ୍ତଙ୍କ, କେବଳ ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଏତେ ବଡ଼ ଅଘଟଣ ଘଟିଯାଇଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଯାହା ଫଳରେ ପୁରୀ ରଥଯାତ୍ରା ପରିଚାଳନା ଦାଇତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ତରଫରୁ ଦାବି କାରଯିବା ସହିତ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କାରଯାଉ ବୋଲି ଗୋପ ବ୍ଲକ ବିଜେଡି ଦାବୀକରିଛି। ପ୍ରତିବାଦ ରାଲିରେ ବିଜେଡି କର୍ମୀମାନେ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଉପମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ କୁଶପୁତଳା ଦାହକରିଥିଲେ। ଏହି କାର୍ଯ୍ୟକ୍ରରେ ରାଲିରେ ବିଜେଡି ନେତା ବିକ୍ରମ ନାୟକ, ଗୁଲାମ ବକ୍ସ, ବାବୁ ବକ୍ସ, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ କୁମାର ସେଠୀ, ଗଙ୍ଗାଧର ପାଇକରାୟ, ରମେଶ ବାରିକ, ଓ ପର୍ଶୁରାମ ମଲ୍ଲିକ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କଳାକାର ହରିହର ମଲ୍ଲିକଙ୍କ ସ୍ମୃତସଭା



କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡ଼ା ବ୍ଲକ୍ ଚକ୍ରୋଡା ପଞ୍ଚାୟତର ନରିଲୋ ଗ୍ରାମରେ କଳାକାର ହରିହର ମଲିକଙ୍କ ଦ୍ୱାଦଶ ସ୍ମୃତି ଓ ଭଜନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ସଂଗୀତ ନିର୍ଦ୍ଦେଶକ ସତ୍ୟ ପ୍ରିୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଜିଲ୍ଲାର ଶତାଧିକ କଣ୍ଠ ଶିଳ୍ପୀ ମାନେ ଯୋଗ ଦାନ କରି ସ୍ୱର୍ଗତ ହରି ହରଙ୍କ ସ୍ମୃତି ଚାରଣ କରି ଥିଲେ । ଡେରାବିଶ ବ୍ଲକର ଜନ କଲ୍ୟାଣ ବିଭାଗର ସଂଯୋଜକ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଦେବେଶ କୁମାର ବେହେରା, ପାଟକୁରା ବିକାଶ ପରିଷଦର ସଂଗଠନ ସମ୍ପାଦକ ପ୍ରଦୀପ କୁମାର ବେହୁରା ପ୍ରମୁଖ ଅତିଥି ରୂପେ ଯୋଗ ଦାନ କରି ସ୍ୱର୍ଗତ କଳାକାରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରି କେନ୍ଦ୍ରାପଡ଼ା ଜିଲ୍ଲାରେ ତାଙ୍କ କଳାର ସ୍ୱତନ୍ତ୍ରତା ଉପରେ ଅବିଭାଷଣ ଦେଇ ଥିଲେ । ଏହି ଅବସରରେ ରୟାଲ ମୁଜିକାଲ ଗ୍ରୁପ ଦ୍ୱାରା ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । କଣ୍ଠଶିଳ୍ପୀ ଭଞ୍ଜ କିଶୋର, ଗୋଲଖ ସେଠୀ, ଝିଲି ମଲିକ ଓ କେନ୍ଦ୍ରାପଡ଼ା ଦୃଷ୍ଟି ହିନ୍ନ କଳାକାର ଗ୍ରୁପର ଶିଳ୍ପୀମାନଙ୍କ ଦ୍ୱାରା ହୃଦୟ ସ୍ପର୍ଶୀ ଭଜନଗୁଡିକ ପରି ବେଷଣ କରାଯାଇ ଥିଲା । ବିଶେଷ ଭାବେ ଦୃଷ୍ଟି ହୀନ କଣ୍ଠ ଶିଳ୍ପୀ ମାନଙ୍କ ଭିକାରୀ ବଳଙ୍କ ଲୋକ ପ୍ରିୟ ଭଜନ ଗୁଡିକ ମଞ୍ଚ ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଥିଲା। ଚକ୍ରୋଡା ପଂଚାୟତର ପୂର୍ବ ତନ ସରପଞ୍ଚ ବସନ୍ତ କୁମାର ରାଉତ ଓ ନରିଲୋ ଗ୍ରାମର ଯୁବକମାନେ ଉକ୍ତ କାର୍ଯ୍ୟକ୍ରମ ପରି ଚାଳନା କରିଥିଲେ ।

# ଜୁନିଅର୍ ରେଡ୍‌କ୍ରସ୍‌ର ଜାତୀୟ ସେବା ଶିବିର

ରଘୁନାଥପୁର (ପିପିଏସ) ଜଗତସିଂହପୁର ଜିଲ୍ଲା ଜୁନିଅର୍ ରେଡ୍ କ୍ରସ୍ ସଂଗଠନ ଜଗତସିଂହପୁର ଶାଖା ପକ୍ଷରୁ ରାଜ୍ୟ ରେଡ୍ କ୍ରସ୍ ସଂଗଠନ ଦ୍ୱାରା ପବିତ୍ର ରଥ ଯାତ୍ରା ଉପଲକ୍ଷେ ପୁରୀ ଠାରେ ଆୟୋଜିତ ଜାତୀୟ ସେବା ଶିବିରରେ ଯୋଗଦାନ କରି ବିଭିନ୍ନ ସାମାଜିକ ସେବା ମାନ ପ୍ରଦାନ କରିଛନ୍ତି। ଜିଲ୍ଲାରୁ ଜିଲ୍ଲା ଜୁନିଅର୍ ରେଡ୍ କ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ, କୃତି ଶିକ୍ଷକ ଚନ୍ଦନ ବେହେରା ଓ ତିର୍ତ୍ତୋଲ ବ୍ଲକ ସଂଯୋଜକ ପ୍ରତାପ କୁମାର ବେହେରା ଯୋଗଦେଇ ରଥ ଯାତ୍ରା ଉପଲକ୍ଷେ ପୁରୀ ଠାରେ ଆୟୋଜିତ ଜାତୀୟ ସେବା ଶିବିରରେ ଭକ୍ତମାନଙ୍କୁ ପ୍ରାଥମିକ ଉପଚାର, ଜଳ ଦାନ, ଷ୍ଟେଚର୍ ସେବା, ଆମ୍ବୁଲାନ୍ସ ସେବା,ବଡ଼ ଦାଣ୍ଡ ସଫେଇ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି କ୍ଷ ଏହି ସବୁ କାର୍ଯ୍ୟ ପାଇଁ ଜିଲ୍ଲା ତଥା ରାଜ୍ୟ ଜୁନିଅର୍ ରେଡ୍ କ୍ରସ୍ ସଂଗଠନକୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ସବୁ କାର୍ଯ୍ୟ କ୍ରମକୁ ସଫଳତାର ସହ ପ୍ରତିପାଦନ କରିଥିବାରୁ ରାଜ୍ୟ ସଂଗଠନ ତରଫରୁ ଜାତୀୟ ସେବା ଶିବିର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

### ଭକ୍ତଙ୍କ ମୃତ୍ୟୁ ଘଟଣାରେ ବିଜେଡିର ବିକ୍ଷୋଭ

# ଉପମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଚାରିଛକ, (ପିପିଏସ): ଆଜି ଭୋର ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଯୋଗୁଁ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ଘଟଣାରେ ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବୀରେ ନିମାପଡ଼ା ଦୋଳବେଦୀ ଛକରେ ବିଜୁ ଜନତା ଦଳ ତରଫରୁ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡି ନେତା ଦିଲ୍ଲିପ ନାୟକଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ଅପାରଗତା ବିରୋଧରେ ନାରାବାଜି ଦେଇଥିଲେ।

### ଲଗାଣବର୍ଷାରେ ଚାଲିଛି ଜାତୀୟରାଜପଥର ଢଳେଇ କଂକ୍ରିଟ କାର୍ଯ୍ୟ

# ସକାଳେ ହେଲା, ସଂଜରେ ଧୋଇଗଲା: ବର୍ଷାପାଣିରେ ଧୋଇଯିବ ୧.୮୬କୋଟି ଟଙ୍କାର ରାସ୍ତା !



ଭଦ୍ରକ, (ପିପିଏସ୍): ମୌସୁମୀ ପ୍ରଭାବରେ ଗତ ୩ଦିନ ହେଲା ଆରଡି ସମେତ ଆଖପାଖ ଅଞ୍ଚଳରେ ଲାଗି ରହିଛି ଲଗାଣ ଝଡବର୍ଷା। ତୁହାକୁତୁହା ବର୍ଷା ଲାଗି ରହିଥିବାରୁ ଭକ୍ତଶୂନ୍ୟ ହୋଇ ପଡିଛି ଆରଡିପୀଠ। ଲଗାଣ ବର୍ଷା ଲାଗି ରହିଥିଲେ ମଧ୍ୟ କୁଆଖିଆ ସାତଭାୟା ଭାୟା ଆଖଣ୍ଡଳମଣି ୨୦ନଂ ଜାତୀୟରାଜପଥର ଆରଡି ପ୍ରବେଶପଥ ଠାରୁ ବାଇପାସ ଚାରିଛକ ଯାଏଁ ପୂର୍ବରୁ ଚାଲିଥିବା ଢଳେଇ କଂକ୍ରିଟ କାର୍ଯ୍ୟ ବର୍ଷାରେ ତରବରିଆ ଭାବେ କରାଯାଉଛି। ରାସ୍ତାରେ ଢଳେଇ କରାଯାଇଥିବା କଂକ୍ରିଟର ସିମେଂଟ କେଉଁଠି ଧୋଇଯାଉଛି ତ ଆଉ କେଉଁଠି ବାଲି କାଦୁଅ ସିମେଂଟ ଏକାକାର ହେଇଯାଉଛି। ଏପରି ବାବଦରେ ଠିକାଦରକୁ ପଚାରିଲେ ସାଧାରଣ ଲୋକଙ୍କୁ ନାଲି ଆଖି ଦେଖାଉଛି। ଯାହାକୁ ନେଇ ଜନ ଅସନ୍ତୋଷ ଦେଖା ଦେବା ସହ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ କରିଛନ୍ତି ସାଧାରଣ ଲୋକ। ବିଶେଷକରି ସକାଳେ ହୋଇଥିବା କଂକ୍ରିଟ ରାସ୍ତା ସଂଜରେ ଅର୍ଦ୍ଧାଧିକ ଧୋଇଯିବାରୁ ଗୋଡିବାଲି ଦେଖାଯାଉଛି। ଅନ୍ୟପଟେ ବର୍ଷାହେଲେ କାର୍ଯ୍ୟ ବନ୍ଦ ରହିବ ବୋଲି କଟକ ଡିଭିଜନର ଏସଡିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତାହାସହ ଏହି କାର୍ଯ୍ୟ ପାଇଁ କେତେ ରାସ୍ତା ନବୀକରଣ କରାଯିବ। ଓସାର ଓ ଲମ୍ବ କେତେ ରହିବ। ରାସ୍ତାର ସ୍ଥାୟୀତ୍ୱ ନିମନ୍ତେ ଉଭୟ ପାର୍ଶ୍ୱରେ କେତେ ଫୁଟ ସୁରକ୍ଷା ପ୍ରାଚେରୀ କରାଯିବ କୌଣସି ସୂଚନାଫଳକ ଲଗାଯାଇନାହିଁ। ଅପରପକ୍ଷେ ଠିକାଦାର ଓ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ସଲାସୁତରାରେ ମନଇଛା ରାସ୍ତାରେ ଢଳେଇ କାର୍ଯ୍ୟ ଚାଲୁଥିବା କହିଛନ୍ତି ଅରବିନ୍ଦ ପାଢୀ ଓ ଭକ୍ତ ମହାସଂଘର କର୍ମକର୍ତା ବିରକିଶୋର ପଣ୍ଡା ପ୍ରମୁଖ। ଉକ୍ତ ରାସ୍ତାରେ ପ୍ରତିଦିନ ଆଗନ୍ତୁକ ପ୍ରଯ୍ୟଟକ ଓ ଶ୍ରଦ୍ଧାଳୁଭକ୍ତମାନଙ୍କ ଶହଶହ ଗାଡି ଯାତାୟତ କରୁଥିବା ବେଳେ ୨ଟି ବ୍ଲକର ୨୦ଦ୍୨୫ଖଣ୍ଡ ଗାଁର ଲୋକ ଯାତାୟତ କରିଥାନ୍ତି। ହେଲେ ବିଭାଗୀୟ କନିଷ୍ଠଯନ୍ତ୍ରୀ କାର୍ଯ୍ୟର ତଦାରଖ ନକରିବା ଲଗାଣବର୍ଷାରେ ସିମେଂଟ କଂକ୍ରିଟ ଢଳେଇ କରିବା ସାଧାରଣରେ ଚକିତ କରିଛି। ଏ ବାବଦରେ ବିଭାଗୀୟ ଏସଡିଓ ନାରାୟଣ ଟୁଡୁଙ୍କୁ ଅଭିଯୋଗ କଲେ ସମାନ ଢଙ୍ଗରେ କହନ୍ତି ଯେ ରାସ୍ତା ନବୀକରଣ ପାଇଁ ୧.୮୬କୋଟି ଟଙ୍କା ଯୋଗାଇ ଦିଆଯାଇଛି। ରାସ୍ତାର ସ୍ଥାୟୀତ୍ୱ ନିମନ୍ତେ ଉଭୟ ପାର୍ଶ୍ୱରେ ୪ଦ୍୫ଫୁଟ ସୁରକ୍ଷା ପ୍ରାଚେରୀ କରାଯାଇ ରାସ୍ତା କଂକ୍ରିଟ କରାଯିବାର ନିୟମ ରହିଛି। ଏହାର ତଦାରଖ ପାଇଁ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ କୁହାଯାଇଛି। ହେଲେ ବର୍ଷାରେ କାମ କରିବା ପାଇଁ ମନା ହୋଇଛି। ଏପଟେ ଓଲଟା ନାଁ ଅଛନ୍ତି କନିଷ୍ଠଯନ୍ତ୍ରୀ ନାଁ ହେଉଛି ସଠିକ ରାସ୍ତା ନବୀକରଣ। ଢୋଢୋ ବର୍ଷାରେ ଚାଲିଛି ସିମେଂଟ କଂକ୍ରିଟ ରାସ୍ତା।




### ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# କେବଳ ବୋଲିଂ ନୁହେଁ, ଫିଲ୍ଡିଂକୁ ନେଇ ବି ଭାରତର ଚିନ୍ତା

ବର୍ମିଂହାମ: ଲିଡ୍ସରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ବୋଲିଂ ଦୁର୍ବଳତା ପୂରା ପଦାରେ ପଡ଼ିଥିଲା। ପାଗ, ପରିବେଶ ଓ ପିଚ୍ ସହ ସ୍କୋର ବୋର୍ଡରେ ୩୭୦ ରନ୍ ଥିଲେ ମଧ୍ୟ ଭାରତ ଏହାକୁ ସୁରକ୍ଷିତ ରଖି ପାରି ନଥିଲା। ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଦ୍ୱିତୀୟ ପାଳିରେ ନିଷ୍ପ୍ରଭ ରହିବା ପରେ ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣାକୁ ନିର୍ଦ୍ଧୁମ ଛେଚି ଶେଷ ଦିନରେ ଅତି ସହଜରେ ୩୫୧ ରନ୍ ସଂଗ୍ରହ କରି ନେଇଥିଲା ଇଂଲଣ୍ଡ। ବୁମ୍‌ରା ଉଭୟ ପାଳିରେ ୪୩.୪ ଓଭର ବୋଲିଂ କରିଥିଲେ। ଫଳରେ ସେ ଏବେ ବର୍ମିଂହାମରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୁମ୍‌ରା ନିୟମିତ ଅଭ୍ୟାସ ନ କରିବା ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ସେପଟେ ଲିଡ୍ସ ଟେଷ୍ଟରେ ୮ଟି କ୍ୟାଚ୍ ହାତଛଡ଼ା କରିବା ପରେ ଫିଲ୍ଡିଂ ମଧ୍ୟ ଟିମ୍ ଇଣ୍ଡିଆ ପାଇଁ ଆଉ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବୋଲିଂ ସହ ଫିଲ୍ଡିଂ ନ ସୁଧାରିଲେ ବର୍ମିଂହାମ ଟେଷ୍ଟ ବଞ୍ଚାଇବା ଶୁବମନ ଗିଲ୍‌ଙ୍କ ଯୁବ ଦଳ ପାଇଁ ଆହୁରି କଷ୍ଟକର ହେବ ବୋଲି ଅଷ୍ଟ୍ରେଲିଆର ପୂର୍ବତନ





କ୍ରିକେଟର୍ ବ୍ରାଡ୍ ହାଡିନ୍ କହିଛନ୍ତି।

**ବୁମ୍‌ରା ଅଭ୍ୟାସ କଲେନି, ଅର୍ଶଦୀପଙ୍କ ଉପରେ ଆଶା :** ବୁମ୍‌ରା ଜୁଲାଇ ୨ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ନ ଖେଳିଲେ, ବାମହାତୀ ଯୁବ ବୋଲର ଅର୍ଶଦୀପ ସିଂହ ତାଙ୍କ ସ୍ଥାନ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଶନିବାର ଅର୍ଶଦୀପ ବହୁସମୟ ଧରି ନେଟ୍ ?ସରେ ଅଭ୍ୟାସ କରି ଏହାର ସଙ୍କେତ ଦେଇଛନ୍ତି। ସେପଟେ ବୁମ୍‌ରାଙ୍କ ସହ ପ୍ରଥମ ଟେଷ୍ଟ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣା ଆଜି ଅଭ୍ୟାସ କରି ନଥିଲେ। ଦିନିକିଆ କ୍ରିକେଟ୍‌ରେ ନିଜକୁ ସ୍ଥାପିତ କରିସାରିଥିବା ଅର୍ଶଦୀପ ଏପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟ୍ ଖେଳି ନାହାନ୍ତି। ବର୍ମିଂହାମରେ ସୁଯୋଗ ମିଳିଲେ ଇଂଲଣ୍ଡ ମାଟିରେ ଟେଷ୍ଟ ପଦାର୍ପଣ କରିଥିବା ଭାରତୀୟ ବାମହାତୀ ବୋଲରଙ୍କ ହାତଗଣତି କ୍ଲବ୍‌ରେ ସାମିଲ ହେବେ ସେ। ବୁମ୍‌ରା ନ ଖେଳିଲେ ଭାରତର ସବୁଠାରୁ ଅଭିଜ୍ଞ ବୋଲର୍ ହେବେ ମହମ୍ମଦ ସିରାଜ (୩୭ ଟେଷ୍ଟ)। ଲିଡ୍ସରେ ତାଙ୍କୁ ଖେଳିବାରେ ଇଂଲଣ୍ଡ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନଥିଲା। ଭାରତୀୟ ଦଳରେ ଥିବା ଆକାଶ ଦୀପ ୭ ଟେଷ୍ଟ ଖେଳିଥିଲା ବେଳେ ପ୍ରସିଦ୍ଧ ମାତ୍ର ୪ ଟେଷ୍ଟ ଖେଳିଛନ୍ତି। ଅର୍ଶଦୀପ ଗୋଟିଏ ହେଲେ ବି ଟେଷ୍ଟ ଖେଳି ନାହାନ୍ତି। ଏଭଳି ଏକ ଅନଭିଜ୍ଞ ଦ୍ରୁତ ବୋଲିଂ ବାହିନୀ ପାଇଁ ଭାରତ ବର୍ମିଂହାମରେ କଠିନ ପରୀକ୍ଷାର ସମ୍ମୁଖୀନ ହେବ। ବୋଲିଂ ପ୍ରଶିକ୍ଷକ ମର୍ଣ୍ଣେ ମର୍କେଲ ଏବଂ ମୁଖ୍ୟପ୍ରଶିକ୍ଷକ ଗୌତମ ଗମ୍ଭୀର ଏକଥା ଜାଣି ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବାକୁ ଯୋଜନା କରୁଥିବା ଜଣାପଡ଼ିଛି।

**ଲାଞ୍ଜକୁ ଶକ୍ତିଶାଳୀ କରିବାକୁ ପ୍ରୟାସ :** ଲିଡ୍ସ ଟେଷ୍ଟର ଉଭୟ ପାଳିରେ ଭାରତ ଦୃଢ଼ ସ୍ଥିତିରେ ଥାଇ ମଧ୍ୟ ବଡ଼ ସ୍କୋର୍ କରି ପାରି ନଥିଲା। ନିମ୍ନ ଓ ମଧ୍ୟକ୍ରମ ବ୍ୟାଟରମାନେ ପୂରା ବିଫଳ ହେବା ଏହାର ପ୍ରମୁଖ କାରଣ ଥିଲା। ପ୍ରଥମ ପାଳିରେ ଭାରତ ୪୧ ରନ୍ ?ରେ ଶେଷ ୭ଟି ଏବଂ ଦ୍ୱିତୀୟରେ ୩୧ ରନ୍‌ରେ ଅନ୍ତିମ ୬ ୱିକେଟ୍ ହରାଇ ଇଂଲଣ୍ଡକୁ ମ୍ୟାଚ୍ ଜିତି ନେବାର ସୁଯୋଗ ଦେଇଥିଲା। ବର୍ମିଂହାମରେ ଏହି ଦୁର୍ବଳତା ଦୂର କରିବା ଲାଗି ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବେଠୁ ପ୍ରୟାସ ଆରମ୍ଭ କରିଛନ୍ତି। ସେଥିପାଇଁ ଶନିବାର ବର୍ମିଂହାମରେ ମହମ୍ମଦ ସିରାଜ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକଙ୍କ ତତ୍ତ୍ୱାବଧାନରେ ଢେର ସମୟ ନେଟ୍ସ କରୁଥିବା ଦେଖିବାକୁ ମିଳିଥିଲା। କୋଟାକ ତାଙ୍କୁ କିଛି ବ୍ୟାଟିଂ କୌଶଳ ମଧ୍ୟ ଶିଖାଇଥିଲେ। ସେହିଭଳି ଅନ୍ୟ ବୋଲର ମାନେ ମଧ୍ୟ ବ୍ୟାଟିଂ ଅଭ୍ୟାସ କରିଥିଲେ। ସ୍ପିନର୍ କୁଲଦୀପ ଯାଦବଙ୍କ ଖେଳିବା ମଧ୍ୟ ଅନ୍ୟ ଏକ ପ୍ରଶ୍ନ ଭାବେ ଉଭା ହୋଇଛି। ଲିଡ୍ସରେ ରବୀନ୍ଦ୍ର ଜାଡ଼େଜା ସଂଘର୍ଷ କରିବା ପରେ କୁଲଦୀପଙ୍କୁ ଗିଲ୍ ଓ ଗମ୍ଭୀର ବର୍ମିଂହାମରେ ଖେଳାଇ ପାରନ୍ତି। ଏହା ହେଲେ ଶାର୍ଦ୍ଦୁଳ ଠାକୁର ଦଳରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ସ୍ମୃତିଙ୍କ ଶତକ: ବିଜୟରୁ ଭାରତର ଅଭିଯାନ

ନଟିଂହାମ: ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା ଦଳ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ବଳରେ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୯୭ ରନ୍‌ରେ ଜିତି ନେଇଛି। ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।

ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟ୍‌ରେ ୭୭ ରନ୍ ଯୋଡ଼ି ଭଲ ଆରମ୍ଭ ଦେଇଥିଲେ। ଶେଫାଳି ୨୦ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ହର୍ଲିନ ଦେଓଲ ୪୩ ରନ୍ (୨୩ ବଲ୍, ୭ ଚୌକା)ଙ୍କ ସହ ଦ୍ୱିତୀୟ ୱିକେଟ୍‌ରେ ସ୍ମୃତି ୯୪ ରନ୍ ଯୋଡ଼ିଥିଲେ। ସ୍ମୃତି ୧୧୨ (୬୨ ବଲ୍, ୧୫ ଚୌକା, ୩ ଛକା) ରନ୍ କରି ୧୯.୨ ଓଭରରେ ଆଉଟ୍ ହୋଇଥିଲା ବେଳେ ଭାରତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୧୦ ରନ୍‌ର ବଡ଼ ସ୍କୋର କରିଥିଲା। ଲେ ?ରାନେ ବେଲ୍ ୩ ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ୱିକେଟ୍



ହରାଇ ୧୪.୫ ଓଭରରେ ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। କେବଳ ତାମି ବିଉମଣ୍ଟ ୬୬ (୪୨ ବଲ୍, ୧୦ ଚୌକା, ୧ ଛକା) କିଛିଟା ଲଢ଼ିଥିଲେ। ୮ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଭାରତ ପକ୍ଷରୁ ପଦାର୍ପଣ କରିଥିବା ଶ୍ରୀ ଚାରଣୀ ୪/୧୨ ବୋଲିଂ ସଫଳତା ପାଇଥିଲା ବେଳେ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଶତକୀୟ ପାଳି ପାଇଁ ସ୍ମୃତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଟିମ୍ ଇଣ୍ଡିଆର ଅଭ୍ୟାସ ସେଶନରେ ରଣକ୍ଷେତ୍ର ପାଲଟିଲା ଫିଲ୍ଡ



ନୂଆଦିଲ୍ଲୀ : ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ମ୍ୟାଚ ୨ ରୁ ୬ ଜୁଲାଇ ପର୍ଯ୍ୟନ୍ତ ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚରେ ପରାଜୟର ସାମ୍ନା କରିଥିବା ଟିମ ଇଣ୍ଡିଆ ପ୍ରତ୍ୟାବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛି। ଏଥିପାଇଁ ଦଳର ଖେଳାଳିମାନେ କଠିନ ପରିଶ୍ରମ କରୁଛନ୍ତି। କିନ୍ତୁ ଏହି ପ୍ରସ୍ତୁତି ମଧ୍ୟରେ ଏକ ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି, ଯେଉଁଠାରେ ଦଳର ଦୁଇ ଖେଳାଳି ନିଜ ପ୍ରଶିକ୍ଷକଙ୍କ ସହିତ କୁସ୍ତି କରୁଥିବାର ଦେଖାଯାଇଛି। ଭାରତୀୟ ଦଳର ଖେଳାଳିମାନଙ୍କ ଅଭ୍ୟାସ ଅଧିବେଶନ ସମୟରେ ଏକ ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଛି। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ଆକାଶ ଦୀପ ଟିମ ଇଣ୍ଡିଆର ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲଙ୍କ ସହିତ ଡବ୍ଲୁଡବ୍ଲୁଇ (କୁସ୍ତି) କରିଥିଲେ। ଏହା ଏକ ଗମ୍ଭୀର ମ୍ୟାଚ ନ ଥିଲେ ବି ଖେଳାଳି ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ପାରସ୍ପରିକ ବନ୍ଧୁତା ଏବଂ ମଜାର ଏକ ଅଂଶ ଥିଲା।

ହସ ଏବଂ ଖେଳ ସମୟରେ ଏହି ମୁହୂର୍ତ୍ତକୁ ତିନିଜଣ ଉପଭୋଗ କରିଥିଲେ, ଏବଂ ସେମାନଙ୍କର ଦୁଷ୍ଟାମି କ୍ୟାମେରାରେ କଏଦ ହୋଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଛି। ପ୍ରଶଂସକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି। ଏହି ଭିଡିଓରେ, ମୋର୍ନେ ମୋର୍କେଲ ପ୍ରଥମେ ଅର୍ଶଦୀପ ସିଂହଙ୍କ ସହିତ ମଜା କରୁଥିବାର ଦେଖାଯାଇଥିଲା। କିନ୍ତୁ ପରେ ଅର୍ଶଦୀପ ସିଂହ, ଆକାଶ ଦୀପଙ୍କ ସହିତ ମିଶି ମୋର୍ନେ ମୋର୍କେଲଙ୍କୁ ତଳେ ପକାଇ ଦେଇଥିଲେ। ତା'ପରେ ମୋର୍ନେ ମୋର୍କେଲ ପୁଣି ଥରେ ଅର୍ଶଦୀପ ସିଂହଙ୍କ ସହିତ ଲଢୁଥିବାର ଦେଖାଯାଇଥିଲା। ଏଜବାଷ୍ଟନ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିବା ଟିମ ଇଣ୍ଡିଆ ପାଇଁ ସହଜ ହେବ ନାହିଁ। ଏଜବାଷ୍ଟନରେ ଟିମ ଇଣ୍ଡିଆର ରେକର୍ଡ ବହୁତ ଖରାପ। ଭାରତୀୟ କ୍ରିକେଟ ଦଳ ଏପର୍ଯ୍ୟନ୍ତ ଏଜବାଷ୍ଟନରେ ୮ଟି ମ୍ୟାଚ ଖେଳିଛି। ଏଥିମଧ୍ୟରୁ ୭ଟି ହାରିଛି ଏବଂ ଗୋଟିଏ ମ୍ୟାଚ ଡ୍ର' ଥିଲା।

### ୪୮ ଘଣ୍ଟାରେ ୱେଷ୍ଟଇଣ୍ଡିଜ୍‌କୁ ଲାଗିଲା ଆଉ ଏକ ବଡ଼ ଝଟ୍‌କା

# ଥାର୍ଡ ଅମ୍ପାୟାରଙ୍କ ନିଷ୍ପତ୍ତି ଉପରେ ଆପତ୍ତି ଉଠାଇ ଦଣ୍ଡିତ ହେଲେ ଡାରେନ୍ ସାମି

ନୂଆଦିଲ୍ଲୀ : ବାରବାଡୋସର ବ୍ରିଜଟାଉନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ୧୫୯ ରନରେ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ ରେ ଆଗୁଆ ରହିଛି। ଏହି ଟେଷ୍ଟ ମ୍ୟାଚରେ ଅନେକ ବିବାଦୀୟ ନିଷ୍ପତ୍ତି ହୋଇଥିଲା, ଯାହା ୱେଷ୍ଟଇଣ୍ଡିଜ ଦଳକୁ କ୍ଷତି ପହଞ୍ଚାଇଛି। ଦଳର ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମିଙ୍କୁ ଥାର୍ଡ ଅମ୍ପାୟରଙ୍କ ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ଦଣ୍ଡିତ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ ସମୟରେ, ସାମି ଅନେକ ନିଷ୍ପତ୍ତି ଉପରେ ଆପତ୍ତି କରିଥିଲେ, ଯେଉଁଥିପାଇଁ ଅନ୍ତର୍ଜାତୀୟ



କ୍ରିକେଟ ପରିଷଦ (ଆଇସିସି) ତାଙ୍କ ଉପରେ ଜରିମାନା ଲଗାଇଛି। ଏହା ୪୮ ଘଣ୍ଟା ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳକୁ ଦୁଇଗୁଣ ଝଟକା ଦେଇଛି।

ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ, ତୃତୀୟ ଅମ୍ପାୟର ଆଡ୍ରିଆନ ହୋଲ୍ଡଷ୍ଟକ ଦ୍ୱାରା ମୋଟ ୫ ଏପରି ନିଷ୍ପତ୍ତି ଦିଆଯାଇଥିଲା, ଯାହାକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହି ନିଷ୍ପତ୍ତି ମଧ୍ୟରୁ ଚାରୋଟି ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି ଏକ ଖବରଦାତା ସମ୍ମିଳନୀରେ ତୃତୀୟ ଅମ୍ପାୟରଙ୍କ ନାମ ନେଇ ଏହି ନିଷ୍ପତ୍ତିଗୁଡ଼ିକୁ ଟାର୍ଗେଟ କରିଥିଲେ।

ଏହା ପରେ ଓଉଉ ସାମିଙ୍କ ଉପରେ ୧୫ ପ୍ରତିଶତ ମ୍ୟାଚ ଫି ସହିତ ଡିମେରିଟ ପଏଣ୍ଟ ଜରିମାନା ଲଗାଇଛି। ଏହା ବ୍ୟତୀତ, ଓଉଉ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଜାଡେନ ସିଲ୍ସଙ୍କ ଉପରେ ମଧ୍ୟ ମ୍ୟାଚ୍ ଫିର ୧୫% ଜରିମାନା ଲଗାଇଛି। ସୂଚନାଯୋଗ୍ୟ, ମ୍ୟାଚ ପରେ, ଆୟୋଜକ ଦଳର ପ୍ରଶିକ୍ଷକ ଡାରେନ ସାମି ଖବରଦାତା ସମ୍ମିଳନୀରେ କହିଥିଲେ ଯେ ଭୁଲ ନିଷ୍ପତ୍ତି ଯୋଗୁ ମ୍ୟାଚର ଫଳାଫଳ ଆମ ବିପକ୍ଷରେ ଗଲା। ଯେତେବେଳେ କୌଣସି ବିଷୟରେ ସନ୍ଦେହ ଥାଏ, ସେତେବେଳେ ଏହା ଉପରେ ସ୍ୱର ଉଠାଇବା ଉଚିତ। ଯେତେବେଳେ ଆପଣ ଗୋଟିଏ ପରେ ଗୋଟିଏ ଏପରି ନିଷ୍ପତ୍ତି ଦେଖନ୍ତି, ସେତେବେଳେ ପ୍ରଶ୍ନ ଉଠିବା ନିଶ୍ଚିତ। ସାମିଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ ମଧ୍ୟ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୨୯ ଜୁନ୍ - ୫ ଜୁଲାଇ ୨୦୨୫ ଯୁଦ୍ଧରେ ଥରୁଛି ମଧ୍ୟପ୍ରାଚ୍ୟ




ଆହୁରି ଭୀଷଣ ହେଉଛି ଇସ୍ରାଏଲ ଇରାନ ଯୁଦ୍ଧ। ଉଭୟ ପଟରୁ ବର୍ଷୁଛି ମିସାଇଲ। ଘନ ଘନ ଜାରି ରହିଛି ବୋମା ମାଡ଼। ତେହେରାନରେ ଧ୍ୱଂସ ଘଟାଇଛି ଇସ୍ରାଏଲ। ଇରାନ୍‌ର ଆଖି, ଛାତିକୁ ହିଟ୍ କରୁଛି ଶକ୍ତିଶାଳୀ ମିସାଇଲ। ଖୋଜି ଖୋଜି ଇରାନ୍‌ର ଆଣବିକ କେନ୍ଦ୍ରକୁ ଟାର୍ଗେଟ୍ କରୁଛି। ସେପଟେ ଇରାନର ଆକ୍ରମଣରେ ଇସ୍ରାଏଲ ମଧ୍ୟ କ୍ଷତି ସହିଛି। ଇରାନର ଆକ୍ରମଣ ପରେ, ଇସ୍ରାଏଲ ଏବେ ଏକ ବଡ଼ ଆକ୍ରମଣ ପାଇଁ ଚଳାଇଛି ପ୍ଲାନିଂ।

**ଜାତୀୟ:** ଦୁଃଖଦ ଉଡ଼ାଣ
**ଅନ୍ତର୍ଜାତୀୟ:** ବିଗ୍ ଗେମ୍
**ବିଶେଷ ପ୍ରସଙ୍ଗ:** କଫି ହବ୍ 'କୋରାପୁଟ'
**ନାରୀ:** : ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତିଦେବ ଡାର୍କ ଚକୋଲେଟ୍
**କ୍ଷୁଦ୍ରଗଳ୍ପ:** ଦଣ୍ଡାବାଲୁଙ୍ଗା
**ଚଳଚ୍ଚିତ୍ର:** ଅପରାଜିତା ଅରୁଣା ଚଳଚ୍ଚିତ୍ର: ମୋନାଲିସାଙ୍କ କାର
**ଖେଳ:** : ଓଡ଼ିଶାକୁ ସ୍ୱର୍ଣ୍ଣ, ୧୫ ଦିନରେ ଭାଙ୍ଗିଲା ବିବାହ
**ମୀନାବଜାର:** କୁହୁକ ମଲମ, ଚର୍ଚ୍ଚାରେ: ମଣିଷକୁ ଜିଅନ୍ତା ଚୋବାଇଦେଲା Piranhas ମାଛ, ବିଜ୍ଞାନ: ଗୋଟିଏ ଗଛରେ ୩୫୦ ପ୍ରକାରର ଆମ୍ବ, ପର୍ଯ୍ୟଟନ: ଆଦି ଶକ୍ତିପୀଠ ମା' ତାରାତାରିଣୀ, ଧର୍ମ: ଅସୀମ ଅଲାରନାଥଙ୍କ କରୁଣା, କବିତା: ପହିଲି ମୌସୁମୀ ବାଆ, ଜାଣନ୍ତି କି ? : ଦଶନ୍ଧିର ବଡ଼ ବିମାନ ଦୁର୍ଘଟଣା, ସ୍ୱାସ୍ଥ୍ୟ: ଆଙ୍ଗୁରଗଣ୍ଠି ପାଇଁ ଆପଣାନ୍ତୁ ଏହି ଟିପ୍ସ, ବାସ୍ତୁ: ଘର କିଣିବାବେଳେ ମନେ ରଖନ୍ତୁ, ସତନ୍ତ୍ର ପ୍ରସଙ୍ଗ: ଭକ୍ତ ଶ୍ରେଷ୍ଠ ସାଲବେଗ, ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ୬୧ତମ ରାଜ୍ୟ ଜୁନିୟର ବାସ୍କେଟ୍‌ବଲ ଚାମ୍ପିୟନସିପ୍ ଉଦ୍‌ଘାଟିତ

ବ୍ରହ୍ମପୁର (ପିପିଏସ୍): ଗୋଳନ୍ଥରାସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଓଡିଶା ବାସ୍କେଟବଲ ଆସୋସିଏସନ୍ କଟକ ପକ୍ଷରୁ ଆୟୋଜିତ ୬୧ ତମ ରାଜ୍ୟ ବାସ୍କେଟବଲ ଚାମ୍ପିୟନସିପ୍ (ଜୁନିୟର ବାଳକ ଓ ବାଳିକା) ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସପି ଡ. ଏମ ଶ୍ରବଣ ବିବେକ, ସମ୍ମାନିତ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ଡିନ୍ ଡ.ପି. ରାଜେଶ କୁମାର, ଓଡ଼ିଶା ବାସ୍କେଟବଲ ସଙ୍ଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସାଧାରଣ



ସମ୍ପାଦକ ଅଶୋକ କୁମାର ସାହୁ, ଉପାଧ୍ୟକ୍ଷ ତଥା ବୈଷୟିକ କମିଟିର ଅଧ୍ୟକ୍ଷ ଶରତ ମହାପାତ୍ର, ଓଡ଼ିଶା ବାସ୍କେଟବଲ ସଙ୍ଘର ଉପସଭାପତି ନିରୋଜ ବନ୍ଧୁ ଯାଦବ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ପରିଷଦ ସଦସ୍ୟ ସନ୍ତୋଷ ମହାନ୍ତି, ସତୀଶ ସାହୁ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ବିଭିର୍ନ ଜିଲ୍ଲା ଏବଂ କ୍ଲବରୁ ୨୯ ଜଣ ବାଳକ ଦଳ ଏବଂ ୧୪ ଜଣ ବାଳିକା ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜିର ପ୍ରତିଯୋଗିତାରେ ୧୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବାଧିକ ୬୪୦ ଜଣ ପ୍ରତିଯୋଗୀ ତଥା ଖେଳ ପରିଚାଳକ, ସ୍ୱେଚ୍ଛାସେବକ ମାନେ ଅଂଶଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗିତା ୨୯ ଜୁନ- ୨ ଜୁଲାଇ ପ୍ରର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାକୁ ନିଷ୍ଟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆଇସିସି ରାଙ୍କିଙ୍ଗ: ଟେଷ୍ଟ ବ୍ୟାଟରଙ୍କ ତାଲିକା ପ୍ରକାଶ

ନୂଆଦିଲ୍ଲୀ: ଲିଡ୍ସ ଟେଷ୍ଟରେ ଦୁଇଟି ଯାକ ଇନିଂସରେ ଶତକ (୧୩୪ ଓ ୧୧୮) ମାରିଥିବା ଋଷଭ ପନ୍ତ ସଦ୍ୟ ପ୍ରକାଶିତ ଆଇସିସି ରାଙ୍କିଙ୍ଗରେ ଟେଷ୍ଟ ବ୍ୟାଟରଙ୍କ ତାଲିକାରେ ସପ୍ତମ ସ୍ଥାନରେ ରହିଛନ୍ତି। ସେ ୮୦୧ ପଏଣ୍ଟ ପାଇ ଏହି ସ୍ଥାନରେ ରହିଛନ୍ତି। ଏହି ତାଲିକାର ଟପ୍ ଟେନ୍‌ରେ ଆଉ ଜଣେ ଭାରତୀୟ ବ୍ୟାଟର ଅଛନ୍ତି। ତାଙ୍କ ନାଁ ଯଶସ୍ୱୀ ଜୈସୱାଲ। ସେ ୮୫୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ଲିଡ୍ସରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସେ ଶତକ ମାରିଥିଲେ। ସେ ୧୫୯ଟି ବଲ୍‌ରୁ ୧୦୧ ରନ୍ କରିଥିଲେ।

ଲିଡ୍ସରେ ଇଂଲଣ୍ଡ ବିରୋଧରେ ଟେଷ୍ଟ କ୍ୟାପଟେନ୍ସିରେ ଡେବ୍ୟୁ କରିଥିବା ଶୁବମନ ଗିଲ ଏହି ତାଲିକାର ଶ୍ରେଷ୍ଠ ୨୦ ଭିତରେ



ସ୍ଥାନ ପାଇଛନ୍ତି। ସେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଇନିଂସରେ ୧୪୭ ରନ୍ କରିଥିଲେ। ସେହିପରି ଲିଡ୍ସ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ (୧୩୭ ରନ୍) କରିଥିବା କେଏଲ ରାହୁଲ ୧୦ଟି ସ୍ଥାନ ଉପରକୁ ଉଠି ୩୮ ନମ୍ବରରେ ରହିଛନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଇଂଲଣ୍ଡର ବ୍ୟାଟର ଜୋ ରୁଟ୍। ସେ ୮୮୯ ପଏଣ୍ଟ ପାଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଇଂଲଣ୍ଡର ହ୍ୟାରୀ ବ୍ରୁକ୍। ସେ ୮୭୪ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଲିଡ୍ସରେ ଗତକାଲି ଶେଷ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୯୯ ରନ୍‌ର ଏକ ଭଲ ପାଳି ଖେଳିଥିଲେ ବ୍ରୁକ୍। ସେହିପରି ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୪୯ (୧୭୦ ବଲ୍, ୨୧ ଚୌକା ଓ ଗୋଟିଏ ଛକା) ରନ୍ କରି ଇଂଲଣ୍ଡର ବିଜୟରେ ବଡ଼ ଭୂମିକା ଗ୍ରହଣ କରିଥିବା ବେନ ଡକେଟ ଆଇସିସି ଟେଷ୍ଟ ରାଙ୍କିଙ୍ଗର ବ୍ୟାଟରଙ୍କ ତାଲିକାରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ୬୨ ରନ୍ କରିଥିଲେ।

ଇଂଲଣ୍ଡର ଓଲି ପପ୍ ୧୯ ନମ୍ବର ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସେ ୧୦୬ ରନ୍ କରିଥିଲେ। ଏହି ତାଲିକାରେ ନ୍ୟୁଜିଲ୍ୟାଣ୍ଡର କେନ ୱିଲିୟମସନ ୮୬୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଥିବା ବେଳେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ (୮୨୪) ୫ମ, ଦକ୍ଷିଣ ଆଫ୍ରିକାର ଟେମ୍ବା ବଭୁମା (୮୦୬) ଷଷ୍ଠ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ (୭୩୯) ନବମ ଓ ପାକିସ୍ତାନର ସଉଦ ଶକୀଲ (୭୨୫) ୧୦ ନମ୍ବର ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, ଲିଡ୍ସରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ୫ ୱିକେଟରେ ପରାସ୍ତ ହୋଇଛି। ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୩୬୪ ରନ୍ କରିଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୩୭୩ ରନ୍ କରିଥିଲା।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583